ଅଭିଷେକଙ୍କ ଅଭୂତପୂର୍ବ ବ୍ୟାଟିଂ

ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 214 ଭାଗ ୩୪ | ସଂଖ୍ୟା ୨୧୪ | Wednesday 28 October 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୨୮ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

Ministry of Home Affairs
Government of India

CBC 19101/13/0021/2627

ସବୁ ଦେଶ ମଧ୍ୟରେ,
ଆମ ଦେଶ ସବୁଠାରୁ ଗୌରବମୟ

ଆଭ୍ୟନ୍ତରୀଣ ସୁରକ୍ଷା ବାହିନୀକୁ ସଲାମ

ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଏକତାର ବିବିଧ ରଙ୍ଗ ଦେଖନ୍ତୁ, ଗୋଟିଏ ସ୍ଥାନରେ

ଭାରତ ପର୍ବ
୧ ରୁ ୧୫ ନଭେମ୍ବର, ୨୦୨୬
ଏକତା ନଗର, ଗୁଜରାଟ

Rashtriya Ekta Diwas
31st OCTOBER, 2026
Statue of Unity, Ekta Nagar, Gujarat

ସୂଚନା ଏବଂ ରହିବା ପାଇଁ ସ୍ଥାନ ବୁକ୍ କରିବାକୁ ସ୍କାନ କରନ୍ତୁ
କିମ୍ବା ପରିଦର୍ଶନ କରନ୍ତୁ rashtriyaektadiwas.com

ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ

ମେଲିଲାଣି ଆଖି

ଭୋର୍‌ରେ ଲ୍ୟାଣ୍ଡଫଲ୍



ସ୍ଥଳଭାଗ ଛୁଇଁସାରିଛି ବାତ୍ୟାର ବାହ୍ୟ ବଳୟ
ଦକ୍ଷିଣ ଓଡ଼ିଶାରେ ଘୁଘୁ ପବନ ସହ କାଚୁଛି ବର୍ଷା
ଉପକୂଳ ଜିଲ୍ଲାଗୁଡ଼ିକରେ ବି ଲାଗିରହିଛି ବର୍ଷା
ରେଡ୍ ଜୋନରେ ରହିଛନ୍ତି ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ
୪୮,୦୧୦ ଜଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର
ସୁରକ୍ଷା ଦୃଷ୍ଟିର ଦୁଇ ଦିନ ଗଡ଼ିବନି ଘରୋଇ ବସ୍

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଆସନ୍ତାକାଲି ପୂର୍ବାହ୍ନରେ ସ୍ଥଳଭାଗ ଛୁଇଁବା ନେଇ ପୂର୍ବରୁ ଆକଳନ କରାଯାଇଥିଲା। ତେବେ ଏହା ଅପେକ୍ଷାକୃତ ଶୀଘ୍ର ସ୍ଥଳଭାଗ ଛୁଇଁବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ବାତ୍ୟା ୨୮ ତାରିଖ ରାତି ରାତି ୨ଟାରୁ ଭୋର୍ ୪ଟା ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ।

ଅନ୍ୟପକ୍ଷରେ ଖବର ଲେଖାଯିବା ବେଳକୁ ବେଳକୁ ବାତ୍ୟାର ବାହ୍ୟ ବଳୟ ସ୍ଥଳଭାଗ ଛୁଇଁସାରିଥିଲା। ତେବେ ବାତ୍ୟାର ଦିଗରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା କହିଥିଲେ। ଆନ୍ଧ୍ର ପ୍ରଦେଶର ବାପଟାଲା ଓ ବିଶାଖାପାଟଣା ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଲ୍ୟାଣ୍ଡଫଲ ପୂର୍ବରୁ 'ଅର୍ଣ୍ଣବ'ର ଆଖି ମେଲିବା ସହ ଫାଟିବା ଆରମ୍ଭ ହୋଇଥିଲା।

ଏହାର ପ୍ରଭାବରେ ରାଜ୍ୟରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଦକ୍ଷିଣ ଓଡ଼ିଶାରେ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ଉପକୂଳ ଓଡ଼ିଶାରେ ଲଗାଣ ବର୍ଷା ଜାରି ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ଆକଳନ କରି ରାଜ୍ୟ ସରକାର ଜିରୋ କାଜୁଆଲ୍‌ଟି ଲକ୍ଷ୍ୟରେ ପୃଷ୍ଠା-୬

ନବୀନଙ୍କୁ ମୋହନ ମାଝୀଙ୍କ ଚିଠି

କୋଟିଆ ପ୍ରସଙ୍ଗରେ ଦେଲେ ରୋକଠୋକ ଜବାବ

ରାଜନୀତି ନୁହେଁ, ଆଇନଗତ ସମାଧାନ ଜରୁରୀ

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): କୋଟିଏ ସୀମା ବିବାଦକୁ ନେଇ ରାଜନୈତିକ ବିବାଦ ଥମିବାର ନାଁ ନଉନାହିଁ। ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚିଠିର ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଟିଆ ଗୋଷ୍ଠୀ ଗ୍ରାମ ୧୯୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନ ସମୟରୁ ଓଡ଼ିଶାର ଅଂଶ ଏବଂ ରାଜ୍ୟ ସରକାର ରାଜ୍ୟର ଭୌଗୋଳିକ ଅଖଣ୍ଡତା ରକ୍ଷା ପାଇଁ ଦୃଢ଼ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ପୃଷ୍ଠା-୬

ଆଇଏଏସ୍ ସ୍ତରରେ ଅଦଳବଦଳ

ପୋମା ଟୁଡୁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ

ବ୍ରହ୍ମପୁରକୁ ଫେରିଲେ କୁଲାଙ୍ଗେ, ବିଡିଏରୁ ହଟିଲେ ଚଞ୍ଚଳ
ଡେପୁଟେସନରୁ ଫେରି ଏନଏଚଏମ ନିର୍ଦ୍ଦେଶକ ହେଲେ ଗାଭାଲୀ
ଖୁବ୍‌ଶୀଘ୍ର ସଚିବ ସ୍ତରରେ ପରିବର୍ତ୍ତନ ସମ୍ଭାବନା

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ବାତ୍ୟା ମୁକାବିଲା ନେଇ ସବୁ ବିଭାଗ ଜୋରଦାର ପ୍ରସ୍ତୁତି ଚଲାଇଥିବା ବେଳେ ରାଜ୍ୟ ସରକାର ଆଇଏଏସ ସ୍ତରରେ ବଡ଼ ଅଦଳବଦଳ କରିଛନ୍ତି। ୮ ଜଣ ଆଇଏଏସ୍ ଅଧିକାରୀଙ୍କୁ ନୂଆ ନିଯୁକ୍ତି ଓ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର। ବରିଷ୍ଠ ଆଇଏଏସ୍ ଡ. ପୋମା ଟୁଡୁଙ୍କୁ ମିଳିଛି କୃଷି ଓ ଖାଦ୍ୟ ଉତ୍ପାଦକ ବିଭାଗର ଦାୟିତ୍ୱ। ସେ ଏବେ ଏହି ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ପାଇଛନ୍ତି। ପୂର୍ବରୁ ଡକ୍ଟର ଟୁଟୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ରହିଥିଲେ। ଏଥିସହ ସେ ଖାଦ୍ୟ ସୁରକ୍ଷା କମିଶନର ଓ ଟିଡିସିସିଓଏଲର ପରିଚାଳନା ନିର୍ଦ୍ଦେଶକ ମଧ୍ୟ ଥିଲେ। ଏବେ ସେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ସହ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ତୁଲାଇବେ।

ପୂର୍ବରୁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନର ଆରଡିସି ଭାବେ ଦାୟିତ୍ୱରେ ଥିବା ଆଇଏଏସ୍ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ମଧ୍ୟ ନୂଆ ଦାୟିତ୍ୱ ମିଳିଛି। ଏବେ ସେ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ଆରଡିସି ଭାବେ ଦାୟିତ୍ୱ ତୁଲାଇବେ। ଏଥିସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ରହିବେ। ଆଇଏଏସ୍ ଶୁଭମ ସକ୍ସେନା ପୂର୍ବରୁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ରହିଥିଲେ। କିନ୍ତୁ ଏବେ ସେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ ହୋଇଛନ୍ତି। ବିଡିଏ ଉପାଧ୍ୟକ୍ଷ ଦାୟିତ୍ୱରୁ ୨୦୧୪ ବ୍ୟାଚ୍ ଆଇଏଏସ୍ ଚଞ୍ଚଳ ରାଣାଙ୍କୁ ପୃଷ୍ଠା-୬

ଦୁର୍ନୀତି ନିବାରଣରେ ଆଇଟି ପ୍ରୟୋଗକୁ ଗୁରୁତ୍ୱ

ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ
ଦୁର୍ନୀତି ଅଭିଯୋଗରେ ୪୧ ସରକାରୀ କର୍ମଚାରୀ ବହିଷ୍କୃତ
୯୧ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍ ବନ୍ଦ
ଓଡ଼ିଶା ଭିଜିଲାନ୍ସ ଦେଶର ଅଗ୍ରଣୀ ଦୁର୍ନୀତି ନିବାରଣ ସଂସ୍ଥା

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ପୂର୍ବ ପରି ଶାସନ ଆଇଭରି ଟାୱାରରୁ ଚାଲୁନାହିଁ, ସରକାର ଲୋକଙ୍କ ପାଖକୁ ଯାଉଛନ୍ତି, ଲୋକଙ୍କ କଥା ଶୁଣୁଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ କାର୍ଯ୍ୟକ୍ରମ ଅବସରରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚେତାବନୀ ଦେଇ କହିଛନ୍ତି।

ସେ କହିଛନ୍ତି ଯେ ଆମ ସରକାରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ଦୁର୍ନୀତିକୁ ରୋକିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନେ ତାଙ୍କ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ଦୁର୍ନୀତି ବିଷୟରେ ଅବଗତ କରାଉଛନ୍ତି ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି। ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପଦାଧିକାରୀ ଓ ଅତିଥିମାନଙ୍କୁ ଦୁର୍ନୀତି ବିରୋଧରେ ସାଧୁତାର ଶପଥ ପାଠ କରାଇ କହିଥିଲେ ଯେ ଭିଜିଲାନ୍ସ ବିଭାଗ ହେଉଛି ଗୁଡ୍ ଗଭର୍ଣ୍ଣାନ୍ସର ଆଖି ଓ କାନ। ଗୁଡ୍ ଗଭର୍ଣ୍ଣାନ୍ସ ମାନେ କେବଳ ନୀତି ଓ ଯୋଜନା ପ୍ରଣୟନ କରିବା ନୁହେଁ, ଏହାର ପ୍ରକୃତ ଅର୍ଥ ହେଉଛି ଦୁର୍ନୀତିକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇ ଉଦ୍ଦିଷ୍ଟ ଅର୍ଥ ଯେଉଁ କାରଣ ପାଇଁ ପ୍ରାବଧାନ କରାଯାଇଛି, ଯାହାଙ୍କ ପାଇଁ କରାଯାଇଛି, ତାଙ୍କ ପାଖରେ ପହଞ୍ଚିବାକୁ ଶତପ୍ରତିଶତ ସୁନିଶ୍ଚିତ କରିବା। ତେଣୁ ରାଜ୍ୟର ପ୍ରଗତି ସହିତ ତାଳ ମିଳାଇ ଆମ ସରକାର ଓଡ଼ିଶା ଭିଜିଲାନ୍ସକୁ ଅଧିକ ଦକ୍ଷ ଓ ଶକ୍ତିଶାଳୀ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜେଏଏମ ବ୍ୟବସ୍ଥା ପାଇଁ ତାଙ୍କୁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଟେକ୍ନୋଲୋଜିକୁ ବ୍ୟବହାର କରି ପ୍ରଧାନମନ୍ତ୍ରୀ ତୃଣମୂଳ ସ୍ତରରେ ଦୁର୍ନୀତିକୁ ସମ୍ପୂର୍ଣ୍ଣ ମୂଲୋତ୍ପାଟନ କରିଛନ୍ତି। ବାଟମାରଣା ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଏହି ବ୍ୟବସ୍ଥା ଗରିବଙ୍କ ପାଇଁ ଭଗବାନଙ୍କ ବରଦାନଠାରୁ କିଛି କମ୍ ନୁହେଁ ବୋଲି ସେ କହିଛନ୍ତି। ପୃଷ୍ଠା-୬

ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅବହେଳା

୬ ଜିଲ୍ଲାର ଏଡିଏମ୍‌ଙ୍କୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): କଠୋର ହେଲା ରାଜ୍ୟ ସମବାୟ ବିଭାଗ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅବହେଳା ଅଭିଯୋଗରେ ୬ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ)ଙ୍କୁ ଜାରି ହେଲା କାରଣ ଦର୍ଶାଅ ନୋଟିସ୍। ୭ ଦିନ ମଧ୍ୟରେ ଲିଖିତ ଭାବେ ଜବାବ ଦାଖଲ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅନ୍ତର୍ଗତ ଫସଲ କଟା ପରୀକ୍ଷଣ (ସିସିଇ)ର ତଥ୍ୟ ଅନଲାଇନରେ ଅପଲୋଡ୍ କରିବାରେ ବିଫଳତାକୁ ନେଇ ବିଭାଗ ଏହି କଠୋର ପଦକ୍ଷେପ ନେଇଛି। ଫସଲ କଟା ପରୀକ୍ଷଣର ତଥ୍ୟ ବୀମା ଯୋଜନାରେ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହାର ଅପଲୋଡରେ ଅବହେଳାକୁ ବିଭାଗ ଗୁରୁତ୍ୱର ସହ ନେଇଛି। ନୋଟିସ୍ ପାଇଥିବା ଜିଲ୍ଲାଗୁଡ଼ିକ ହେଉଛି ଭଦ୍ରକ, ସୁନ୍ଦରଗଡ଼, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ ଓ ଗଜପତି।

ଚୂଡ଼ାନ୍ତ ତାଲିକାରୁ କୋଟିଏ ବାଦ

ଏସ୍‌ଆଇଆର୍‌ର ବୈଧତାକୁ ନେଇ ଉଠିଲା ପ୍ରଶ୍ନ

ବେଙ୍ଗାଲୁରୁ, ୨୭।୧୦: ଦେଶବ୍ୟାପୀ ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ପ୍ରଚଣ୍ଡ ରାଜନୈତିକ ଝଡ଼ ଚାଲିଥିବା ବେଳେ କର୍ଣ୍ଣାଟକର ଚୂଡ଼ାନ୍ତ ରିପୋର୍ଟ ସାରା ଦେଶରେ ସ୍ତବ୍ଧତା ସୃଷ୍ଟି କରିଛି। କର୍ଣ୍ଣାଟକର ଚୂଡ଼ାନ୍ତ ଭୋଟର ତାଲିକାରୁ ୧ କୋଟିରୁ ଅଧିକ ନାଗରିକଙ୍କ ନାମ ବାଦ୍ ପଡ଼ିବା ପରେ ବାଦ୍ ପଡ଼ିଥିବା ଲୋକମାନେ କ'ଣ କର୍ଣ୍ଣାଟକର ନୂହନ୍ତ କି ବୋଲି ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ପୂର୍ବରୁ ମୋଟ ୫.୫୪ କୋଟି ପଞ୍ଜିକୃତ ଭୋଟର ଥିଲେ। କିନ୍ତୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ବେଳକୁ ଏହି ସଂଖ୍ୟା ଭୟଙ୍କର ଭାବେ ହ୍ରାସ ପାଇ ୪.୫୪ କୋଟି (୪, ୫୪, ୫୫, ୬୮୯)ରେ ପହଞ୍ଚିଛି। ପ୍ରକ୍ରିୟା ମଧ୍ୟରେ ୧, ୦୮, ୭୬, ୬୨୫ (୧.୦୮ ପୃଷ୍ଠା-୬

ବିବାଦୀୟ ଗ୍ରାମପୁଞ୍ଜ ଓଡ଼ିଶାର ଅସ୍ମିତା ଓ ଅଭିମାନ

ପ୍ରୋଗ୍ରେସ ରିପୋର୍ଟର ରୂପରେଖ ଦେଲେ ରାଜସ୍ୱ ମନ୍ତ୍ରୀ
ସର୍ବାଙ୍ଗୀନ ବିକାଶ ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ
ସ୍ଥାନୀୟ ଲୋକଙ୍କୁ ନେଇ ଗଠନ ହେବ ସହଭାଗିତା କମିଟି

ଭୁବନେଶ୍ୱର, ୨୭।୧୦ (ସଂଚାର ବ୍ୟୁରୋ): କୋଟିଆକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଟିଆର ସାମଗ୍ରିକ ବିକାଶ ସମ୍ପର୍କରେ ବିସ୍ତୃତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ ମନ୍ତ୍ରୀ କୋଟିଆର ସର୍ବାଙ୍ଗୀନ ବିକାଶ ନିମନ୍ତେ ଓଡ଼ିଶା ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ଗୁରୁତ୍ୱାରୋପ କରି କୋଟିଆର ଜନସାଧାରଣଙ୍କ ପ୍ରତିଟି ସ୍ୱାର୍ଥ ରକ୍ଷା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଓ ରହିବ। ସୁତରାଂ ସୁପ୍ରିମକୋର୍ଟଙ୍କ ନିଷେଧାଦେଶକୁ ଅବମାନନା କରି କୋଟିଆରେ ନିର୍ବାଚନ କରାଇବା କାର୍ଯ୍ୟରୁ ଅନ୍ୟ ରାଜ୍ୟ କ୍ଷାନ୍ତ ରହିବା ଉଚିତ। ଓଡ଼ିଶାର ଅସ୍ମିତା ତଥା ଅଭିମାନ କୋଟିଆ ଗ୍ରାମପୁଞ୍ଜର ସ୍ୱାର୍ଥ ରକ୍ଷା ନିମନ୍ତେ ଏବଂ କୋଟିଆର ଜନସାଧାରଣଙ୍କ ପ୍ରତ୍ୟେକ ଦାବିକୁ ଯଥାର୍ଥ ପୂରଣ କରିବା ନିମନ୍ତେ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ବୈଠକରେ କୋଟିଆରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବିକାଶମୂଳକ କାର୍ଯ୍ୟକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଗତ ଦୁଇ ବର୍ଷରେ କୋଟିଆର ବିକାଶ ସଂକ୍ରାନ୍ତରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ଦୁଇ ବର୍ଷ ଭିତରେ କୋଟିଆର ସ୍ୱତନ୍ତ୍ର ବିକାଶ ପାଇଁ ପୃଷ୍ଠା-୬

ଦୋ'ଛକିରେ ପଡ଼ିଛନ୍ତି ଦଳଡିଆଁ ନେତା

ନିଲମ୍ବିତ ନେତା ବି ଅଡୁଆରେ
ଭବିଷ୍ୟତକୁ ନେଇ ଅଙ୍କଳକଷା

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ଯେତିକି ପାଖେଇ ଆସୁଛି ଗତ ନିର୍ବାଚନ ସମୟରେ ରାଜନୈତିକ ସ୍ୱାର୍ଥ ପାଇଁ ଦଳଡିଆଁ କରିଥିବା ନେତାମାନଙ୍କ ଟେନସନ ସେତିକି ବଢ଼ିବାରେ ଲାଗିଛି। ଅନେକ ଦଳଡିଆଁ ନେତା ଦୋ'ଛକିରେ ପଡ଼ିଥିବା ବେଳେ ନିଜ ନିଜର ଭବିଷ୍ୟତ ରାଜନୀତିକୁ ନେଇ ଅଙ୍କ କଷିବାରେ ଲାଗିଛନ୍ତି।

ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି, ବିଜେଡି ଓ କଂଗ୍ରେସକୁ ଅନେକ ନେତା ଡିଆଁ ମାରିଥିଲେ। ବିଶେଷକରି ଯେଉଁମାନେ ନିଜର ମୂଳ ଦଳରୁ ନିର୍ବାଚନ ଲଢ଼ିବାର ସୁଯୋଗ ପାଇଲେ ନାହିଁ, ସେମାନେ ଭବିଷ୍ୟତକୁ ନଜରରେ ରଖି ଅନ୍ୟ ଦଳକୁ ଯାଇଥିଲେ। କିଏ ବିଧାୟକ ହେବ ବୋଲି ଭାବିଥିଲା ତ ଆଉ କିଏ ନୂଆ ଦଳରେ ବଡ଼ ପଦପଦବୀ ପାଇବ ବୋଲି ନିଶ୍ଚିତ ଥିଲା। ହେଲେ ଏବେ ବିଜୟୀଙ୍କଠାରୁ ଆରମ୍ଭ କରି ପରାଜିତଙ୍କ ପର୍ଯ୍ୟନ୍ତ ସମସ୍ତେ ଦୋ'ଛକିରେ ପଡ଼ିଛନ୍ତି।

କାରଣ ହେଉଛି ସେମାନେ ଯେଉଁ ଆଶାରେ ଦଳ ଡେଇଁଥିଲେ ତାହା ପୂରଣ ହୋଇପାରୁନାହିଁ। ନୂଆ ଦଳରେ ସେମାନେ ଏକପ୍ରକାର କୋଣଠେସା। କେହି ସେମାନଙ୍କୁ ଗୁରୁତ୍ୱ ଦେଉନାହାନ୍ତି। ସେମାନଙ୍କର କୌଣସି କଥା ରହୁନାହିଁ। ଆଗାମୀ ଦିନରେ ପଦପଦବୀ କିମ୍ବା ଦଳୀୟ ଟିକଟ ମିଳିବ କି ନାହିଁ, ତାହାକୁ ନେଇ ସନ୍ଦେହରେ। ଫଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ଦୁଇଟି ବଡ଼ ଉଦାହରଣ ହେଉଛନ୍ତି ବିଜେଡିରୁ ପୃଷ୍ଠା-୬

ବିପର୍ଯ୍ୟସ୍ତ ନଦୀଘାଟ ବିଶ୍ରାମସ୍ଥଳୀ

ଭାଙ୍ଗିଲାଣି ପିଲର, ଯାତ୍ରୀଙ୍କ ମୁଣ୍ଡ ଉପରେ ବିପଦ; ମରାମତି ଦାବି

ମହାକାଳପଡ଼ା,୨୭।୧୦ (ସଂଚାର ବ୍ୟୁରୋ): ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡ଼ିଛି ମହାକାଳପଡ଼ା-ଚଣ୍ଡିଆପଲ୍ଲୀ ନଦୀଘାଟ ନିକଟରେ ଥିବା ବିଶ୍ରାମସ୍ଥଳୀ। ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଏହି ବିଶ୍ରାମସ୍ଥଳୀର ପିଲରଗୁଡ଼ିକରେ ଫାଟ ସୃଷ୍ଟି ହେବା ସହ ପ୍ଲାଷ୍ଟର ଖସିବାକୁ ଲାଗିଲାଣି। ଫଳରେ ଏଠାକୁ ଆସୁଥିବା ଯାତ୍ରୀମାନେ ଭୟ ଓ ଆଶଙ୍କା ମଧ୍ୟରେ ବସିବାକୁ ବାଧ୍ୟ ହେଉଛନ୍ତି। ମହାକାଳପଡ଼ା ପଞ୍ଚାୟତ ପକ୍ଷରୁ ୨୦୦୫-୦୬ ଆର୍ଥିକ ବର୍ଷରେ ନିର୍ମିତ ଏହି ବିଶ୍ରାମସ୍ଥଳୀ ଦୀର୍ଘଦିନ ଧରି ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏହାର ଦୁରବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସମ୍ପୃକ୍ତ ପ୍ରଶାସନ ତୁରନ୍ତ ଏହାର ସ୍ଥିତି ଯାଞ୍ଚ କରିବା ସହ ଆବଶ୍ୟକ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

୫ ମାସ ହେଲା ମିଳୁନି ଭିନ୍ନକ୍ଷମ ଭତ୍ତା

ମହାକାଳପଡ଼ା,୨୭।୧୦ (ସଂଚାର ବ୍ୟୁରୋ): ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା ହିଁ ଥିଲା ଜୀବନ ବଞ୍ଚିବାର ଏକମାତ୍ର ଆଶା। ହେଲେ ଦୀର୍ଘ ପାଞ୍ଚ ମାସ ହେଲା ଭିନ୍ନକ୍ଷମ ଭତ୍ତା ମିଳୁନଥିବାରୁ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ଜଣେ ଶତପ୍ରତିଶତ ଭିନ୍ନକ୍ଷମ ବୃଦ୍ଧ। ନିଜେ କାମଧନ୍ଦା କରିବାକୁ ଅକ୍ଷମ। ଅନ୍ୟ କୌଣସି ରୋଜଗାରର ମାଧ୍ୟମ ମଧ୍ୟ ନାହିଁ। ଏଭଳି ସ୍ଥିତିରେ ଦୀର୍ଘ ପାଞ୍ଚ ମାସ ଧରି ଭତ୍ତା ଟଙ୍କା ନମିଳିବା ତାଙ୍କ ଜୀବନକୁ ଅଧିକ ଦୁର୍ବିଷହ କରିଦେଇଛି। ଦୈନନ୍ଦିନ ଜୀବନ କିପରି ଚଳାଇବେ, ସେହି ଚିନ୍ତାରେ କଟୁଛି ତାଙ୍କ ପ୍ରତିଟି ଦିନ।

ଏଭଳି ଏକ ସମ୍ବେଦନଶୀଳ ଘଟଣା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡ଼ା ଗ୍ରାମ ପଞ୍ଚାୟତର ଅମିରାବାଦ (ବାଙ୍କିଛନ୍ଦା) ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ମନେଇ ପାଇଟାଳଙ୍କ ୬୪ ବର୍ଷୀୟ ଅବିବାହିତ ପୁଅ ଯଜ୍ଞେଶ୍ୱର ପାଇଟାଳ ଶତପ୍ରତିଶତ ଭିନ୍ନକ୍ଷମ। ସେ କଥା କହିବାକୁ ମଧ୍ୟ

ଅକ୍ଷମ। ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ। ଏପରି ସ୍ଥିତିରେ ସରକାରଙ୍କ ପକ୍ଷରୁ ମିଳୁଥିବା ଭିନ୍ନକ୍ଷମ ଭତ୍ତା ତାଙ୍କ ପାଇଁ ଥିଲା ଜୀବନଧାରଣର ଏକ ପ୍ରମୁଖ ସହାୟତା।

କିନ୍ତୁ ଗତ ପାଞ୍ଚ ମାସ ଧରି ଭତ୍ତା ଟଙ୍କା ମିଳୁନଥିବାରୁ ତାଙ୍କ ସମ୍ମୁଖରେ ଏବେ ଜୀବନଜୀବିକାକୁ ନେଇ ଗୁରୁତର ସମସ୍ୟା ଦେଖାଦେଇଛି। ଶାରୀରିକ ଅକ୍ଷମତା ଯୋଗୁଁ ସେ ନିଜେ ରୋଜଗାର କରିବାରେ ଅସମର୍ଥ। ଭତ୍ତା ଟଙ୍କା ନମିଳିବାରୁ ତାଙ୍କ ଦୈନନ୍ଦିନ ଆବଶ୍ୟକତା କିପରି ପୂରଣ ହେବ, ତାହାକୁ ନେଇ ଚିନ୍ତା ବଢ଼ିଛି। ଆର୍ଥିକ ସହାୟତାର ଏକମାତ୍ର ଆଶା ଭତ୍ତା ମଧ୍ୟ ବନ୍ଦ ହୋଇଯିବାର ଆଶଙ୍କା ତାଙ୍କୁ ଆହୁରି ଚିନ୍ତାରେ ପକାଇଛି। ଏଭଳି ପରିସ୍ଥିତିରେ ଜୀବନ ଚଳାଇବା ତାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି।

ଶତପ୍ରତିଶତ ଭିନ୍ନକ୍ଷମ ଯଜ୍ଞେଶ୍ୱରଙ୍କ ଜୀବନ ଦୁର୍ବିଷହ

କେମିତି ଚଳିବେ ଚିନ୍ତାରେ କଟୁଛି ଦିନ

ସରକାର ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନ କରି ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ମାତ୍ର ଯଜ୍ଞେଶ୍ୱରଙ୍କ ଭଳି ଶତପ୍ରତିଶତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଦୀର୍ଘ ପାଞ୍ଚ ମାସ ଧରି ଭତ୍ତା ନମିଳିବା ଘଟଣା ଯୋଜନାର କାର୍ଯ୍ୟକାରିତା ଓ ହିତାଧିକାରୀଙ୍କ ପ୍ରତି ପ୍ରଶାସନିକ ଦାୟିତ୍ୱବୋଧକୁ ନେଇ ପ୍ରଶ୍ନ ଉଠାଇଛି। ଯଜ୍ଞେଶ୍ୱରଙ୍କ ଭଳି ଅସହାୟ ଓ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ କ୍ଷେତ୍ରରେ ଭତ୍ତା ପ୍ରଦାନରେ ଦୀର୍ଘ ବିଳମ୍ବ ତାଙ୍କ ଜୀବନକୁ ସଙ୍କଟାପନ୍ନ ପରିସ୍ଥିତିକୁ ଠେଲି ଦେଇପାରେ। ତେଣୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଭତ୍ତା ବନ୍ଦ ହେବାର କାରଣ ଅନୁଧ୍ୟାନ କରିବା ସହ ତୁରନ୍ତ ବକେୟା ଭତ୍ତା ପ୍ରଦାନ ଓ ନିୟମିତ ଭତ୍ତା ମିଳିବାର ବ୍ୟବସ୍ଥା କରିବାକୁ ଦାବି ହୋଇଛି।

ହୁକିଟୋଲାରେ କେହି ଫସି ନାହାନ୍ତି, ୨୩ ଜଣ ସୁରକ୍ଷିତ

ବାତ୍ୟା 'ଅର୍ଣ୍ଣବ'କୁ ନେଇ ପ୍ରକାଶିତ ଖବରର ଯାଞ୍ଚ କଲା ପ୍ରଶାସନ

କେନ୍ଦ୍ରାପଡ଼ା, ୨୭।୧୦(ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ସମୟରେ ହୁକିଟୋଲା ଦ୍ୱୀପରେ ଲୋକ ଫସି ରହିଥିବା ଖବରକୁ ନେଇ ତତ୍ପର ହୋଇଛି ଜିଲ୍ଲା ପ୍ରଶାସନ। ଖବରର ସତ୍ୟାସତ୍ୟ ଯାଞ୍ଚ କରିବା ପରେ ସମ୍ପୃକ୍ତ ୨୩ ଜଣ ବ୍ୟକ୍ତି ନିଜ ନିଜ ଘରେ ସୁରକ୍ଷିତ ଥିବା ଜଣାପଡ଼ିଛି। ହୁକିଟୋଲା ଦ୍ୱୀପ କିମ୍ବା ଅନ୍ୟ କୌଣସି ସ୍ଥାନରେ ଲୋକ ଫସି ରହିଥିବା ନେଇ ଯାଞ୍ଚ ସମୟରେ କୌଣସି ପ୍ରମାଣ ମିଳିନାହିଁ।

ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ଜମ୍ବୁ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ସାମୁଦ୍ରିକ ପୌଲିସର ଏକ ଟ୍ରଲର ମାଧ୍ୟମରେ ହୁକିଟୋଲା ଦ୍ୱୀପ ସମେତ ସନ୍ଦେହଜନକ ସ୍ଥାନଗୁଡ଼ିକରେ ଖୋଜାଖୋଜି କରାଯାଇଥିଲା। ବନ ବିଭାଗ ପକ୍ଷରୁ ମଧ୍ୟ ଡଙ୍ଗା ଯୋଗେ ଅନୁରୂପ ଯାଞ୍ଚ କରାଯାଇଥିଲା। ତେବେ ଉଭୟ ବିଭାଗର ଅନୁସନ୍ଧାନରୁ କେହି ଫସି ରହିଥିବା ସୂଚନା ମିଳିନାହିଁ।

ଏଥିସହ ସମ୍ପୃକ୍ତ ଅଞ୍ଚଳର ରେଞ୍ଜର ଓ ଅତିରିକ୍ତ ତହସିଲଦାର କ୍ଷେତ୍ରସ୍ତରରେ ଯାଞ୍ଚ କରି ୨୩ ଜଣଙ୍କ ଉପସ୍ଥିତି ସମ୍ପର୍କରେ ନିଶ୍ଚିତ ହୋଇଛନ୍ତି। ସେମାନେ ନିଜ ନିଜ ଘରେ ଥିବାବେଳେ ପରିବାର ପକ୍ଷରୁ ମଧ୍ୟ କାହାରି ନିଖୋଜ ହେବା ସମ୍ପର୍କରେ ଅଭିଯୋଗ ଆସିନାହିଁ।

ଅନ୍ୟପକ୍ଷରେ, ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାର ସାମୁଦ୍ରିକ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସମସ୍ତ ସାମୁଦ୍ରିକ ପୋଲିସ ଥାନାର ସ୍ୱତନ୍ତ୍ର ପୋଲିସ ଅଧିକାରୀ ଓ ମତ୍ସ୍ୟ ବିଭାଗର କର୍ମଚାରୀମାନଙ୍କୁ ବିଭିନ୍ନ ଜେଟିରେ ନିୟୋଜିତ କରାଯାଇଛି। ବାତ୍ୟା ସମୟରେ ମାଛଧରା ଡଙ୍ଗା ଯେପରି ସମୁଦ୍ରକୁ ନଯାଏ, ସେଥିପ୍ରତି କଡ଼ା ନଜର ରଖାଯାଉଛି।

ମତ୍ସ୍ୟଜୀବୀଙ୍କ ସମେତ ସାଧାରଣ ଲୋକଙ୍କୁ ସମୁଦ୍ରକୁ ନଯିବା ଏବଂ ସତର୍କତା ଅବଲମ୍ବନ କରିବା ପାଇଁ ସଚେତନ କରାଯାଉଛି। ପୋଲିସ, ବନ ବିଭାଗ ଓ ଅନ୍ୟ ସମ୍ପୃକ୍ତ ବିଭାଗ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି।

ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସରକାରୀ ସତର୍କ ସୂଚନା ଓ ପରାମର୍ଶ ମାନିବା ସହ ଅପ୍ରମାଣିତ ଖବର ପ୍ରସାର ନକରିବାକୁ ଅନୁରୋଧ କରାଯାଇଛି।

କଷଣଅଣ୍ଟାରେ ସୁରକ୍ଷିତ ଶୌଚବ ଅଭିଯାନ

ପଟ୍ଟାମୁଣ୍ଡାଇ, ୨୭।୧୦ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ସୁରକ୍ଷିତ ଶୌଚବ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ହାଇସ୍କୁଲ ଠାରେ ତାଲୁକ ଆଇନ ସେବା ସମିତି ଅଧକ୍ଷ ଅତିରିକ୍ତ ଜିଲ୍ଲା ଜଜ ବ ବିଦ୍ୟାଧର ପୃଷ୍ଟିଙ୍କ ନିର୍ଦ୍ଦେଶରେ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଜେ ଏମ ଏଫ୍ ସି ବିଦ୍ୟୁତ୍ତୁତା ପ୍ରଧାନଙ୍କ ପୌରହିତ୍ୟରେ ସୁରକ୍ଷିତ ଶୌଚବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ଓକିଲ ଧୀରେନ୍ଦ୍ରନାଥ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁନୀତୀ ଦାଶ, ବରିଷ୍ଠ ଓକିଲ ବିଜୟ କୁମାର୍ ରାଉତ,ପ୍ରଫୁଲ୍ଲ କୁମାର ଦାଶ , ପ୍ରଧାନଶିକ୍ଷକ ପ୍ରଭାସ ରଞ୍ଜନ ପ୍ରଧାନ ସୁରକ୍ଷିତ ଶୌଚବ ଅଭିଯାନ ଉପରେ ଆଲୋକ ପାତ କରିଥଲେ। ରିଟେନର ମନୋଜ କୁମାର ନାୟକ ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ତାଲୁକ ଆଇନ ସେବା ସମିତିର ଅପର୍ଣ୍ଣା ସାମଲ ସମସ୍ତ ସଭ୍ୟାମାନଙ୍କ ସହିତ କଷଣ ଅଣ୍ଟା ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

ଇଂ. ସିଦ୍ଧାର୍ଥ ସ୍ୱରୂପଙ୍କ ଜନ୍ମଦିନରେ ଭିନ୍ନକ୍ଷମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ

କେନ୍ଦ୍ରାପଡ଼ା,୨୭।୧୦(ସଂଚାର ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ ଇଂ. ସିଦ୍ଧାର୍ଥ ସ୍ୱରୂପ ଦାସଙ୍କ ଜନ୍ମଦିନ ଅବସରରେ କେନ୍ଦ୍ରାପଡ଼ା ସହରରେ ମାନବିକତା ଓ ସେବାର ନିଦର୍ଶନ ଦେଖିବାକୁ ମିଳିଥିଲା। ଏହି ଅବସରରେ କଜଳାସ୍ଥିତ ନିର୍ମାଣୀ ଚରଣ ମାନସିକ ନ୍ୟୁନତା ସଂସ୍ଥାନ ଏବଂ ଦଧିବାମନଜୀଉ ମୂକବଧିର ବିଦ୍ୟାଳୟର ଅନ୍ତେବାସୀ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏଥିସହ କଜଳା ମୁଣ୍ଡାବସ୍ତିରେ ମଧ୍ୟ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ସେବାମୂଳକ କାର୍ଯ୍ୟକ୍ରମରେ ପିସିସି ପଛୁଆବର୍ଗ ସେଲ୍‌ର ସାଧାରଣ ସମ୍ପାଦକ ବେଶୁଧର ସାହୁ, ଜିଲ୍ଲା କଂଗ୍ରେସ ସଭାପତି ଭାଗୀରଥି ଜେନା, କେନ୍ଦ୍ରାପଡ଼ା ନଗର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ପ୍ରଧାନ ଓ ପ୍ରଭାତ ରାଉତଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

ଅଯୋଧ୍ୟା-ବାରାଣସୀ ତୀର୍ଥଯାତ୍ରାରେ କେନ୍ଦ୍ରାପଡ଼ାର ୧୦୮ ବରିଷ୍ଠ ନାଗରିକ

କେନ୍ଦ୍ରାପଡ଼ା, ୨୭।୧୦ (ସଂଚାର ବ୍ୟୁରୋ): ବୟସର ଅପରାହ୍ଣରେ ପବିତ୍ର ତୀର୍ଥସ୍ଥଳୀ ଦର୍ଶନ କରିବାର ଆକାଂକ୍ଷା ନେଇ ଯାତ୍ରା ଆରମ୍ଭ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ୧୦୮ ଜଣ ବରିଷ୍ଠ ନାଗରିକ। ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬- ୨୭ ଅଧୀନରେ ସେମାନେ ଅଯୋଧ୍ୟା ଓ ବାରାଣସୀ ଭଳି ପ୍ରସିଦ୍ଧ ଧାର୍ମିକ ସ୍ଥଳୀ ପରିଦର୍ଶନ କରିବାକୁ ବାହାରିଛନ୍ତି। ମଙ୍ଗଳବାର ଅପରାହ୍ଣରେ କେନ୍ଦ୍ରାପଡ଼ା ସଂସ୍କୃତି ଭବନ ପରିସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ।

ବରିଷ୍ଠ ନାଗରିକଙ୍କୁ ଦେଶର ଧାର୍ମିକ, ଐତିହାସିକ ଓ ସାଂସ୍କୃତିକ ଐତିହ୍ୟ ସହ ଯୋଡ଼ିବା ଏବଂ ସେମାନଙ୍କ ତୀର୍ଥଦର୍ଶନର ଇଚ୍ଛା ପୂରଣ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ସରକାରଙ୍କ ଏହି ପଦକ୍ଷେପ ଫଳରେ ଆର୍ଥିକ ଓ ଅନ୍ୟାନ୍ୟ କାରଣରୁ ଦୂରଦୂରାନ୍ତର ପବିତ୍ର ସ୍ଥାନକୁ ଯାଇପାରୁ ନଥିବା ବରିଷ୍ଠ ନାଗରିକମାନେ ତୀର୍ଥଦର୍ଶନର ସୁଯୋଗ ପାଉଛନ୍ତି।

ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମନୋନୀତ ଯାତ୍ରୀମାନଙ୍କୁ ମଙ୍ଗଳବାର ସକାଳେ ସ୍ୱତନ୍ତ୍ର ଯାନ ଯୋଗେ ସଂସ୍କୃତି ଭବନକୁ ଅଣାଯାଇଥିଲା। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଯାତ୍ରା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ବୟସ୍କ ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ଯାତ୍ରା ପରିଚାଳନାର ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ, ତୀର୍ଥଯାତ୍ରୀମାନେ ମଙ୍ଗଳବାର ରାତିରେ ଭୁବନେଶ୍ୱରରେ ରହିବେ। ବୁଧବାର ସେଠାରୁ ସ୍ୱତନ୍ତ୍ର ରେଳଗାଡ଼ି ଯୋଗେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିବେ। ତୀର୍ଥସ୍ଥଳୀ ଦର୍ଶନ ସମାପ୍ତ କରି ଆସନ୍ତା ନଭେମ୍ବର ୨ ତାରିଖରେ ସେମାନେ ଜିଲ୍ଲାକୁ ଫେରିବାର କାର୍ଯ୍ୟକ୍ରମ ରହିଛି।

ଡ୍ୟୁଟି ସମୟରେ ବିଦ୍ୟୁତ କର୍ମଚାରୀଙ୍କ ମୃତ୍ୟୁ

କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା

ପରିବାରକୁ ନିଯୁକ୍ତି ଓ ବୀମା ସହାୟତା ପ୍ରଦାନର ପ୍ରତିଶ୍ରୁତି ପରେ ହଟିଲେ ଆନ୍ଦୋଳନକାରୀ

ମାର୍ଶାଘାଇ, ୨୭।୧୦ (ସଂଚାର ବ୍ୟୁରୋ): ଡ୍ୟୁଟିରେ ଥିବା ସମୟରେ ଜଣେ ବିଦ୍ୟୁତ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ମାର୍ଶାଘାଇରେ ଉତ୍ତେଜନା ପ୍ରକାଶ ପାଇଛି। ମୃତ କର୍ମଚାରୀଙ୍କ ପରିବାରକୁ ନ୍ୟାୟ ଓ ଆର୍ଥିକ ସହାୟତା ଦାବିରେ ପରିବାର ସଦସ୍ୟ ଏବଂ ଗ୍ରାମବାସୀ ମୃତଦେହକୁ ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣା ଦେଇଥିଲେ। କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆର୍ଥିକ ସହାୟତା ସହ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଓ ବୀମା ଅର୍ଥ ପ୍ରଦାନରେ ସହଯୋଗ ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା।

ସୂଚନା ଅନୁଯାୟୀ, ମାର୍ଶାଘାଇ ବିଦ୍ୟୁତ ଡିଭିଜନ ଅଧୀନସ୍ଥ ମାର୍ଶାଘାଇ ସେକ୍ସନରେ କାର୍ଯ୍ୟରତ ଆଶିଷ ବିଶ୍ୱାଳ (୪୩) ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଡ୍ୟୁଟିରେ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇପଡ଼ିଥିଲେ। ସାଥୀ କର୍ମଚାରୀ ଓ ମାର୍ଶାଘାଇ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ

ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଶବ ବ୍ୟବଚ୍ଛେଦ ପରେ ଆଶିଷଙ୍କ ମୃତଦେହକୁ ମାର୍ଶାଘାଇ ଜୁଣ ଛକସ୍ଥିତ ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖକୁ ଅଣାଯାଇଥିଲା। ସେଠାରେ ପରିବାର ସଦସ୍ୟ ଓ ଗ୍ରାମବାସୀ ମୃତଦେହ ରଖି ଧାରଣାରେ ବସିଥିଲେ। ଏହାକୁ ନେଇ କାର୍ଯ୍ୟାଳୟ ପରିସରରେ ଆଲୋଚନା ଓ ସମାଧାନ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଖବର ପାଇ ମାର୍ଶାଘାଇ ଥାନାର ଉପନିରୀକ୍ଷକ ଧରିତ୍ରୀ ଜେନା ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏଥିସହ ବିଦ୍ୟୁତ ବିଭାଗର ଅଧିକାରୀଙ୍କ ସହ ଆଲୋଚନାର ବ୍ୟବସ୍ଥା କରିଥିଲେ। ପରିଚାଳକ ବସନ୍ତ କୁମାର ଦାସଙ୍କ ସହ ଫୋନ୍ ଯୋଗେ ଆଲୋଚନା ପରେ କାର୍ଯ୍ୟାଳୟର ଗ୍ରାହକ ସେବା ପରିଚାଳକ ମାନସ କୁମାର ଦଳାଇ ଏବଂ ସଂଯୋଜକ ମାନସ କୁମାର ସାହୁ ମୃତକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ।

ଆଲୋଚନା ପରେ ମୃତକଙ୍କ ଶେଷକୃତ୍ୟ ପାଇଁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବା ସହ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଏବଂ ବୀମା ରାଶି ପ୍ରଦାନ ଦିଗରେ ଆବଶ୍ୟକ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏହାପରେ ଧାରଣା ଶେଷ ହୋଇଥିଲା।

ଜମିବାଡ଼ି ବିବାଦକୁ ନେଇ ସଂଘର୍ଷ, ଜଣେ ଗିରଫ

ପଟ୍ଟାମୁଣ୍ଡାଇ, ୨୭।୧୦ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜମିବାଡ଼ି ବିବାଦକୁ ନେଇ ଗତ ୨୩ ତାରିଖରେ ଘଟିଥିବା ସଂଘର୍ଷ ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରି । ଏହି ସଂଘର୍ଷ ଘଟଣାରେ ଗ୍ରାମାଞ୍ଚଳ ଥାନା ପକ୍ଷରୁ ୪୯୭/୨୬ ଓ ୪୯୮/୨୬ ୨ଟି ମକଦମା ରୁଜୁ କରାଯାଇଥିଲା । ଏହି ଘଟଣା ରେ ତପନ ସାହୁ ଆହତ ହୋଇ କଟକରେ ଚିକିତ୍ସାଧୀନ ଅଛି । ତେବେ ଏହି ସଂଘର୍ଷ ଘଟଣା ରେ ପ୍ରମିଳା ସାହୁଙ୍କ ଏତଲାକୁ ଭିତ୍ତି କରି ଥାନା କେଶ ନଂ ୪୯୮/୨୬ ରୁଜୁ କରିଛି ।ଏହି ସଂଘର୍ଷରେ ସମ୍ପୃକ୍ତ ସତ୍ୟନାରାୟଣ ସାହୁକୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି ।

ଏଠାରେ ସୂଚନା ଯୋଗ୍ୟ ଯେ ଦୋଷିଆ ପଂଚାୟତ ଚଢ଼େଇଆ ଗ୍ରାମର ଧନେଶ୍ୱର ସାହୁଙ୍କ ଦୁଇ ପୁଅ ନିର୍ମଳ ସାହୁ, ସତ୍ୟନାରାୟଣ ସାହୁ ଓ ସ୍ତ୍ରୀ ସତ୍ୟଭାମା ସାହୁଙ୍କର ସେହି ଗ୍ରାମର ପ୍ରମିଳା ସାହୁ ସ୍ୱାମୀ ସ୍ୱର୍ଗତ ପ୍ରଫୁଲ୍ଲ ସାହୁଙ୍କ ସହିତ ଦୀର୍ଘ ଦିନ ଧରି ଜମିବାଡ଼ି ବିବାଦ ଲାଗି ରହିଥିଲା । ଗତ ୨୩ ତାରିଖ ରାତି ୯ଟା ସମୟରେ ପ୍ରମିଳାଙ୍କ ଦିଅର ତପନ କୁମାର ସାହୁ ପିତା କୃଷ୍ଣଚନ୍ଦ୍ର ସାହୁ ମାଛ ପୋଖରୀ ପାଖକୁ ଯାଇଥିଲେ। ପୂର୍ବରୁ ପୋଖରୀ ନିକଟରେ ଲୁଚି ରହିଥିବା ନିର୍ମଳ ଓ ସତ୍ୟନାରାୟଣ ଲୁହା ରଡ଼

ବିଏମ୍‌ସିର ୪୫ତମ ସାଧାରଣ ଅଧିବେଶନ

ପରିମଳ ଟେଣ୍ଡରକୁ ନେଇ କର୍ପୋରେଟରଙ୍କ ଧାରଣା

ବନ୍ଦିତା ପାଲଙ୍କୁ ସସ୍‌ପେଣ୍ଡ କଲେ ମେୟର

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ)ः ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ୪୫ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଏମସି କମିଶନର ଚଞ୍ଚଳ ରାଣା, ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ସସ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଡେପୁଟି ମେୟରଙ୍କ ଅଭିଭାଷଣ ପରେ ୧୦ ନମ୍ବର ୱାର୍ଡର ଏକ ରାସ୍ତା ଉଦଘାଟନ ସମୟରେ ସ୍ଥାନୀୟ କର୍ପୋରେଟରଙ୍କ ସମେତ ମେୟରଙ୍କୁ ନ ଡାକିବା ଏକ ଅବମାନନା ବୋଲି କହିବା ସହ କର୍ପୋରେଟରମାନେ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ କର୍ପୋରେଟରମାନେ ନିଜ ନିଜ ଆସନରେ ବସିଥିଲେ। ପ୍ରଶ୍ନକାଳ ନ ଥିବା ସତ୍ତ୍ୱେ ୩୭ ନମ୍ବର ୱାର୍ଡ କର୍ପୋରେଟର ବନ୍ଦିତା ପାଲ୍ ଗୃହର କାର୍ଯ୍ୟକ୍ରମକୁ ନିଜ ମୋବାଇଲରେ ଲାଇଭ କରିଥିଲେ। ବିଭିନ୍ନ ପ୍ରଶ୍ନ ମେୟର ଓ କମିଶନରଙ୍କୁ ପଚାରିବା ସହ ତା'ର ସିଧା ପ୍ରସାରଣ କରିଚାଲିଥିଲେ। ଏହା ନିୟମ ବିରୋଧ ହୋଇଥିବାରୁ ମେୟର, କମିଶନର ଓ ସବୁ କର୍ପୋରେଟର ଲାଇଭ ନ କରିବା ପାଇଁ ବାରଣ କରିଥିଲେ। କିନ୍ତୁ ସେ କାହାରିକୁ ଖାତିର ନ କରି ସିଧା ପ୍ରସାରଣ କରୁଥିବାରୁ କର୍ପୋରେଟରମାନେ କକ୍ଷତ୍ୟାଗ କରିବା ପାଇଁ ବାହାରିଥିଲେ। ମାତ୍ର ମେୟର ପରିସ୍ଥିତିକୁ ସମ୍ଭାଳିବା ସହ ଗୃହର ଅମର୍ଯ୍ୟାଦା କରିବା ଓ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବାରୁ ଶ୍ରୀମତୀ ପାଲଙ୍କୁ ମ୍ୟୁନିସିପାଲ ଆଇନ ବଳରେ ଗୃହରୁ ସସ୍‌ପେଣ୍ଡ କରିଥିଲେ। ପରେ କର୍ପୋରେଟରମାନେ ନିଜ ନିଜ ଆସନରେ ବସିଥିଲେ।

ତେବେ ଏଜେଣ୍ଡା ଅନୁଯାୟୀ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସହରରେ ବିଦ୍ୟୁତ୍ ଆଲୋକ ଓ ପରିମଳ ବ୍ୟବସ୍ଥାକୁ ନେଇ କର୍ପୋରେଟରମାନେ ପାଟିତୁଣ୍ଡ କରିଥିଲେ। ପରିମଳ କାର୍ଯ୍ୟ ତୁଲାଇବା ପାଇଁ ନୂତନ ଏଜେନ୍ସି ନିୟୋଜନ ନିମନ୍ତେ ଟେଣ୍ଡର ହୋଇଥିଲା। ସେହି ଟେଣ୍ଡର ଅନୁଯାୟୀ ନୂଆ ଏଜେନ୍ସିଙ୍କୁ କାହିଁକି ନିୟୋଜିତ କରାଯାଇନାହିଁ ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ତେବେ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ସହ ଏଜେନ୍ସି ଚୟନ ମଧ୍ୟ ହୋଇସାରିଛି। ସରକାରଙ୍କର ଅନୁମୋଦନ ନିମନ୍ତେ ତାକୁ ପଠାଯାଇଛି। ସରକାରୀ ଅନୁମୋଦନ ଲାଭ କରିବା ପରେ ତାହା କାର୍ଯ୍ୟକାରୀ ହେବ ବୋଲି କମିଶନ କହିଥିଲେ। ଏହାକୁ ନେଇ କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରିବା ସହ ପୋଡିୟମ ନିକଟରେ ଧାରଣାରେ ବସିଥିଲେ। ତେବେ ମେୟର ଓ କମିଶନର ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବା ପାଇଁ ଉଦ୍ୟମ କରିବେ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ଓ ଏଜେଣ୍ଡା ଅନୁଯାୟୀ ଗୃହ ଚାଲିଥିଲା।

ବେଆଇନ ଖଣି ଖନନ ଉପରେ ବ୍ୟାପକ ଚଢ଼ାଉ

● ୮ ହାଇୱା, ୫ ଜେସିବି ସମେତ ବହୁ ଯନ୍ତ୍ରପାତି ଜବତ

ଆଠଗଡ଼, ୨୭।୧୦ (ସଂଚାର ବ୍ୟୁରୋ)ः ଆଠଗଡ଼ ଉପଖଣ୍ଡରେ ବେଆଇନ ଖଣି ଖନନ ଓ ଖଣିଜ ପଦାର୍ଥର ଅବୈଧ ପରିବହନ ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ ଆଠଗଡ଼ ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏକ ବ୍ୟାପକ ଚଢ଼ାଉ ଅଭିଯାନ କରାଯାଇଛି। ଆଠଗଡ଼ ଓ ତିଗିରିଆ ତହସିଲ ଅଞ୍ଚଳରେ ହୋଇଥିବା ଏହି ଅଭିଯାନରେ ମୋଟ ୮ଟି ହାଇୱା, ୫ଟି ଜେସିବି, ଗୋଟିଏ ଡ୍ରିଲିଂ ମେସିନ୍ ଓ ଗୋଟିଏ ଡିଜି ସେଟ୍ ଜବତ କରାଯାଇଛି। ଏହି ଅଭିଯାନରେ ତିଗିରିଆ ତହସିଲ ଅନ୍ତର୍ଗତ ଭେଜିଆ ଅଞ୍ଚଳରେ ଥିବା ବେଆଇନ ଖଣି ଖନନ ସ୍ଥଳ ନିକଟରେ ଚଢ଼ାଉ କରାଯାଇ କଳାପଥର ବୋଲୁର ପରିବହନରେ ନିୟୋଜିତ ୫ଟି ହାଇୱା ଓ ଖଣି ଖନନ କାର୍ଯ୍ୟରେ ବ୍ୟବହୃତ ୫ଟି ଜେସିବି ଜବତ କରାଯାଇଥିଲା। ଏଥିସହ ହାଇୱାରେ ଲୋଡ୍ ହୋଇଥିବା ଗୋଟିଏ ଡ୍ରିଲିଂ ମେସିନ୍ ଓ ଗୋଟିଏ ଡିଜି ସେଟ୍ ମଧ୍ୟ ଜବତ କରାଯାଇଥିଲା।

ସେହିପରି ଆଠଗଡ଼ ତହସିଲ ଅଞ୍ଚଳରେ ଯାଞ୍ଚ ସମୟରେ ବୈଧ ଟ୍ରାନ୍‌ଜିଟ୍ ପାସ୍ (ଟିପି) ବିନା ବାଲି ପରିବହନ କରୁଥିବା ଗୋଟିଏ ହାଇୱା ଓ ନିର୍ଦ୍ଧାରିତ ସୀମାଠାରୁ ଅଧିକ ପରିମାଣର ପଥର ଚିପ୍ସ ପରିବହନ କରୁଥିବା ଅନ୍ୟ ଦୁଇଟି ହାଇୱାକୁ ଜବତ କରାଯାଇଥିଲା। ଆଠଗଡ଼ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ାଉରେ ତିଗିରିଆ ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ତିଗିରିଆ ଥାନା ଅଧିକାରୀ (ଆଇଆଇସି) ଉପସ୍ଥିତ ରହି ଅଭିଯାନରେ ସହଯୋଗ କରିଥିଲେ।

ବିହାରକୁ ଫେରିବେ ସଞ୍ଜୟ ସିଂ!

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ)ः ୧୯୯୭ ବ୍ୟାଚ୍ ଆଇଏଏସ୍ ତଥା ପୂର୍ତ୍ତ ସଚିବ ସଞ୍ଜୟ କୁମାର ସିଂ ଖୁବ୍ ଶୀଘ୍ର ଓଡ଼ିଶା ଛାଡ଼ିବେ। ପୁଣି ଥରେ ନିଜ ଗୃହ ରାଜ୍ୟ ବିହାର କ୍ୟାଡରକୁ ଯିବେ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ର ସରକାର ଗତ ୨୨ ତାରିଖରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଭିଜିଲାନ୍ସ ରିପୋର୍ଟ ମାଗିବା ପରେ ଆଇଏଏସ୍ ସଞ୍ଜୟ ସିଂ ଇଣ୍ଟର କ୍ୟାଡର ଡେପୁଟେସନରେ ବିହାର ଯିବା ଏକପ୍ରକାର ସ୍ପଷ୍ଟ ହୋଇଛି। ମିଳିଥିବା ସୂଚନାନୁସାରେ, କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ଅନୁସଚିବ ରୂପେଶ କୁମାର ଗତ ୨୨ ତାରିଖରେ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ଚିଠି ଲେଖି ଆଇଏଏସ୍ ସଞ୍ଜୟ କୁମାର ସିଂହଙ୍କର ଓଡ଼ିଶାରୁ ବିହାରକୁ ଇଣ୍ଟର କ୍ୟାଡର ଡେପୁଟେସନ୍ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବାକୁ କହିଛନ୍ତି। ତାଙ୍କ ଡେପୁଟେସନ୍ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ସଦ୍ୟତମ ଭିଜିଲାନ୍ସ କ୍ଲିୟରାନ୍ସ ବା ଭିଜିଲାନ୍ସ ସ୍ଥିତି ଓ ସର୍ବଶେଷ ସ୍ଥାବର ସମ୍ପତ୍ତି ବିବରଣୀ ଫାଇଲିଂର ରିପୋର୍ଟ ଅତ୍ୟନ୍ତ ଜରୁରୀ ଭାବେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଓ ଖାଦ୍ୟଯୋଗାଣ ଓ ଖାଉଟ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଶ୍ରୀ ସିଂହ। ଏହା ପୂର୍ବରୁ ସେ ଦୀର୍ଘ ପ୍ରାୟ ୭ ବର୍ଷ ଧରି ବିହାରରେ ଆନ୍ତଃ-କ୍ୟାଡର ଡେପୁଟେସନରେ ସଫଳତାର ସହ କାର୍ଯ୍ୟ କରିସାରିଛନ୍ତି। ୨୦୦୮ ଫେବ୍ରୁଆରୀରୁ ୨୦୧୫ ଫେବ୍ରୁଆରୀ ପର୍ଯ୍ୟନ୍ତ ସେ ବିହାର କ୍ୟାଡରରେ ଅବସ୍ଥାପିତ ଥିଲେ। ଏହି ଅବଧିରେ ସେ ଗୟା ଓ ପାଟନା ଭଳି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିଲେ।

ରାସ ପୂର୍ଣ୍ଣିମା ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଆଇଜି

କଟକ,୨୭।୧୦(ସଂଚାର ବ୍ୟୁରୋ)ः ପବିତ୍ର କାର୍ତ୍ତିକ ମାସ ଅବସରରେ କଟକ ଜିଲ୍ଲାର ପ୍ରସିଦ୍ଧ ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠକୁ ଗସ୍ତ କରି ଆସନ୍ତା ରାସ ପୂର୍ଣ୍ଣିମା ଉତ୍ସବ ପାଇଁ କରାଯାଇଥିବା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ଡ. ସତ୍ୟଜିତ ନାୟକ। ପୀଠକୁ ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ସେ ପୁଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଦର୍ଶନ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ସମ୍ପର୍କିତ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଉତ୍ସବ ସମୟରେ ଭକ୍ତମାନେ ଯେପରି ବିନା କୌଣସି ଅସୁବିଧାରେ ଶାନ୍ତିପୂର୍ଣ୍ଣ ଦର୍ଶନ କରିପାରିବେ, ସେଥିପାଇଁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ନେମାଳର ରାସ ପୂର୍ଣ୍ଣିମା ଧାର୍ମିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ବିଶେଷ ମହତ୍ତ୍ୱ ବହନ କରୁଥିବା ବେଳେ ଏହି ଅବସରରେ ଭକ୍ତମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟ ରାସଲୀଳାକୁ ଗଭୀର ଭକ୍ତି ଓ ଶ୍ରଦ୍ଧାର ସହ ସ୍ମରଣ କରିଥାନ୍ତି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଆଧ୍ୟାତ୍ମିକ ପରମ୍ପରା ସହ ଜଡ଼ିତ ଏହି ପବିତ୍ର ପୀଠକୁ ପ୍ରତିବର୍ଷ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ଓ ଆଶୀର୍ବାଦ ପାଇଁ ଆସିଥାନ୍ତି। ଡ. ନାୟକ ପୁଲିସ ପକ୍ଷରୁ କରାଯାଇଥିବା ବ୍ୟବସ୍ଥାରେ ସନ୍ତୋଷ ପ୍ରକାଶ କରିବା ସହ ପୀଠର ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱକୁ ଅନୁଭବ କରିଥିଲେ। ଧାର୍ମିକ ଉତ୍ସବଗୁଡ଼ିକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ସହ ଜନସାଧାରଣଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ପୁଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ ଉଲ୍ଲେଖ କରିଥିଲେ। ଉତ୍ସବ ସମୟରେ ଭକ୍ତମାନଙ୍କ ସୁବିଧାଜନକ ଦର୍ଶନ, ଭିଡ଼ ପରିଚାଳନା ଓ ଆଇନଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଭକ୍ତମାନେ ଯେପରି ସୁରକ୍ଷିତ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ରାସ ପୂର୍ଣ୍ଣିମା ପାଳନ କରିପାରିବେ, ସେଥିପାଇଁ ଓଡ଼ିଶା ପୁଲିସ ଦାୟିତ୍ୱବାନ, ସମ୍ବେଦନଶୀଳ ଓ ଜନମୁଖୀ ହେବାକୁ ଡ. ନାୟକ ପରାମର୍ଶ ଦେଇଛନ୍ତି।

କୋଟିଆରେ ଆନ୍ଧ୍ର ସରକାରଙ୍କ ପଞ୍ଚାୟତ ନିର୍ବାଚନ ପ୍ରସଙ୍ଗ

ଓଡ଼ିଆ ଅସ୍ମିତାର ପରିଚୟ ଦେଉ ବିଜେପି ସରକାରଃ ବିଜେଡି

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ)ः ତ୍ରିପଲ ଇଞ୍ଜିନ ସରକାର ଥାଇ କୋଟିଆ ସମସ୍ୟାର ସମାଧାନ ନ ହେବା ଓଡ଼ିଶା ପାଇଁ ବଡ଼ ଅପମାନ। କିଛି ଦିନ ପରେ କୋଟିଆରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରିବାକୁ ଯାଉଥିବା ବେଳେ ରାଜ୍ୟ ସରକାର ଚୁପ୍ ରହିବା ରାଜ୍ୟବାସୀଙ୍କୁ ବ୍ୟଥିତ କରୁଛି। ଏଥିରୁ ସ୍ପଷ୍ଟ ଯେ ଓଡ଼ିଶା ସରକାର ଆନ୍ଧ୍ର ଆଗରେ ଆତ୍ମସମର୍ପଣ କରିଛନ୍ତି।

କୋଟିଆ ପ୍ରସଙ୍ଗରେ ଡବଲ ଇଞ୍ଜିନ ସରକାରଙ୍କ ଅସହାୟତାକୁ ନେଇ କଡ଼ା ଭାଷାରେ ନିନ୍ଦା କରିଛି ବିଜେଡି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ତଥା ଉପସଭାପତି ଡ ଅରୁଣ କୁମାର ସାହୁ ଓ ପୂର୍ବତନ ସାଂସଦ, ବରିଷ୍ଠ ସାଧାରଣ ସମ୍ପାଦକ ତଥା ଜାତୀୟ ମୁଖପାତ୍ର ପ୍ରଦୀପ ମାଝୀ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ଡ. ସାହୁ କହିଥିଲେ ଯେ ତ୍ରିପଲ ଇଞ୍ଜିନ ସରକାର ଥାଇ ମଧ୍ୟ କୋଟିଆ ସୀମା ବିବାଦର ସ୍ଥାୟୀ ସମାଧାନ ହେଉନାହିଁ। ଗତ ଅଢ଼େଇ ବର୍ଷ ମଧ୍ୟରେ କୋଟିଆ ସୀମା ବିବାଦ ସମାଧାନ ହେବା ବଦଳରେ ଆହୁରି ଜଟିଳ ହେଉଛି। କୋଟିଆରେ ପଞ୍ଚାୟତ ନିର୍ବାଚନ କରିବା ପାଇଁ ଆନ୍ଧ୍ର ସରକାର ଗତ ୧୦ରେ ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ନିର୍ବାଚନ ରୋକିବାକୁ କୌଣସି ପଦକ୍ଷେପ ନେଇନାହାନ୍ତି ରାଜ୍ୟ ସରକାର।

କୋଟିଆ ପ୍ରସଙ୍ଗରେ ସରକାର କେବଳ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ଚୁପ ହୋଇ ରହିଗଲେ। ଓଡ଼ିଶାରେ, ଆନ୍ଧ୍ରରେ ଓ କେନ୍ଦ୍ରରେ ବିଜେପି ସରକାର ଥିବା ସତ୍ତ୍ୱେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଚୁପ ରହିବା ନିନ୍ଦନୀୟ ବୋଲି ସେ କହିଥିଲେ।

ସମସ୍ତେ ମିଳିମିଶି 'ଅର୍ଣ୍ଣବ'ର ମୁକାବିଲା କରିବାଃ ମନମୋହନ

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ)ः ରାଜ୍ୟରେ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି। ବାତ୍ୟାକୁ ନେଇ କେହି ମଧ୍ୟ ଭୟଭୀତ କିମ୍ବା ଆତଙ୍କିତ ହୁଅନ୍ତୁ ନାହିଁ। ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ସମସ୍ତ ସତର୍କତା ସୂଚନା ଏବଂ ପରାମର୍ଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟବାସୀ ଓ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରେସ ବିବୃତି ଜରିଆରେ ଶ୍ରୀ ସାମଲ କହିଛନ୍ତି ଯେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କର ମିଳିତ ସହଯୋଗ ନିହାତି ଆବଶ୍ୟକ। ତେଣୁ ସରକାର ଓ ପ୍ରଶାସନର ନିର୍ଦ୍ଦେଶକୁ ମାନି ନିରାପଦ ସ୍ଥାନକୁ ସ୍ଥାନାନ୍ତର ହେବାରେ ସହଯୋଗ କରନ୍ତୁ। ବିଜେପିର ସମସ୍ତ କର୍ମୀ ଓ ପଦାଧିକାରୀ ନିଜ ନିଜ ଅଞ୍ଚଳରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇଦେବାରେ ପ୍ରଶାସନକୁ ସହଯୋଗ କରନ୍ତୁ। ଉଦ୍ଧାର କାର୍ଯ୍ୟ, ରିଲିଫ ବଣ୍ଟନ ଓ ପ୍ରଭାବିତ ଲୋକଙ୍କୁ ସବୁ ପ୍ରକାରର ଜରୁରୀ ସହାୟତା ପହଞ୍ଚାଇବାରେ ଆଗେଇ ଆସିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷା ପାଇଁ ପ୍ରତିବଦ୍ଧ। ଆମେ ସମସ୍ତେ ମିଳିତ ଭାବେ ଏହି ପ୍ରାକୃତିକ ଦୁର୍ବିପାକର ମୁକାବିଲା କରିବା ବୋଲି ଶ୍ରୀ ସାମଲ କହିଛନ୍ତି।

ଦୁର୍ନୀତି ନିବାରଣ ସପ୍ତାହ ପାଳିତ

କଟକ, ୨୭।୧୦ (ସଂଚାର ବ୍ୟୁରୋ)ः ଦୁର୍ନୀତି ନିବାରଣ ସପ୍ତାହ-୨୦୨୬ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ 'ସଚେତନତା ସପ୍ତାହ' ଅବସରରେ ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ସାଧୁତାର ଶପଥ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ିହୋଇ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ କମଲଜିତ ଦାସ, ଅତିରିକ୍ତ ଜିଲ୍ଲାପାଳ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ଆଠଗଡ଼ ଅନିମେଷ ପ୍ରଧାନ ପ୍ରମୁଖ ଶପଥ ପାଠ କରିଛନ୍ତି। ଚଳିତ ବର୍ଷ 'ଦୁର୍ନୀତି ନିବାରଣ ସପ୍ତାହର ମୁଖ୍ୟ ବିଷୟବସ୍ତୁ ରହିଛି 'ସମୃଦ୍ଧିରୁ ସାଧୁତା'। ଏହି ବିଷୟବସ୍ତୁ ନୈତିକତା ଏବଂ ସ୍ଥାୟୀ ସମୃଦ୍ଧି ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଦର୍ଶାଉଛି। ବିଶେଷକରି ସରକାରୀ ଓ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମୟରେ ସାଧୁତା, ସଚ୍ଚୋଟତା ଏବଂ ନୈତିକ ଆଚରଣକୁ ବଜାୟ ରଖିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି।

ବାତ୍ୟା ମୁକାବିଲା ପାଇଁ କଟକ ମେୟରଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଜଳବନ୍ଦୀ ସମସ୍ୟାର ତ୍ୱରିତ ସମାଧାନ ଓ ଜଳ ଯୋଗାଣକୁ ଗୁରୁତ୍ୱ

କଟକ,୨୭।୧୦(ସଂଚାର ବ୍ୟୁରୋ)ः ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବକୁ ଦୃଷ୍ଟିରେ ରଖି କଟକ ସହରରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଓ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ କଟକ ମହାନଗର ନିଗମ (କେଏମସି) ପକ୍ଷରୁ ବିଜୁ ଭବନ ସଂଜ୍ଞିଳନୀ କକ୍ଷରେ ବିଭିନ୍ନ ବିଭାଗର ଅଧିକାରୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କେଏମସିର ମେୟର ସୁବାସ ସିଂହ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ପାଣିପାଗ ବିଭାଗର ସୂଚନାନୁସାରେ କଟକ ସହରରେ ପ୍ରବଳ ବର୍ଷା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ସହରରେ ୧୨୭ଟି ତଳିଆ ଅଞ୍ଚଳ ଚିହ୍ନଟ କରାଯାଇଛି। ଜଳବନ୍ଦୀ ସମସ୍ୟାର ତ୍ୱରିତ ସମାଧାନ ଓ ବର୍ଷାଜଳର କିଭଳି ଶୀଘ୍ର ନିଷ୍କାସନ ହୋଇପାରିବ ସେ ଉପରେ ମେୟର ଶ୍ରୀ ସିଂହ ଗୁରୁତ୍ୱାରୋପ କରିଥିଲେ।

ସହରରେ ୩୧୦ଟି ପମ୍ପ ସେଟ୍ ରଖାଯିବା ସହ ଏହାର ଡ୍ରାଇଭରମାନଙ୍କୁ ଆଲର୍ଟରେ ରଖାଯାଇଛି।

ସବୁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ୍

ବିପଦସଂକୁଳ ଖୁଣ୍ଟ, ହୋର୍ଡିଂ ଓ ଗେଟ୍ ହଟାଇବାକୁ ନିର୍ଦ୍ଦେଶ

ପ୍ରବଳ ବର୍ଷା ହେଲେ ପାଖାପାଖି ୧୫ ହଜାର ଲୋକଙ୍କୁ ସ୍ଥାନାନ୍ତର କରି ରଖିବା ଭଳି ୯୪ଟି ଆଶ୍ରୟସ୍ଥଳ ପ୍ରସ୍ତୁତ କରି ରଖାଯାଇଛି। ଆବଶ୍ୟକ ହେଲେ ସେମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ମଧ୍ୟ ଯୋଗାଇ ଦିଆଯିବ। ସହରରେ ମୋଟ୍ ୧୭ଟି ସେକ୍ଟରରେ ୫୯ ଅଧିକାରୀଙ୍କୁ ମୁତୟନ କରାଯାଇଛି। ଜଣେ ଲେଖାଏଁ ଅଧିକାରୀଙ୍କୁ ଗୋଟିଏ ଲେଖାଏଁ ୱାର୍ଡର ଦାୟିତ୍ୱ ଦିଆଯାଇଛି। ଆବଶ୍ୟକତା ଅନୁସାରେ ସେମାନେ ବିହିତ ପଦକ୍ଷେପ ସମ୍ପର୍କରେ ପ୍ରସ୍ତାବ ଦେବା ସହ ଆନୁଷଙ୍ଗିକ କାର୍ଯ୍ୟ କରିପାରିବେ। ବିଶେଷକରି ଏହି ସମ୍ବେଦନଶୀଳ ସମୟରେ ଲୋକଙ୍କ ପାଖକୁ ପିଇବା ପାଣି ଯୋଗାଣକୁ ସୁନିଶ୍ଚିତ କରିବାକୁ ୱାଟ୍‌କୋକୁ ଦାୟିତ୍ୱ ଦିଆଯା

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR

ସଞ୍ଚାର

୪ ବୁଧବାର ୨୮ ଅକ୍ଟୋବର ୨୦୨୬, ଭୁବନେଶ୍ୱର

Wednesday 28 October 2026, Bhubaneswar

ଭାରତରୁ ୟୁରୋପ ଯୁବପିଢ଼ିର ପ୍ରଭାବ

ଆଜିର ବିଶ୍ୱରେ ଜେନ୍-ଜି ପିଢ଼ି କେବଳ ସୋସିଆଲ ମିଡ଼ିଆରେ ସୀମିତ ନୁହେଁ। ଏହି ପିଢ଼ି ରାସ୍ତାକୁ ଆସିଛି ଏବଂ ସରକାରଙ୍କୁ ଜବାବଦିହିତା ପାଇଁ ବାଧ୍ୟ କରୁଛି। ଭାରତରେ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା, ତାହା କେବଳ ଭାରତୀୟ ସରକାରଙ୍କୁ ନୁହେଁ, ସର୍ବିଆ, ଫ୍ରାନ୍ସ ଏବଂ ଅନ୍ୟାନ୍ୟ ୟୁରୋପୀୟ ଦେଶର ସରକାରଙ୍କୁ ମଧ୍ୟ ପ୍ରଭାବିତ କରିଛି। ଏହି ଯୁବପିଢ଼ି ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଛାତ୍ରଛାତ୍ରୀଙ୍କ ମୌଳିକ ଆବଶ୍ୟକତା ପାଇଁ ଲଢୁଛି।

ଭାରତରେ ୨୦୨୬ ମସିହାରେ ଏନଇଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ହଜାର ହଜାର ଯୁବକ-ଯୁବତୀ ରାସ୍ତାକୁ ଆସିଥିଲେ। କକ୍ରୋଚ ଜନତା ପାର୍ଟି ନାମକ ଆନ୍ଦୋଳନ ଜନ୍ତର ମନ୍ତରରେ ଏକତ୍ରିତ ହୋଇ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲା। ପରୀକ୍ଷା ବାତିଲ୍ ହେବା ପରେ ଅନେକ ଛାତ୍ରଛାତ୍ରୀ ମାନସିକ ଚାପରେ ଆତ୍ମହତ୍ୟା କରିଥିଲେ। ଏହା କେବଳ ପରୀକ୍ଷା ପ୍ରଣାଳୀର ବିଫଳତା ନୁହେଁ, ବରଂ ଗୁଣାତ୍ମକ ଶିକ୍ଷା, ନ୍ୟାୟସଙ୍ଗତ ସୁଯୋଗ ଏବଂ ଯୁବପିଢ଼ିର ଭବିଷ୍ୟତ ସୁରକ୍ଷା ପାଇଁ ଏକ ବିରୋଧ ଥିଲା। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏହି ଆନ୍ଦୋଳନର ଏକ ବଡ଼ ସଫଳତା। ଏହା ଦେଖାଇଲା ଯେ ଯୁବପିଢ଼ି କେବଳ ଦାବି କରୁନାହିଁ, ବରଂ ପରିବର୍ତ୍ତନ ଆଣିପାରୁଛି।

ସେହି ସମୟରେ ସର୍ବିଆରେ ଛାତ୍ର ଆନ୍ଦୋଳନ ଏକ ଟ୍ରାଜେଡିରୁ ଆରମ୍ଭ ହୋଇଥିଲା। ୨୦୨୪ ନଭେମ୍ବରରେ ନୋଭି ସାଦ୍ ରେଳ ଷ୍ଟେସନର ଛାତ ଧସିପଡ଼ିବାରେ ହୋଇଥିବା ମୃତ୍ୟୁ ପରେ ଦୁର୍ନୀତି ଓ ସରକାରୀ ଅବହେଳା ବିରୋଧରେ ଛାତ୍ରଛାତ୍ରୀ ରାସ୍ତାକୁ ଆସିଥିଲେ। ଦୀର୍ଘ ଦୁଇ ବର୍ଷର ନିରନ୍ତର ଆନ୍ଦୋଳନ ପରେ ୨୦୨୬ ଅକ୍ଟୋବରରେ ସେମାନେ ରାଷ୍ଟ୍ରପତି ଆଲେକ୍ସାଣ୍ଡାର ଭୁଚିକଙ୍କୁ ପରାସ୍ତ କରିବାରେ ସଫଳ ହୋଇଛନ୍ତି। ଏହା କେବଳ ରାଜନୈତିକ ପରିବର୍ତ୍ତନ ନୁହେଁ, ବରଂ ଯୁବପିଢ଼ିର ଶକ୍ତିର ପ୍ରମାଣ। ସେମାନେ ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଏବଂ ସାଧାରଣ

ଜୀବନର ମୌଳିକ ସୁବିଧା ପାଇଁ ଲଢ଼ିଛନ୍ତି।

ଫ୍ରାନ୍ସରେ ସେପ୍ଟେମ୍ବର ୨୦୨୬ରୁ ହାଇସ୍କୁଲ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ସ୍କୁଲ ବ୍ଲକେଡ୍ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। କ୍ଲାସରେ ଅଧିକ ସଂଖ୍ୟକ ଛାତ୍ର, ଶିକ୍ଷକ ଅଭାବ, ଜରାଜୀର୍ଣ୍ଣ ଭବନ ଏବଂ ଅପର୍ଯ୍ୟାପ୍ତ ଅର୍ଥସଂସ୍ଥାନ ବିରୋଧରେ ଲାଖ ଲାଖ ଲୋକ ରାସ୍ତାକୁ ଆସିଛନ୍ତି। ଏହା କେବଳ ଫ୍ରାନ୍ସରେ ସୀମିତ ନଥିଲା। ବେଲଜିୟମ, ଇଟାଲି ଓ ଅନ୍ୟାନ୍ୟ ୟୁରୋପୀୟ ଦେଶରେ ମଧ୍ୟ ସମାନ ଦାବିରେ ଛାତ୍ର ଆନ୍ଦୋଳନ ବ୍ୟାପିଛି। ସେମାନେ କହୁଛନ୍ତି - ଶିକ୍ଷା ଉପରେ ଖର୍ଚ୍ଚ କର, ଯୁଦ୍ଧ ଉପରେ ନୁହେଁ। ଖରାପ ସ୍କୁଲ ପରିବେଶ, ମାନସିକ ଚାପ ଏବଂ ଭବିଷ୍ୟତର ଅନିଶ୍ଚିତତା ଯୁବପିଢ଼ିର ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରୁଛି।

ଏହି ସମସ୍ତ ଆନ୍ଦୋଳନର ମୂଳରେ ଏକ ସାଧାରଣ ବାର୍ତ୍ତା ରହିଛି। ଜେନ୍-ଜି ପିଢ଼ି କେବଳ ରାଜନୀତି ବିରୋଧ କରୁନାହିଁ। ସେମାନେ ଗୁଣାତ୍ମକ ଶିକ୍ଷା, ସୁସ୍ଥ ପରିବେଶ, ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ନ୍ୟାୟସଙ୍ଗତ ସୁଯୋଗ ଚାହାଁନ୍ତି। ପରୀକ୍ଷା ପ୍ରଣାଳୀର ଭ୍ରଷ୍ଟାଚାର, ସ୍କୁଲରେ ଶିକ୍ଷକ ଅଭାବ, ଦୁର୍ବଳ ସ୍ୱାସ୍ଥ୍ୟ ସେବା ଏବଂ ବେକାରୀ - ଏସବୁ ଯୁବପିଢ଼ିର ଜୀବନକୁ ପ୍ରଭାବିତ କରୁଛି। ସେମାନେ ଜାଣିଛନ୍ତି ଯେ ଆଜିର ନୀରବତା କାଲିର ବଡ଼ ସଙ୍କଟ ସୃଷ୍ଟି କରିପାରେ। ସରକାରମାନେ ଏହି ସ୍ୱରକୁ ଅଣଦେଖା କରିପାରିବେ ନାହିଁ। ଭାରତରେ ମନ୍ତ୍ରୀଙ୍କ ଇସ୍ତଫା, ସର୍ବିଆରେ ରାଜନୈତିକ ପରିବର୍ତ୍ତନ ଏବଂ ଫ୍ରାନ୍ସରେ ବ୍ୟାପକ ଆନ୍ଦୋଳନ ଦେଖାଉଛି ଯେ ଯୁବପିଢ଼ି ଏବେ କେବଳ ଭୋଟର ନୁହେଁ, ବରଂ ପରିବର୍ତ୍ତନର ଚାଳକ ଶକ୍ତି। ସେମାନଙ୍କ ଦାବି କେବଳ ଶିକ୍ଷା ଓ ସ୍ୱାସ୍ଥ୍ୟ ନୁହେଁ, ବରଂ ଏକ ନ୍ୟାୟସଙ୍ଗତ ଏବଂ ସମାନ ସୁଯୋଗ ଭିତ୍ତିକ ସମାଜ ଗଠନ ପାଇଁ। ଯଦି ସରକାରମାନେ ଏହି ସ୍ୱରକୁ ଗୁରୁତ୍ୱ ନ ଦିଅନ୍ତି, ତେବେ ଏହି ଆନ୍ଦୋଳନ ଆହୁରି ବଡ଼ ରୂପ ନେଇପାରେ। ଜେନ୍-ଜି ପିଢ଼ି କହୁଛି - ଆମର ଭବିଷ୍ୟତ ଆମେ ନିଜେ ଗଢ଼ିବୁ।

ମିଛ କହୁଥିଲେ

ଡକ୍ଟର ସୁରେଶ କୁମାର ନାୟକ

କଥାରେ ଅଛି ସତ କହିଲେ ଜଗନ୍ନାଥ, ମିଛ କହିଲେ ମହାପାପ। ମହାଭାରତରେ ଧର୍ମରାଜ ଯୁଧିଷ୍ଠିରଙ୍କ ଯୁଦ୍ଧଭୂମିରେ ମିଛ କହିବା କାଳ କାଳ ପାଇଁ ଏକ ଅଧ୍ୟାୟ ହୋଇ ରହିଗଲା। ଯଦି ଜଣେ ପିଲା ଥରେ ମିଛ କହିବା ଆରମ୍ଭ କରେ ଆଉ ତାହାକୁ ଅନ୍ୟମାନେ ସତ ବୋଲି ଗ୍ରହଣ କରିନିଆନ୍ତି, ତେବେ ଏହାଦ୍ୱାରା ପିଲାଟିର ଏଭଳି ଅଭ୍ୟାସ ବଢ଼ିଚାଲେ। ପିଲାମାନେ ଯଦି ପ୍ରତି କଥାରେ ମିଛ କୁହନ୍ତି, ସେତେବେଳେ ସେମାନଙ୍କଠାରୁ ସତ ଆଶା କରିବା ହିଁ ବୃଥା। ବାରମ୍ବାର ମିଛ କହିବା ଦ୍ୱାରା ସେମାନଙ୍କ ପ୍ରତି ଅନ୍ୟମାନଙ୍କ ମନରେ ଏକ ଭିନ୍ନ ଧାରଣା ଆସିଥାଏ। ଅନେକ ସମୟରେ ସେମାନଙ୍କ ସହ ଅନ୍ୟମାନେ କଥା ହେବାକୁ ପସନ୍ଦ କରି ନଥାନ୍ତି। ପିଲାଙ୍କ ଠାରେ ଏଭଳି ଅଭ୍ୟାସ ଦେଖିବାକୁ ପାଇଲେ କେବଳ ବାପା ମାଆ ନୁହଁନ୍ତି ଘରର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ଏଥିରୁ ନିବୃତ୍ତ ହେବାକୁ ପରାମର୍ଶ ଦେବା ଆବଶ୍ୟକ। ସତ ମିଛ ଭିତରେ ଫରକ କଣ ରହିଛି ପିଲାଟି ପ୍ରଥମେ ନିଜେ ହୃଦୟଙ୍ଗମ କରିବା ଦରକାର। ଆପଣ ଯଦି ସତରେ ଚାହୁଁଥାନ୍ତି ଆପଣଙ୍କ ପିଲା ମିଛ ନକହୁ ତେବେ କିଛି କଥାକୁ ଧ୍ୟାନରେ ରଖିବା ନିହାତି କରୁରୀ। ସର୍ବପ୍ରଥମେ ଏହା ଜାଣି ନିଅନ୍ତୁ ଯେ ପିଲା କାହିଁକି ମିଛ କହୁଛି। ଯଦି ପିଲାଙ୍କ ଭିତରେ ଥିଠିବା ସାହାସକୁ ଜାଗ୍ରତ କରି ରଖିବେ ତେବେ ନିଜେ ନିଜେ ତା ମନରୁ ମିଛ କହିବା ଛାଡ଼ିଦେବ।

ସର୍ବ ପ୍ରଥମ ହେଉଛି ଆତ୍ମ ବିଶ୍ୱାସ। ସତ କଣ ମିଛ କଣ ଏ ନେଇ ପ୍ରଥମେ ପିଲାଟିର ଆତ୍ମ ବିଶ୍ୱାସ ଦୃଢ଼ ହେବା ଦରକାର। ପ୍ରଥମେ ସେ ଏହି ଦୁଇଟି ଜିନିଷ ମଧ୍ୟରେ ଥିବା ଆକାଶ ପାତାଳ ଫରକକୁ ଅନୁଭବ କରିବା ଆବଶ୍ୟକ। ଯଦି ଏ କ୍ଷେତ୍ରରେ ପିଲାଟି ଆତ୍ମ ବିଶ୍ୱାସ ଦୃଢ଼ ନାହିଁ ବୋଲି ମାବାପା ଅନୁଭବ କରୁଛନ୍ତି ତେବେ ତାହା କିପରି ଦୃଢ଼ ରହିବ ସେ ନେଇ ତାକୁ ବୁଝାନ୍ତୁ। ମିଛ କହିଲେ କି କ୍ଷତି ହୁଏ ତାହା ଯଦି ସେ ଭଲ ଭାବରେ ଜାଣି ନପାରିଲା, ତେବେ ପିଲାଟିକୁ ଯେତେ ବୁଝାଇଲେ କିଛି ଲାଭ ହୋଇନଥାଏ। ଯେତେବେଳେ ସେ ଜାଣିବ ଯେ ମିଛ କହିଲେ ସେ ଅନ୍ୟମାନଙ୍କର ପ୍ରିୟପାତ୍ର ହୋଇପାରିବ ନାହିଁ, ସେତେବେଳେ ସେ ଧୀରେ ଧୀରେ ମିଛ ଠାରୁ ନିଜକୁ ଦୂରେଇବ ନେବାକୁ ନିଜେ ଚେଷ୍ଟା କରିବ।

ମିଛ କହିବା ପଛର କାରଣ ମଧ୍ୟ ଅନେକ। ଅନେକ ପିଲା ନିଜ ଦୋଷତୃଟିକୁ ଲୁଚାଇବା ପାଇଁ ମିଛ କହିଥାନ୍ତି। କେଉଁଠି କିଛ ଭୁଲ କରିଥିଲେ ତାହାକୁ ସମସ୍ତଙ୍କୁ ଜଣାନ୍ତି ନାହିଁ। ଏଥିରୁ ରକ୍ଷା ପାଇବା ଲାଗି ମିଛ କହିବା ଏକମାତ୍ର ବାଟ ବୋଲି ସେମାନେ ଭାବି ଥାଆନ୍ତି ଏବଂ ଯେତେବେଳେ ସେମାନଙ୍କୁ ପଚରାଯାଏ, ସେତେବେଳେ ମିଛର ଆଶ୍ରୟ ନିଅନ୍ତି। ତେଣୁ ପିଲାଟି କାହିଁକି ମିଛ କହୁଛି, ତାହା ପ୍ରଥମେ ମାଆ ବାପା ଜାଣିବା ଦରକାର। ପିଲାଟି ମଧ୍ୟ ଯଦି ପରବର୍ତ୍ତୀ ସମୟରେ ଜାଣିପାରିଲା ଯେ ମୁଁ ମିଛ କହି ଭୁଲ କରିଛି ତେବେ ସେ ଆଗକୁ ମିଛ କହିବାକୁ ଚେଷ୍ଟା କରିବ ନାହିଁ। ତେଣୁ ମିଛ କହିବାର କାରଣ ପ୍ରଥମେ ଜାଣି ତାହାକୁ ତୁରନ୍ତ ସମାଧାନ କରିବା ଆବଶ୍ୟକ।

ପିଲାଟି ଭୁଲ ସ୍ୱୀକାର କରିବା ପରେ। ପିଲାଟି ଯଦି ଭୁଲ କଥା କହିଛି ନିଜେ ସ୍ୱୀକାର କରେ ତେବେ ତାହା ବଡ଼ କଥା। କାରଣ ସେହି ସମୟରେ ସେ ନିଜେ ଜାଣିପାରେ ଯେ ଯାହା କରିଛି ତାହା ଭୁଲ। ତେଣୁ ଏଭଳି ସମୟରେ ତାକୁ ଆକଟ ନ କରି ପ୍ରଶଂସା କରନ୍ତୁ। ଭୁଲ କଥାକୁ ମାନିନେବା ଏକ ଭୁଲ ଅଭ୍ୟାସ ବୋଲି ସେ ହୃଦୟଙ୍ଗମ କରିବା ଆବଶ୍ୟକ। କାରଣ ଭୁଲକୁ ମାନିନେବା ଏବଂ ସେଥି ନେଇ ଅନୁତାପ କରିବା ହେଉଛି ବଡ଼ କଥା। ଶେଷ ଏଭଳି ସମୟରେ ପିଲାଟିକୁ ପ୍ରଶଂସା କରି ସବୁବେଳେ ସତ କଥା କହିବାକୁ ପ୍ରବର୍ତ୍ତାଇଲେ ସେ ନିଜକୁ ଠିକ ବାଟର ପରିଚାଳିତ କରିପାରିବ।

ମିଛ ସହିତ ସାଙ୍ଗସାଥୀଙ୍କ ମଧ୍ୟ ସମ୍ପର୍କ ରହିଛି। ପିଲାମାନଙ୍କର ଅନେକ ସାଙ୍ଗସାଥୀ ଥାଆନ୍ତି। ସମସ୍ତଙ୍କର ମାନସିକତା ଏବଂ ପ୍ରକୃତି ଠିକ ନଥାଏ। କେତେଜଣ ପିଲା ମିଛ କହିବା ଏକ ଭଲ କଥା ବୋଲି ଭାବିଥାଆନ୍ତି ଏବଂ ଏଥି ନେଇ ସାଙ୍ଗମାନଙ୍କୁ ମିଛ କହିବାକୁ ଶିଖାଇଥାନ୍ତି। ତେଣୁ ଆପଣଙ୍କ ପିଲା କେଉଁମାନଙ୍କ ସହ ସାଙ୍ଗ ହେଉଛନ୍ତି ତାହା ଉପରେ ତୀକ୍ଷଣ ନଜର ରଖନ୍ତୁ। କାରଣ ଭଲ ପିଲାଙ୍କ ସହ ସାଙ୍ଗ ହେଲେ ସେ ଅନେକ କିଛି ନୂଆ ତଥା ଭଲ କଥା ଶିଖିବେ। କିନ୍ତୁ ଯଦି ଖରାପ ପିଲାଙ୍କ ସହ ସାଙ୍ଗ ହେଲା, ତେବେ ସେ ଏଭଳି ବାଟରେ ଚାଲିଯିବ ଯାହାକୁ ଠିକ ସମୟରେ ନ ଜଗିଲେ ପରବର୍ତ୍ତୀ ସମୟରେ ତାହା ଆପଣଙ୍କ ପାଇଁ ଏକ ବିରାଟ ସମସ୍ୟା ଭାବରେ ଠିଆ ହେବ। ପ୍ରତିଟି ଜୀବନ ସତ୍ୟରେ ପରିଚାଳିତ ହେବା କଥା। ସତ୍ୟ ହିଁ ଜୀବନ। ଜଞ୍ଜା ବୟସର କୋମଳମତି ପିଲାମାନଙ୍କ ମିଛ କହିବା ସେମାନଙ୍କ ଭବିଷ୍ୟତର ସୁନେଲୀ ସ୍ୱପ୍ନକୁ କେବଳ ଧୂଳିସାତ କରିନଥାଏ ଅନେକଙ୍କୁ ଅମଡ଼ା ବାଟର ପଥିକ କରାଏ। ଏ କ୍ଷେତ୍ରରେ ପିଲାଟିର ବାପା-ମାଆଙ୍କ ଠାରୁ ପରିବାରବର୍ଗ, ଶିକ୍ଷାକ୍ଷେତ୍ର, ସାଙ୍ଗସାଥୀ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ମୋବାଇଲ୍:୯୪୩୭୨୨୫୫୯

ଅଙ୍କିତା ଭଣ୍ଡାରୀଙ୍କଠାରୁ ଏପଷ୍ଟାଇନ୍ ଫାଇଲ୍ ପର୍ଯ୍ୟନ୍ତ

ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଧନ, ରାଜନୈତିକ ପ୍ରଭାବ ଓ କ୍ଷମତା ଯେତେବେଳେ ଆଇନ ଓ ନୈତିକତାକୁ ଚ୍ୟାଲେଞ୍ଜ କରେ, ସେତେବେଳେ ସବୁଠାରୁ ବଡ଼ ପ୍ରଶ୍ନ ଉଠେ-ନ୍ୟାୟ କାହା ପାଇଁ ଏବଂ କାହାକୁ ସୁରକ୍ଷା ଦେଉଛି ଆମ ବ୍ୟବସ୍ଥା? ଉତ୍ତରାଖଣ୍ଡର ଅଙ୍କିତା ଭଣ୍ଡାରୀଙ୍କ ହତ୍ୟା ଏବଂ ଆମେରିକାର ଜେଫ୍ରି ଏପଷ୍ଟାଇନ୍ ଯୌନ ଶୋଷଣ ମାମଲା ଦୁଇଟି ଭିନ୍ନ ଭିନ୍ନ ଘଟଣା ଏବଂ ଏହି ଦୁଇଟି ବିଷୟ ଲୋକଲୋଚନରୁ କିଛିମାସ ହେବ ଲିଭି ଯାଇଥିଲେ ମଧ୍ୟ, ପୁଣି ଏବେ ବଡ ଚର୍ଚ୍ଚାର ବିଷୟ ହୋଇଛି। ତାହାର କାରଣ ଅଙ୍କିତାଙ୍କ କେଶରେ ଅଭିଯୋଗ ଉଠିଥିବା ଜନୈକ ଠଓଚ ରାଜନେତାଙ୍କ ବିରୁଦ୍ଧରେ ଅଙ୍କିତାଙ୍କ ମାତାପିତା ଦିଲ୍ଲୀଠାରେ ଧାରଣାରେ ବସିଥିବା ବେଳେ କେନ୍ଦ୍ର ସରକାର ସେହି ବିବାଦୀୟ ରାଜନେତାଙ୍କୁ ଏକ ରାଜ୍ୟର ରାଜ୍ୟପାଳ ଭଳି ଏକ ସାମ୍ବିଧାନିକ ପଦବୀରେ ଅବସ୍ଥାପିତ କରି ଦେଶର ମହିଳାମାନଙ୍କ ସୁରକ୍ଷା ଓ ନ୍ୟାୟିକ ବ୍ୟବସ୍ଥା ପ୍ରତି କେନ୍ଦ୍ର ସରକାରଙ୍କ ହୃଦୟହୀନତାକୁ ଦର୍ଶାଉଛି ବୋଲି ସାରା ଭାରତରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

ଅନ୍ୟ ଘଟଣାଟି ହେଉଛି ଭାରତର ଜଣେ କେନ୍ଦ୍ରମନ୍ତ୍ରୀ ଆମେରିକୀୟ ଜଘନ୍ୟ ଯୌନ ଅପରାଧୀ ଏପଷ୍ଟାଇନଙ୍କ ସହିତ ଏକାନ୍ତରେ ଭେଟିବା ଫଟୋ ଆନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ହେବା। ସଂଯୋଗର କଥା ଏହି ଫଟୋଟି ସେହି ଦିନ ଗଣମାଧ୍ୟମରେ ଆସିଲା ଯେଉଁ ଦିନ ଆମେରିକା ସେକ୍ରେଟାରୀ ଅଫ ସ୍ଟେଟସ, ମାର୍କ ରୁବୋୟ ବମ୍ବେ ଠାରେ ଭାରତୀୟ ଶିଳ୍ପପତିମାନଙ୍କ ସହିତ ମୂଲ୍ୟଚାଲ କରୁଥିଲେ। ଉପରୋକ୍ତ ଦୁଇଟି ଘଟଣାରୁ ସାଧାରଣରେ ପ୍ରଶ୍ନ ଉଠୁଛି ଯେ -ଧନ, କ୍ଷମତା ଓ ପ୍ରଭାବ କ'ଣ ମଣିଷକୁ ଆଇନର ଉର୍ଦ୍ଧ୍ୱରେ ରଖିପାରେ? ଏହି ପ୍ରଶ୍ନ କେବଳ ଅପରାଧ ଓ ଦଣ୍ଡର ନୁହେଁ। ଏହା ଆମ ସମାଜର ଗଠନ, ପିତୃସତ୍ତା, ରାଜନୈତିକ ଜବାବଦେହିତା ଏବଂ ଗଣତନ୍ତ୍ରର ବାସ୍ତବ ସ୍ୱରୂପ ସହ ଜଡ଼ିତ।

୨୦୨୨ ମସିହାରେ ଉତ୍ତରାଖଣ୍ଡର ଏକ ରିସୋର୍ଟରେ କାର୍ଯ୍ୟରତ ୧୯ ବର୍ଷୀୟା ଅଙ୍କିତା ଭଣ୍ଡାରୀଙ୍କ ହତ୍ୟା ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା। ଏହି ମାମଲାରେ ରିସୋର୍ଟ ମାଲିକ ଓ ତାଙ୍କର ଦୁଇ ସହଯୋଗୀଙ୍କୁ ୨୦୨୫ ମେ ୩୦ ତାରିଖରେ ଦୋଷୀ ସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡ ଦିଆଯାଇଥିଲା। କିନ୍ତୁ ମାମଲାଟି ସେତିକିରେ ଶେଷ ହୋଇନାହିଁ।

ଅଙ୍କିତାଙ୍କୁ ଜଣେ ପ୍ରଭାବଶାଳୀ ଠଓଚଙ୍କୁ 'ବିଶେଷ ସେବା' ଯୋଗାଇବା ପାଇଁ ଚାପ ପକାଯାଉଥିବା ଅଭିଯୋଗ ଆରମ୍ଭରୁ ଚର୍ଚ୍ଚାରେ ରହିଛି। ଏହି କଥିତ ଠଓଚଙ୍କ ପରିଚୟ ଓ ଭୂମିକା ସମ୍ପର୍କରେ ଅଙ୍କିତାଙ୍କ ପରିବାର ଏବଂ ଆନ୍ଦୋଳନକାରୀମାନେ ଦୀର୍ଘଦିନ ଧରି ତଦନ୍ତ ଦାବି କରିଆସୁଛନ୍ତି। ଏଠାରେ ଦୁଇଟି କଥାକୁ ପୃଥକ୍ ରଖିବା ଜରୁରୀ। ପ୍ରଥମଟି ହେଉଛି-ପରିବାରର ଅଭିଯୋଗର ନିରପେକ୍ଷ ତଦନ୍ତ ହେବା ଦରକାର। ଦ୍ୱିତୀୟଟି ହେଉଛି-ତଦନ୍ତରେ ପ୍ରମାଣ ନମିଳିବା ପର୍ଯ୍ୟନ୍ତ କାହାକୁ ଅପରାଧୀ ବୋଲି ଘୋଷଣା କରାଯାଇପାରିବ ନାହିଁ।

ଏହି ମାମଲାରେ କଥିତ ଠଓଚଙ୍କ ଭୂମିକା ନେଇ ଉଠୁଥିବା ପ୍ରଶ୍ନର ଉତ୍ତର ଆଇନସଙ୍ଗତ ଓ ନିରପେକ୍ଷ ତଦନ୍ତ ମାଧ୍ୟମରେ ହିଁ ମିଳିବା ଉଚିତ। ଅଙ୍କିତାଙ୍କ ପରିବାରକୁ ନ୍ୟାୟ ପାଇଁ ଲଢ଼ିବାର ଅଧିକାର ରହିଛି, ଏବଂ ଅଭିଯୋଗର ସତ୍ୟତା ଯାଞ୍ଚ କରିବା ତଦନ୍ତକାରୀ ସଂସ୍ଥା ଓ ନ୍ୟାୟିକ ବ୍ୟବସ୍ଥାର ଦାୟିତ୍ୱ। ଗଣତନ୍ତ୍ରରେ ନ୍ୟାୟ କେବଳ ଦୋଷୀଙ୍କୁ ଦଣ୍ଡ ଦେବାରେ ସୀମିତ ନୁହେଁ। ଯଦି କୌଣସି ମାମଲାରେ ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଭୂମିକା ନେଇ ସନ୍ଦେହ ଉଠେ, ତେବେ ସେହି ପ୍ରଶ୍ନର ନିରପେକ୍ଷ ଯାଞ୍ଚ ହେବା ମଧ୍ୟ ନ୍ୟାୟିକ ବ୍ୟବସ୍ଥାର ଦାୟିତ୍ୱ। ଆମେରିକାର ଜେଫ୍ରି ଏପଷ୍ଟାଇନ୍ ମାମଲା ଏକ ଭିନ୍ନ ପରିମାଣର

ସମସ୍ୟାକୁ ସାମ୍ନାକୁ ଆଣିଛି। ନାବାଳିକାଙ୍କ ଯୌନ ଶୋଷଣ ଓ ଯୌନ ଚୋରା ଚାଲାଣ ସମ୍ପର୍କିତ ଏହି ମାମଲାରେ ତାଙ୍କର ଧନୀ, ପ୍ରଭାବଶାଳୀ ଓ ରାଜନୈତିକ ସଂଯୋଗର ବ୍ୟାପକ ଜାଲ ଆନ୍ତର୍ଜାତୀୟ ଚର୍ଚ୍ଚାର ବିଷୟ ହୋଇଛି।

୨୦୨୬ ଜାନୁଆରୀରେ ଆମେରିକାର ନ୍ୟାୟ ବିଭାଗ ଏପଷ୍ଟାଇନ୍ ସମ୍ପର୍କିତ ବିପୁଳ ପରିମାଣର ଦଲିଲ୍ ପ୍ରକାଶ କରିଥିଲା। ଏହି ଦଲିଲ୍‌ରେ ବିଭିନ୍ନ ଦେଶର ବ୍ୟବସାୟୀ, ରାଜନେତା ଓ ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ, ଇମେଲ୍ ଓ ଯୋଗାଯୋଗ ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିଛି। ଭାରତୀୟ ବ୍ୟବସାୟ ଓ ରାଜନୈତିକ ଜଗତର କିଛି ବ୍ୟକ୍ତିଙ୍କ ନାମ ମଧ୍ୟ ଏହି ଦଲିଲ୍‌ରେ ଥିବା ରିପୋର୍ଟ ହୋଇଛି। ଏପଷ୍ଟାଇନ୍ କୌଣସି ଗୁପ୍ତଚର ସଂସ୍ଥାର ଏଜେଣ୍ଟ ଥିଲେ କିମ୍ବା ତାଙ୍କ ଇମେଲ୍‌କୁ ବ୍ୟବହାର କରି ଭାରତୀୟ ନେତାଙ୍କୁ ବ୍ଲାକମେଲ୍ କରାଯାଇଥିଲା ବୋଲି ଯେଉଁ ଦାବି ଉଠୁଛି, ସେଗୁଡ଼ିକୁ ସମର୍ଥନ କରିବା ପାଇଁ ସ୍ୱତନ୍ତ୍ର ଓ ନିର୍ଭରଯୋଗ୍ୟ ପ୍ରମାଣ ଆବଶ୍ୟକ। ଏହି ଅଭିଯୋଗଗୁଡ଼ିକର ପ୍ରକୃତି, ଉଦ୍ଦେଶ୍ୟ ଓ ପ୍ରସଙ୍ଗକୁ ଦଲିଲ୍ ଆଧାରରେ ବିଚାର କରିବା ଦରକାର। ତଥାପି ଏହି ମାମଲା ଏକ ବଡ଼ ପ୍ରଶ୍ନ ଉଠାଏ। ଏପଷ୍ଟାଇନ୍‌ଙ୍କ ଅପରାଧିକ ଅତୀତ ସତ୍ତ୍ୱେ ସେ କିପରି ବର୍ଷ ବର୍ଷ ଧରି ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ନିଜର ସମ୍ପର୍କ ଓ ପ୍ରଭାବ ବଢ଼ାଇ ପାରିଲେ? ତାଙ୍କ ଅପରାଧର ଶିକାର ହୋଇଥିବା ମହିଳା ଓ ଶିଶୁମାନେ କାହିଁକି ଏତେ ଦିନ ଧରି ନ୍ୟାୟ ପାଇଁ ଲଢ଼ିବାକୁ ବାଧ୍ୟ ହେଲେ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ବ୍ୟକ୍ତିଗତ ନୈତିକତାରେ ଖୋଜିଲେ ହେବ ନାହିଁ। ଏଥିପାଇଁ ଧନ, ସାମାଜିକ ପ୍ରତିଷ୍ଠା, ରାଜନୈତିକ ପ୍ରଭାବ ଓ ଆଇନ ବ୍ୟବସ୍ଥାର ସମ୍ପର୍କକୁ ମଧ୍ୟ ବୁଝିବାକୁ ପଡ଼ିବ।

ଅଙ୍କିତା ଭଣ୍ଡାରୀ ଓ ଏପଷ୍ଟାଇନ୍ ମାମଲାର ତଥ୍ୟ ଓ ଆଇନଗତ ପରିସ୍ଥିତି ଭିନ୍ନ। କିନ୍ତୁ ଉଭୟ ପ୍ରସଙ୍ଗ ଆମକୁ ଏହା ଭାବିବାକୁ ବାଧ୍ୟ କରେ ଯେ ସମାଜରେ ମହିଳାଙ୍କ ଶରୀର ଓ ଶ୍ରମକୁ ନିଜ ସ୍ୱାର୍ଥରେ ବ୍ୟବହାର କରିବାର ମାନସିକତା କାହିଁକି ଏତେ ଗ

ସରକାର ଓ ନିର୍ବାଚନ କମିସନଙ୍କୁ ଜବାବ ତଲବ

ନୂଆଦିଲ୍ଲୀ, ୨୭।୧୦: ବିଧାନସଭା କିମ୍ବା ସଂସଦରୁ ଇସ୍ତଫା ଦେଇ ଅନ୍ୟ ରାଜନୈତିକ ଦଳରୁ ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀଙ୍କଠାରୁ ଉପନିର୍ବାଚନ ଖର୍ଚ୍ଚ ଆଦାୟ ପାଇଁ ଦାୟର ଏକ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ନିର୍ବାଚନ କମିସନ ଏବଂ ଅନ୍ୟାନ୍ୟ ପକ୍ଷଙ୍କଠାରୁ ଜବାବ ମାଗିଛନ୍ତି। ଏହି ମାମଲା ତାମିଲନାଡୁର ଏଆଇଏଡିଏମ୍‌କେ ବିଧାୟକମାନଙ୍କ ସହିତ ଜଡିତ। ଆବେଦନକାରୀ କେ. ସୁଥାନ ତାମିଲନାଡୁର ମଦୁରନ୍ତକମ୍ ଏବଂ ଧରାପୁରମ୍ ନିର୍ବାଚନମଣ୍ଡଳୀରେ ସମ୍ପ୍ରତି ହୋଇଥିବା ଉପନିର୍ବାଚନରେ ନିର୍ବାଚନ କମିସନ ଏବଂ ସରକାରଙ୍କ ଦ୍ୱାରା ହୋଇଥିବା ଖର୍ଚ୍ଚର ବିବରଣୀ ମଧ୍ୟ ମାଗିଛନ୍ତି। ନିର୍ବାଚନ ଜିତିବା ପରେ, ଅନ୍ୟ ଦଳ ଟିଭିକେରେ ଯୋଗଦେବା ଏବଂ ପୁଣି ଥରେ ନିର୍ବାଚନ ଲଢ଼ିବା ପରେ ତାମିଲନାଡୁର କିଛି ଏଆଇଏଡିଏମ୍‌କେ ବିଧାୟକଙ୍କ

ଇସ୍ତଫା ସମ୍ପର୍କରେ ଏହି ଆବେଦନ ଦାଖଲ କରାଯାଇଛି।

ସୁପ୍ରିମକୋର୍ଟ ଆବେଦନକୁ ଗ୍ରହଣ କରି ଏଆଇଏଡିଏମ୍‌କେ ବିଧାୟକ ପଦରୁ ଇସ୍ତଫା ଦେଇ ଟିଭିକେରେ ଯୋଗ ଦେଇଥିବା ସି. ବିଜୟଭାସ୍କର, ଏମ.ଆର. ବିଜୟଭାସ୍କର, ଏସ.କେ. ସୁବିୟା ଏବଂ ଏସ. ଜୟକୁମାରଙ୍କୁ ନୋଟିସ୍ ଜାରି କରିଥିଲେ। ଆବେଦନରେ ଦାବି କରାଯାଇଥିଲା ଯେ, ଯେଉଁ ବିଧାୟକ କିମ୍ବା ସାଂସଦମାନେ ସ୍ୱେଚ୍ଛାକୃତ ଭାବରେ ଇସ୍ତଫା ଦେଇ ଅନ୍ୟ ରାଜନୈତିକ ଦଳରୁ ନିର୍ବାଚନ ଲଢ଼ିବେ ସେମାନଙ୍କଠାରୁ ଉପନିର୍ବାଚନ ଖର୍ଚ୍ଚ ଆଦାୟ କରାଯିବ। ଅର୍ଥାତ୍ ସାଧାରଣ ପାଣ୍ଠିର ଅପବ୍ୟବହାର ରୋକିବା ପାଇଁ ସେମାନଙ୍କଠାରୁ ନିର୍ବାଚନ ଖର୍ଚ୍ଚ ଆଦାୟ କରାଯିବ। ଆବେଦନରେ କୁହାଯାଇଛି ଯେ, ବିଧାୟକମାନଙ୍କ ଇସ୍ତଫା ଯୋଗୁଁ ସମ୍ପୃକ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ଆବଶ୍ୟକ ହୋଇଥିଲା। ଆବେଦନକାରୀମାନେ ଅଭିଯୋଗ କରିଛନ୍ତି ଯେ ବିଧାୟକମାନେ କୌଣସି ବାଧ୍ୟବାଧକତାପୂର୍ଣ୍ଣ ପରିସ୍ଥିତି ବିନା ରାଜନୈତିକ କାରଣରୁ ଇସ୍ତଫା ଦେଇଥିଲେ। ସେମାନଙ୍କର ଯୁକ୍ତି ହେଉଛି ଏହା ସରକାରୀ ରାଜକୋଷ ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଇଛି। ଯଦି ଜଣେ ବିଧାୟକଙ୍କ ସ୍ୱେଚ୍ଛାକୃତ ଇସ୍ତଫା ଯୋଗୁଁ ସେହି ଆସନ ପାଇଁ ପୁନଃନିର୍ବାଚନ ହୁଏ, ତେବେ କରଦାତାମାନେ ପୁନଃନିର୍ବାଚନର ଖର୍ଚ୍ଚ କାହିଁକି ବହନ କରିବେ ବୋଲି ଆବେଦନରେ ପ୍ରଶ୍ନ କରାଯାଇଛି। ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ, ଏହି ପ୍ରସଙ୍ଗ କେବଳ ରାଜନୈତିକ ଦଳ ପରିବର୍ତ୍ତନ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏଥିରେ ଭୋଟରଙ୍କ ଜନାଦେଶ ଏବଂ ସାଧାରଣ ପାଣ୍ଠିର ବ୍ୟବହାର ମଧ୍ୟ ଜଡିତ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଆବେଦନର ଶୁଣାଣି କରି ନୋଟିସ୍ ଜାରି କରିଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଭାରତୀୟ ନିର୍ବାଚନ କମିସନ(ଇସିଆଇ), ତାମିଲନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ସମ୍ପୃକ୍ତ ବିଧାୟକଙ୍କ ସମେତ ଅନ୍ୟ ପକ୍ଷଙ୍କଠାରୁ ଜବାବ ମାଗିଛନ୍ତି।

ଜେଲ୍‌ରୁ ୧୭ କଏଦୀ ଫେରାର
ଧରିବାକୁ ବ୍ୟାପକ ତଲାସୀ କରୁଛି ପୁଲିସ

ଚେନ୍ନାଇ, ୨୭।୧୦: ତାମିଲନାଡୁର ଥେନି ଜେଲରୁ ୧୭ ଜଣ କଏଦୀ ପଳାୟନ କରିଛନ୍ତି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପଡ଼ୋଶୀ ଡିଣ୍ଡିଗୁଲ ଜିଲ୍ଲାର ୧୬ଟି ସ୍ଥାନରେ ଚେକପୋଷ୍ଟ ସ୍ଥାପନ କରାଯାଇଛି ଏବଂ ସମସ୍ତ ଯାନବାହନ ଯାଞ୍ଚ କରାଯାଉଛି। କଏଦୀମାନେ ଜେଲ୍ କର୍ମଚାରୀଙ୍କୁ ଆକ୍ରମଣ କରି ପଳାୟନ କରିଥିବା କୁହାଯାଉଛି। ଆଖପାଖ ଅଞ୍ଚଳରେ ବ୍ୟାପକ ତଲାସୀ ଚାଲିଛି। ପଳାୟନ କରିଥିବା କଏଦୀଙ୍କ ମଧ୍ୟରୁ ଜଣେ ଗିରଫ ହୋଇଛି। ଅନ୍ୟ କଏଦୀଙ୍କୁ ଧରିବା ପାଇଁ ୧୭ଟି ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ଦକ୍ଷିଣ ଜୋନ୍ ଇନ୍ସପେକ୍ଟର ଜେନେରାଲ ଅଫ୍ ପୋଲିସ (ଆଇଜିପି) ବିଜୟେନ୍ଦ୍ର ବିଦାରୀ ନିଶ୍ଚିତ କରିଛନ୍ତି ଯେ ସର୍ଚ୍ଚ ଅପରେସନ୍ ସମୟରେ ପଳାୟନ କରିଥିବା କଏଦୀଙ୍କ ମଧ୍ୟରୁ ଜଣେ ଗିରଫ ହୋଇଛି। ଡିଣ୍ଡିଗୁଲ୍ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଏସ୍. ଜୟକୁମାର କହିଛନ୍ତି ଯେ କଏଦୀମାନଙ୍କ ପଳାୟନ ପରେ ସୁରକ୍ଷା ଦଳଗୁଡ଼ିକ ଯାନବାହନ ଯାଞ୍ଚକୁ ତୀବ୍ର କରିଛନ୍ତି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପଡ଼ୋଶୀ ଡିଣ୍ଡିଗୁଲ୍ ଜିଲ୍ଲାର ୧୬ଟି ସ୍ଥାନରେ ଚେକ୍ ପଏଣ୍ଟ ସ୍ଥାପନ କରାଯାଇଛି।

ଦୁଇ ଭାରତୀୟ ବଂଶୋଦ୍ଭବଙ୍କୁ ୨୮ ବର୍ଷ ଜେଲ୍



ଲଣ୍ଡନ, ୨୭।୧୦: ସଡ଼କ ଦୁର୍ଘଟଣାରେ ଜଣେ ମହିଳା ଓ ତାଙ୍କର ୪ ବର୍ଷର ଝିଅଙ୍କ ଜୀବନ ନେବା ଅଭିଯୋଗରେ ଦୁଇଜଣ ଭାରତୀୟ ବଂଶୋଦ୍ଭବ ଯୁବକଙ୍କୁ ମୋଟ ୨୮ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ୩୭ ବର୍ଷୀୟ ଜସକମଲ୍ ରିୟାତ୍‌ଙ୍କୁ ୧୬ ବର୍ଷ ଓ ୨୯ ବର୍ଷୀୟ ହରଦୀପ ଭାଟୁଙ୍କୁ ୧୨ ବର୍ଷର କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହାସହ ଉଭୟଙ୍କୁ ୬ ବର୍ଷ ପାଇଁ ଗାଡ଼ି ଚାଳନାରୁ ବାସନ୍ଦ କରାଯାଇଛି। ୨୦୨୩ ଜାନୁଆରୀ ମାସରେ ସ୍କଟ୍ ହଲ୍ ରୋଡରେ ୨୭ ବର୍ଷୀୟା ଜଷ୍ଟିନା ହୁଲବୋକ୍ ନିଜର ୪ ବର୍ଷର ଝିଅ ଲେନା ତେପଚୋରଙ୍କୁ ଧରି ସ୍କୁଲକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ହରଦୀପ ଭାଟୁଙ୍କ ଦ୍ରୁତଗାମୀ ଅଡି କାର୍ ନିୟନ୍ତ୍ରଣ ହରାଇ ଫୁଟପାଥ୍ ଉପରକୁ ଚଢ଼ିଯାଇ ମା' ଓ ଝିଅଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ଘଟିଥିଲା। ସିସିଟିଭି ଫୁଟେଜରୁ ସ୍ପଷ୍ଟ ହୋଇଥିଲା ଯେ ଦୁର୍ଘଟଣା ପୂର୍ବରୁ ଜସକମଲ୍ ରିୟାତ୍ (ବିଏମଡବ୍ଲୁ କାର୍) ଓ ହରଦୀପ ଭାଟୁ (ଅଡି କାର୍) ସାଧାରଣ ରାସ୍ତାରେ ପ୍ରତିଯୋଗିତାମୂଳକ ଭାବେ କାର୍ ରେସିଂ କରୁଥିଲେ।

ସୁଦାନରେ ଡ୍ରୋନ୍ ଆକ୍ରମଣ, ୨୧ ମୃତ

ଖାର୍ତ୍ତୁମ୍, ୨୭।୧୦: ସୁଦାନରେ ସେନାବାହିନୀ ଓ ପାରାମିଲିଟାରୀ ମଧ୍ୟରେ ଚାଲିଥିବା ରକ୍ତାକ୍ତ ସଂଘର୍ଷ ଏବେ ଭୟାବହ ଡ୍ରୋନ୍ ଯୁଦ୍ଧର ରୂପ ନେଇଛି। ଦେଶର ପଶ୍ଚିମ ଡାରଫୁର୍ ଅଞ୍ଚଳରେ ହୋଇଥିବା ପୃଥକ୍ ଡ୍ରୋନ୍ ଆକ୍ରମଣରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଗ୍ରିଡଗୁଡ଼ିକ ଉପରେ ଆକ୍ରମଣ ଯୋଗୁଁ ଦେଶର ଏକ ବଡ଼ ଅଞ୍ଚଳ ଅନ୍ଧକାରମୟ ହୋଇପଡ଼ିଛି। ଡାରଫୁରର ନ୍ୟାଲା ସହରସ୍ଥିତ ଏକ ବ୍ୟସ୍ତବହୁଳ ବଜାର ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣରେ ୨୧ ଜଣ ନିରୀହ ଲୋକ ପ୍ରାଣ ହରାଇଛନ୍ତି। ଆରଏସଏଫର ଗଡ଼ କୁହାଯାଉଥିବା ଏହି ଅଞ୍ଚଳରେ ସୁଦାନ ସେନା ପକ୍ଷରୁ ନିୟମିତ ଆକ୍ରମଣ କରାଯାଉଛି। ଏହାର ପ୍ରତିଶୋଧ ନେବାକୁ ଯାଇ ଆରଏସଏଫ୍ ବିଦ୍ରୋହୀମାନେ ପୂର୍ବ ସୁଦାନର ଅଲ୍-ଜଜିରା, ହ୍ୱାଇଟ୍ ନାଇଲ୍, ସେନ୍ନାର୍ ଏବଂ ଗେଦାରେଫ୍ ରାଜ୍ୟର ଅନେକ ପାୱାର ଷ୍ଟେସନ୍ ଓ ଅଲ୍-ମାର୍ଖିୟାତ୍ ଟ୍ରାନ୍ସଫର୍ମର ଷ୍ଟେସନ୍ ଉପରେ ଡ୍ରୋନ୍ ମାଡ଼ କରିଛନ୍ତି। ଫଳରେ ଲକ୍ଷ ଲକ୍ଷ ଲୋକ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି।

ବଲୁଚିସ୍ତାନରେ ସଂଘର୍ଷ, ୨୭ ସୈନିକ ମୃତ

ନୂଆଦିଲ୍ଲୀ, ୨୭।୧୦: ପାକିସ୍ତାନ ସେନାକୁ ବଡ଼ ଝଟ୍‌କା ଲାଗିଛି। ବଲୁଚିସ୍ତାନରେ ପୁଣି ତେଜିଲା ସାମରିକ ସଂଘର୍ଷ। ମାତ୍ର ୭ ଦିନ ମଧ୍ୟରେ ୨୭ ପାକିସ୍ତାନୀ ସୈନିକଙ୍କୁ ହତ୍ୟା କରିଥିବା ଦାବି କରିଛି ବଲୁଚ୍ ଲିବରେସନ୍ ଆର୍ମି। ଏଥିସହ ପାକିସ୍ତାନ କୋଷ୍ଟ ଗାର୍ଡ୍ସର ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲଙ୍କ ଗାଡ଼ିକୁ ରିମୋଟ୍ କଣ୍ଟ୍ରୋଲ୍ ବିସ୍ଫୋରଣରେ ଉଡ଼ାଇ ଦେଇଥିବା ମଧ୍ୟ ସଂଗଠନ ଦାବି କରିଛି। ତେବେ ଏହି ଦାବିଗୁଡ଼ିକର ସ୍ୱାଧୀନ ପୁଷ୍ଟି ହୋଇନାହିଁ। ଦାବି ଅନୁସାରେ, ଅକ୍ଟୋବର ୨୦ରୁ ୨୬ ତାରିଖ ମଧ୍ୟରେ ବଲୁଚିସ୍ତାନର ବିଭିନ୍ନ ଅଞ୍ଚଳରେ ୧୫ଟି ସଂଗଠିତ ଆକ୍ରମଣ କରାଯାଇଛି। ଏହି ଅଭିଯାନରେ ପାକିସ୍ତାନୀ ସେନାର ଅନେକ ଯବାନ ନିହତ ହୋଇଥିବା ବେଳେ ବହୁ ସୈନିକ ଆହତ ହୋଇଥିବା ଦାବି କରିଛି ସଂଗଠନ। ମସ୍ତୁଙ୍ଗ, କଲାତ, ନୁସ୍କି ଓ କେଚ୍ ଭଳି ଅଞ୍ଚଳରେ ସେନାକୁ ଟାର୍ଗେଟ୍ କରି ଆକ୍ରମଣ କରାଯାଇଥିବା ଛଖାଇ କହିଛି। କେତେକ ସ୍ଥାନରେ ସେନାର ଗାଡ଼ି ଉପରେ ଆକ୍ରମଣ ହୋଇଥିବା ବେଳେ ଅନ୍ୟ କିଛି ସ୍ଥାନରେ ଆଇଇଡି ବିସ୍ଫୋରଣ ଓ ସ୍ନାଇପର୍ ଆକ୍ରମଣ କରାଯାଇଥିବା ଦାବି ହୋଇଛି। ସୁରାବର ଗୀଦର ଅଞ୍ଚଳରେ ଦୀର୍ଘ ଚାରି ଘଣ୍ଟାରୁ ଅଧିକ ସମୟ ଧରି ଗୁଳି ବିନିମୟ ହୋଇଥିବା ମଧ୍ୟ ସଂଗଠନ ଦାବି କରିଛି।

ଫ୍ଲାଭିଓଙ୍କୁ ଦେଶ ଛାଡ଼ିବାକୁ ମନା



ବ୍ରାସିଲିଆ, ୨୭।୧୦: ବ୍ରାଜିଲର ଏକ କୋର୍ଟ ବିରୋଧୀ ନେତା ଫ୍ଲାଭିଓ ବୋଲସୋନାରୋଙ୍କୁ ଦେଶ ଛାଡିବାକୁ ବାରଣ କରିଛନ୍ତି। ଏଥିସହ ୨୪ ଘଣ୍ଟା ମଧ୍ୟରେ ତାଙ୍କ ପାସପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ଘୋଷଣା ହେବା ପରେ ଏହି ନିର୍ଦ୍ଦେଶ ଆସିଛି। ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ଫ୍ଲାଭିଓ ବୋଲସୋନାରୋଙ୍କୁ ପରାସ୍ତ କରି ଲଗାତାର ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଛନ୍ତି। ବ୍ରାଜିଲର ସାର୍ବଜନୀନ ସମାଚାର ଏଜେନ୍ସି ବ୍ରାସିଲ ରିପୋର୍ଟ କରିଛି ଯେ, ସୁପ୍ରିମକୋର୍ଟ ଫେଡେରାଲ୍ କୋର୍ଟ ବିଚାରପତି ଆଲେକଜାଣ୍ଡ୍ରେ ଡି ମୋରେସ୍ ବୋଲସୋନାରୋଙ୍କୁ ଆଇନଜୀବୀ ଭିଲାର ଟୋମାଜ୍ ସହିତ ଯୋଗାଯୋଗ କରିବାକୁ ମଧ୍ୟ ମନା କରିଛନ୍ତି। ତାଙ୍କ ବିରୋଧରେ ସେନେଟରଙ୍କ ସହିତ ଏକ ସନ୍ଦିଗ୍ଧ ମନି ଲଣ୍ଡରିଂ ମାମଲାରେ ତଦନ୍ତ କରାଯାଉଛି।

ସୁପ ୍ରିମକୋର୍ଟରେ ଏସଆଇଆର ମାମଲା ସ୍ଥଗିତ
ଦୀପାବଳି ପରେ ହେବ ବଡ଼ ଶୁଣାଣି

ନୂଆଦିଲ୍ଲୀ, ୨୭।୧୦: ସୁପ୍ରିମକୋର୍ଟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସମ୍ପର୍କିତ ନିର୍ବାଚନ କମିସନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକର ଶୁଣାଣିକୁ ସ୍ଥଗିତ ରଖିଛନ୍ତି। ନଭେମ୍ବର ୧୭ରେ ଶୁଣାଣି ହେବାର ଆଶା କରାଯାଉଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ କାର୍ଯ୍ୟକାରିତା ଓ ଏସଆଇଆର ସମ୍ପର୍କିତ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକର ଶୁଣାଣି ସୁପ୍ରିମକୋର୍ଟରେ ହେବାର ଥିଲା। ନିର୍ବାଚନ କମିସନ ସୋମବାର ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରି ତାଙ୍କ ନିଷ୍ପତ୍ତିକୁ ସୁରକ୍ଷା ପ୍ରଦାନ କରିଛନ୍ତି।

କମିସନ କହିଛନ୍ତି ଯେ, ସମସ୍ତ ଡିନୋଟି ନିର୍ଦ୍ଦେଶ କମିସନର ସମସ୍ତ ସଦସ୍ୟଙ୍କ ସମ୍ମତିରେ ଗୃହୀତ ହୋଇଛି। କମିସନ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଏକତରଫା ନିଷ୍ପତ୍ତିର ଅଭିଯୋଗକୁ ଖାରଜ କରି ଆବେଦନଗୁଡ଼ିକୁ ଭିତ୍ତିହୀନ ବୋଲି କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଅସଦୁଦ୍ଦିନ ଓୱେସି ଓ ଅନ୍ୟାନ୍ୟ ବିରୋଧୀ ନେତାଙ୍କ ଦ୍ୱାରା ଦାୟର ଆବେଦନଗୁଡ଼ିକର ଶୁଣାଣି ଏବେ ଦୀପାବଳି ପରେ କରାଯିବ। ନିର୍ବାଚନ କମିସନଙ୍କ ସତ୍ୟପାଠ ଉପରେ ଜବାବ ଦାଖଲ କରିବା ପାଇଁ କୋର୍ଟ ଆବେଦନକାରୀଙ୍କୁ ସମୟ ଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି.ମୋହନାଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଛି।

ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂହ ଯୁକ୍ତି ଦର୍ଶାଇଥିଲେ ଯେ, ସେମାନେ ନିର୍ବାଚନ କମିସନଙ୍କ ସତ୍ୟପାଠ ମାତ୍ର ଗୋଟିଏ ଦିନ ପୂର୍ବରୁ ପାଇଛନ୍ତି। ତେଣୁ ସେମାନଙ୍କୁ ଜବାବ ପ୍ରସ୍ତୁତ କରିବା ଓ ଦାଖଲ କରିବା ପାଇଁ ୧୦ ଦିନ ସମୟ ଦିଆଯିବା ଉଚିତ। ଏହା ପରେ କୋର୍ଟ ଆବେଦନକାରୀଙ୍କୁ ସେମାନଙ୍କର ଜବାବ ଦାଖଲ କରିବା ପାଇଁ ସମୟ ପ୍ରଦାନ କରିଥିଲେ ଓ ଦୀପାବଳି ପରେ ଶୁଣାଣି ପାଇଁ ମାମଲାକୁ ସ୍ଥଗିତ ରଖିଥିଲେ।

ଟ୍ରମ୍ପଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

ୱାଶିଂଟନ୍, ୨୭।୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟାଇନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନେଇ ଆମେରିକା ରାଜନୀତି ପୁଣି ଥରେ ସରଗରମ ହୋଇଉଠିଛି। ଆମେରିକା ହାଉସ୍ ଜୁଡିସିଆରୀ କମିଟିର ଡେମୋକ୍ରାଟିକ୍ ସଦସ୍ୟମାନେ ସୋମବାର ଏକ ୬୩ ପୃଷ୍ଠାର ବିସ୍ତୃତ ରିପୋର୍ଟ ପ୍ରକାଶ କରିଛନ୍ତି। ଏହି ରିପୋର୍ଟରେ ୧୧ ଜଣ ମହିଳାଙ୍କ ବୟାନ ସ୍ଥାନ ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ମହିଳା ଟ୍ରମ୍ପଙ୍କ ବିରୋଧରେ ଏପଷ୍ଟାଇନଙ୍କ ସହ ଜଡ଼ିତ ଯୌନ ନିର୍ଯ୍ୟାତନା ଓ ଦୁଷ୍କର୍ମ ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ହ୍ୱାଇଟ୍ ହାଉସ୍ ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ରାଜନୈତିକ ଆକ୍ରୋଶ ଓ ଭୋଟ୍ ପୂର୍ବରୁ ଲୋକଙ୍କ ଧ୍ୟାନ ହଟାଇବାର ପ୍ରୟାସ ବୋଲି କହି ପ୍ରତ୍ୟାଖ୍ୟାନ କରିଛି।

ଏହି ରିପୋର୍ଟରେ ପୂର୍ବତନ ମିସ୍ ସ୍ୱିଜରଲ୍ୟାଣ୍ଡ ତଥା ମଡେଲ ବେଆଟ୍ରିସ୍ କ୍ୟୁଲଙ୍କର ଏକ ସମ୍ବେଦନଶୀଳ ବୟାନ ରହିଛି। କ୍ୟୁଲଙ୍କ ଅଭିଯୋଗ ଅନୁଯାୟୀ, ୧୯୯୩ ନଭେମ୍ବରରେ ନ୍ୟୁୟର୍କର ପ୍ଲାଜା ହୋଟେଲରେ ଟ୍ରମ୍ପ ତାଙ୍କୁ ଜୋରଜବରଦସ୍ତ ଯୌନ ନିର୍ଯାତନା ଦେଇଥିଲେ। ଆମେରିକା ଭିସା ଓ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ ନାମଲେଖାରେ ସାହାଯ୍ୟ କରିବା ଆଳରେ ଟ୍ରମ୍ପ ତାଙ୍କୁ ହୋଟେଲ୍ ରୁମକୁ ଡାକି ଏପରି କରିଥିବା ଏବଂ ପରେ ଚୁପ୍ ରହିବାକୁ କହିଥିବା ସେ କହିଛନ୍ତି। ଏହାସହ ୧୯୮୦ ଓ ୧୯୯୦ ଦଶକରେ ଷ୍ଟେସି ୱିଲିୟମ୍ସ, ଜିଲ୍ ହାର୍ଥ, କେଟି ଜନସନ ଓ ଜେନ୍ ନାମ୍ନୀ ମହିଳାମାନେ ଆଣିଥିବା ପୁରୁଣା ଅଭିଯୋଗଗୁଡ଼ିକୁ ମଧ୍ୟ ଏହି ରିପୋର୍ଟରେ ପୁନର୍ବାର ଉପସ୍ଥାପିତ କରାଯାଇଛି।

ମହାରାଷ୍ଟ୍ର ରାଜନୀତିରେ ଶୀତଳ ଯୁଦ୍ଧ
ଜୋର ଧରିଲା ଫଡ଼ନଭିସ-ଶିନ୍ଦେଙ୍କ କ୍ଷମତା ଲଢ଼େଇ

ମୁମ୍ବାଇ, ୨୭।୧୦: ମହାରାଷ୍ଟ୍ରରେ କ୍ଷମତାସୀନ ମହାୟୁତି ମେଣ୍ଟ ଏବେ ରାଜନୈତିକ ଭାବେ ମଜଭୁତ ସ୍ଥିତିରେ ଥିବା ଦେଖାଯାଉଛି। କିନ୍ତୁ ମେଣ୍ଟର ଅଂଶୀଦାର ଦଳଗୁଡ଼ିକ ମଧ୍ୟରେ ବଢ଼ୁଥିବା ମତଭେଦ ରାଜ୍ୟ ରାଜନୀତିରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି। ମରାଠା ସଂରକ୍ଷଣ ଆନ୍ଦୋଳନକୁ ନେଇ ବିବାଦୀୟ ଅଡିଓ କ୍ଲିପ, ଏକନାଥ ଶିନ୍ଦେଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବା ଦାବି, କୋଙ୍କଣ ଅଞ୍ଚଳରେ ସହଯୋଗୀ ଦଳର ନେତାଙ୍କ ମଧ୍ୟରେ ବିବାଦ ଏବଂ ଅର୍ଥ ବିଭାଗକୁ ନେଇ ଅଜିତ ପାୱାର ଗୋଷ୍ଠୀର ଚାପ ରାଜନୈତିକ ମହଲରେ ଆଲୋଚନାର ବିଷୟ ପାଲଟିଛି। ମରାଠା ସଂରକ୍ଷଣ ଆନ୍ଦୋଳନର ନେତା ମନୋଜ ଜରାଙ୍ଗେ ପାଟିଲଙ୍କ ଦ୍ୱାରା ଏକ କଥିତ ଅଡିଓ କ୍ଲିପ ସାର୍ବଜନୀନ କରାଯିବା ପରେ ମହାୟୁତି ମେଣ୍ଟରେ ଅସନ୍ତୋଷ ଚର୍ଚ୍ଚା ଜୋର ଧରିଥିଲା। ଏହି କ୍ଲିପ୍‌ରେ ଏକନାଥ ସିନ୍ଦେଙ୍କ ସହ ଜଡ଼ିତ ୫୦୦ କୋଟି ଟଙ୍କାର କଥିତ କାରବାର ସମ୍ପର୍କରେ ଦାବି କରାଯାଇଥିବା କୁହାଯାଉଛି। ଏଥିସହ ଭାଜପାର ସୋସିଆଲ ମିଡିଆ ଟିମ ସହ ଜଡ଼ିତ କିଛି ବ୍ୟକ୍ତି ଆନ୍ଦୋଳନକୁ ଦୁର୍ବଳ କରିବା ପାଇଁ ଷଡ଼ଯନ୍ତ୍ର କରିଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା।

ଆମେ ଯେକୌଣସି ସମୟରେ ପ୍ରତିବାଦ କରିପାରିବୁ: ବେଣୁଗୋପାଳ

ନୂଆଦିଲ୍ଲୀ, ୨୭।୧୦: କଂଗ୍ରେସ ମହାସଚିବ କେସି ବେଣୁଗୋପାଳ କହିଛନ୍ତି, ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ବାସଭବନ ନିକଟରେ ପ୍ରତିବାଦ କରିପାରିବୁ। ଆମେ ଯେକୌଣସି ସମୟରେ ପ୍ରତିବାଦ କରିପାରିବୁ। ଦିଲ୍ଲୀ ପୁଲିସ ଆମକୁ କିପରି ଅଟକାଇବ ବୋଲି ସେ ପ୍ରଶ୍ନ କରିଛନ୍ତି। ଗଣମାଧ୍ୟମ ସହିତ କଥାବାର୍ତ୍ତା କରି କଂଗ୍ରେସ ନେତା କହିଛନ୍ତି, ପ୍ରତିବାଦ କରିବା ଏକ ଗଣତାନ୍ତ୍ରିକ ଅଧିକାର, କିନ୍ତୁ ସରକାର ବିରୋଧୀଙ୍କ ସ୍ୱରକୁ ଦବାଇବାକୁ ଚାହୁଁଛନ୍ତି। ପ

ପାୱାର୍ ପ୍ଲେ'ରେ ନୂଆ ରେକର୍ଡ

ଅଭିଷେକଙ୍କ ଅଭୂତପୂର୍ବ ବ୍ୟାଟିଂ: ଭାରତର ସିରିଜ୍ କବ୍‌ଜା

ୱେଲିଂଟନ୍,୨୭।୧୦: ଚଳିତ ନ୍ୟୁଜିଲାଣ୍ଡ୍ ବିପକ୍ଷ ଟି-୨୦ ସିରିଜ୍‌କୁ କବ୍‌ଜା କରିଛି ଭାରତ। ଭ୍ରମଣକାରୀ ଦଳ ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚ୍ ଜିତିଥିବା ବେଳେ ଆଜି ଏଠାରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ୬ ୱିକେଟ୍‌ରେ ବିଜୟୀ ହୋଇ ସିରିଜ୍‌ରେ ୩-୦ର ଅପରାଜେୟ ଅଗ୍ରଣୀ ହାସଲ କରିଛି। ପ୍ରଥମେ ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡ୍ ୩ ୱିକେଟ୍‌ରେ ୧୯୮ ରନ୍ କରିଥିଲା। ଏହାର ଜବାବରେ ଭାରତର ଦୁଇ ଓପନର ବିସ୍ଫୋରକ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ୍ ବୋଲରଙ୍କ ହୋସ୍ ଉଡ଼ାଇ ଦେଇଥିଲେ। ବିଶେଷକରି ଅଭିଷେକ ଶର୍ମା ଅଧିକ ଆକ୍ରମଣାତ୍ମକ ହୋଇ ମାତ୍ର ୧୫ ବଲ୍‌ରେ ଅର୍ଦ୍ଧଶତକ ଓ ୩୫ ବଲ୍‌ରେ ଟି-୨୦ରେ ତାଙ୍କର ଚତୁର୍ଥ ଶତକ ହାସଲ କରିଥିଲେ। ୩୮ ବଲ୍‌ରେ ୧୧୩ ରନ୍ କରିଥିବା ଅଭିଷେକଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ନ୍ୟୁଜିଲାଣ୍ଡ୍ ପକ୍ଷରୁ ଓପନର ଟିମ୍ ସାଇଫର୍ଟ ମାତ୍ର ୨ ରନ୍ କରି ଆଉଟ୍ ହେବା ପରେ ଦ୍ୱିତୀୟ ୱିକେଟ୍‌ରେ ଅନ୍ୟତମ ଓପନର ଫିନ୍ ଆଲେନ୍ ଓ ୩ ନମ୍ବର ବ୍ୟାଟ୍ସମ୍ୟାନ୍ ଡାରିଲ୍ ମିଚେଲ୍‌ଙ୍କ ମଧ୍ୟରେ ୮୬ ରନ୍‌ର ଭାଗୀଦାରୀ ହୋଇଥିଲା। ୫ଟି ଛକା ସହ ୪୦ ରନ୍ କରି ଆଲେନ୍ ବିଦାୟ ନେବା ପରେ ମିଚେଲ୍ ତାଙ୍କ ଧୂଆଁଧାର ବ୍ୟାଟିଂ ଜାରି ରଖିଥିଲେ। ସେ ମାତ୍ର ୫୨ ବଲ୍ ଖେଳି ୫ଟି ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ୮୯ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ଥିଲେ। ଏହାଛଡ଼ା ବେଭନ୍ ଜ୍ୟାକବ୍ସ ୪ଟି ଚୌକା ଓ ଗୋଟିଏ ଛକା ସହ ୩୯ ରନ୍‌ରେ ଅପରାଜିତ ଥିବା ବେଳେ ଗ୍ଲେନ୍ ଫିଲିପ୍ସ ୧୭ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ଅକ୍ଷର ପଟେଲ୍ ଓ ନୀତୀଶ କୁମାର ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଭାରତର ଦୁଇ ଓପନର ବୈଭବ ସୂର୍ଯ୍ୟବଂଶୀ ଓ ଅଭିଷେକ ପ୍ରାରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରି ପ୍ରଶଂସକଙ୍କ ଭରପୂର ମନୋରଞ୍ଜନ କରିଥିଲେ। ଉଭୟ ପାୱାର୍‌ପ୍ଲେ'ରେ ୧୧୮ ରନ୍ ଯୋଡ଼ି ଏ କ୍ଷେତ୍ରରେ ରେକର୍ଡ ସ୍ଥାପନ କରିଛନ୍ତି। ଏହା ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ପାୱାର୍‌ପ୍ଲେରେ ସର୍ବାଧିକ ସ୍କୋର୍। ଏହା ପୂର୍ବରୁ ଅଷ୍ଟ୍ରେଲିଆ ୧୧୩ ରନ୍ କରିଥିଲା, ଯାହାକି ଅଦ୍ୟାବଧି ଅତୁଟ ଥିଲା। ୭ ଓଭର୍‌ରେ ଦୁଇ ଓପନର ୧୩୩ ରନ୍ ଯୋଡ଼ିବା ପରେ ସୂର୍ଯ୍ୟବଂଶୀ ୨୦ ବଲ୍‌ରେ ୪ଟି ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ୪୫ ରନ୍ କରି ପ୍ରଥମ ୱିକେଟ୍ ଭାବେ ବିଦାୟ ନେଇଥିଲେ। କିନ୍ତୁ ଅଭିଷେକଙ୍କ ବ୍ୟାଟ୍‌ର ଯାଦୁ କାଏମ ରହିଥାଏ। ସେ ଦ୍ୱିତୀୟ ୱିକେଟ୍‌ରେ ସଞ୍ଜୁ ସାମ୍‌ସନ୍‌ଙ୍କ ସହ ୪୫ ରନ୍ ଯୋଡ଼ିବା ସହ ଟି-୨୦ କ୍ରିକେଟ୍‌ରେ ଏକାଦଶ ଶତକ ସହ ବିରାଟ କୋହଲିଙ୍କୁ ଅତିକ୍ରମ କରିଥିଲେ। ସେତେବେଳକୁ ସେ ୩୮ ବଲ୍‌ରେ ୯ଟି ଚୌକା ଓ ୧୧ଟି ଛକା ସହ ୧୧୩ ରନ୍ କରି ଦ୍ୱିତୀୟ ୱିକେଟ୍ ଭାବେ ବିଦାୟ ନେଇଥିଲେ। ଏହାପରେ ଭାରତ ଯଦିଓ ସାମ୍‌ସନ୍ (୧୮), ଅଧିନାୟକ ଶ୍ରେୟସ୍ ଆୟାର୍ (୫) ଶସ୍ତାରେ ଆଉଟ୍ ହୋଇଥିଲେ ମଧ୍ୟ ଭାରତ ୧୩.୨ ଓଭର୍‌ରେ ୧୯୯ ରନ୍ କରି ବିଜୟୀ ହୋଇଥିଲା। ନ୍ୟୁଜିଲାଣ୍ଡ୍ ପକ୍ଷରୁ କାଇଲ୍ ଜେମିସନ୍ ୨ଟି ଏବଂ ଅଧିନାୟକ ମିଚେଲ୍ ସାଣ୍ଟନର୍ ଓ ମାଥ୍ୟୁ ଫିଶର୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ଟି ଆସନ୍ତା ୩୦ ତାରିଖରେ ଅକଲ୍ୟାଣ୍ଡ୍‌ଠାରେ ଖେଳାଯିବ।

● କୋଟିଆ ପ୍ରସଙ୍ଗ

ପିସିସି ତଥ୍ୟ ଅନୁସନ୍ଧାନକାରୀ ଦଳ ସହ କେଭିଙ୍କ ଆଲୋଚନା

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସର ତଥ୍ୟ ଅନୁସନ୍ଧାନକାରୀ ଦଳ କୋଟିଆ ଗସ୍ତ ସାରି ଦକ୍ଷିଣାଞ୍ଚଳ ଡିଆଇଜି ଅଖିଳେଶ ସିଂ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଏସ୍‌ପି ରୋହିତ ବର୍ମାଙ୍କୁ ସମସ୍ତ ବିଷୟ ଅବଗତ କରିବା ସହ ପ୍ରଶାସନ କେଉଁସବୁ ପଦକ୍ଷେପ ନେବାର

ସରକାର ଏଣିକି ଦୃଢ଼ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି

ଆବଶ୍ୟକତା ରହିଛି, ସେନେଇ କୋରାପୁଟ ସର୍କିଟ ହାଉସଠାରେ ଆଲୋଚନା କରିବାକୁ ପହଞ୍ଚିଥିଲେ। ତେବେ ଉକ୍ତ ଆଲୋଚନାସ୍ଥଳକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆସି ପିସିସି ସଭାପତି ଶ୍ରୀ ଦାସ ଓ ତାଙ୍କ ସହ ଥିବା ଦଳର ବରିଷ୍ଠ ନେତୃବୃନ୍ଦଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଓ ଅଭିଜ୍ଞତା ଶୁଣିଥିଲେ। ଆଗକୁ କୋଟିଆକୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବେ ବୋଲି ଏହି ଅବସରରେ ଶ୍ରୀ ସିଂହଦେଓ ପ୍ରତିଶ୍ରୁତି ଦେଇଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଭୋରରେ...

ଏପର୍ଯ୍ୟନ୍ତ ମୋଟ ୪୮,୦୧୦ ଜଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିଛନ୍ତି। ସେମାନଙ୍କ ରହଣି ପାଇଁ ମୋଟ ୪୬୬ଟି ସ୍ୱତନ୍ତ୍ର ବାତ୍ୟା ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇଛି। ନବରଙ୍ଗପୁର ଜିଲ୍ଲାରେ ୧୧୨୭୦ ଜଣଙ୍କ ପାଇଁ ୧୩୪ଟି, ଗଜପତିରେ ୧୧ ହଜାରଙ୍କ ପାଇଁ ୧୭୫ଟି, ମାଲକାନଗିରିରେ ୯୮୫୦ ଜଣଙ୍କ ପାଇଁ ୩୫ଟି, ଗଞ୍ଜାମରେ ୬୫୦୦ ଜଣଙ୍କ ପାଇଁ ୩୭ଟି, କୋରାପୁଟରେ ୫ ହଜାର ଲୋକଙ୍କ ପାଇଁ ୪୭ଟି, କଳାହାଣ୍ଡିରେ ୨୪୧୫ ଜଣଙ୍କ ପାଇଁ ୧୪ଟି, ନୂଆପଡ଼ାରେ ୧୬୭୫ ଜଣଙ୍କ ପାଇଁ ୧୭ଟି ଓ ରାୟଗଡ଼ାରେ ୩୦୦ ଜଣଙ୍କ ପାଇଁ ୭ଟି ଆଶ୍ରୟସ୍ଥଳୀରେ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା କରାଯାଇଛି। ଖବର ଲେଖାଯିବା ବେଳକୁ ବାତ୍ୟା ପ୍ରାୟ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବା ପରେ ଉତ୍ତର ପଶ୍ଚିମ ଦିଗକୁ ମୁହାଁଇଥିଲା। ଲ୍ୟାଣ୍ଡଫଲ୍ ସମୟରେ ପବନର ସର୍ବାଧିକ ବେଗ ଘଣ୍ଟା ପ୍ରତି ୧୨୫ରୁ ୧୩୫ କିମି ଓ ଝଟ୍‌କା ପବନର ବେଗ ଘଣ୍ଟା ପ୍ରତି ୧୫୦ କିମି ପର୍ଯ୍ୟନ୍ତ ରହିବ ବୋଲି ଆକଳନ କରାଯାଉଛି। ଏହି ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ସହ ଘଣ୍ଟା ପ୍ରତି ୬୦ରୁ ୮୦ କିମି ଓ ଝଟକା ପବନ ୯୦ କିମି ପର୍ଯ୍ୟନ୍ତ ବହିବାର ଆଶଙ୍କା ଥିବାରୁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ବାତ୍ୟା ମୁକାବିଲା ନିମନ୍ତେ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସମ୍ଭାବ୍ୟ ପ୍ରଭାବିତ ୮ଟି ଜିଲ୍ଲା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡିକୁ ୧୯ କୋଟି ଟଙ୍କାର ଆଗୁଆ ଆର୍ଥିକ ସହାୟତା ପାଣ୍ଠି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି) ଯୋଗାଇ ଦେଇଛନ୍ତି।

କୋଟିଆ ପ୍ରସଙ୍ଗରେ...

ମାଝୀ ନିଜ ଚିଠିରେ ଲେଖିଛନ୍ତି ଯେ ବିରୋଧୀ ଦଳ ନେତା ଗତ ଅକ୍ଟୋବର ୧୯ ତାରିଖରେ ଲେଖିଥିବା ଚିଠିରେ ଉଠାଯାଇଥିବା ପ୍ରସଙ୍ଗକୁ ସେ ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରିଛନ୍ତି, ଯାହା ସମସ୍ୟାର ସମାଧାନ ପାଇଁ ନିର୍ମାଣମୂଳକ ଓ ଆଇନଗତ ଭିତ୍ତିଭୂମି ଉପରେ ଆଧାରିତ ନୁହେଁ। ସରକାର ସର୍ବଦା ଆଇନ ଓ ସମ୍ବିଧାନିକ ମାଧ୍ୟମରେ ରାଜ୍ୟର ଭୌଗୋଳିକ ସ୍ୱାର୍ଥ ରକ୍ଷା କରିଆସୁଛନ୍ତି। କୋଟିଆ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶକୁ ସରକାର ପ୍ରାଥମିକତା ଦେଇଛନ୍ତି। ସମନ୍ୱିତ ବିକାଶ, ସାଧାରଣ ସେବା ଉନ୍ନତି ଓ ସ୍ଥାନୀୟ ଲୋକଙ୍କ କଲ୍ୟାଣ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ବରିଷ୍ଠ ଅଧିକାରୀମାନେ ଅଛନ୍ତି। ରାଜସ୍ୱ ମନ୍ତ୍ରୀ ସହ ଅନ୍ୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ସେହି ଅଞ୍ଚଳକୁ ବହୁବାର ଗସ୍ତ କରି ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ସେ କହିଛନ୍ତି।

ପୋମା ଟୁଡୁ କୃଷି...

ମୁକ୍ତ କରାଯାଇଛି। ତାଁଙ୍କ ସ୍ଥାନରେ ୨୦୧୩ ବ୍ୟାଚ୍ ଆଇଏଏସ୍ ଶୁଭମ ସାକସେନାଙ୍କୁ ବିଡିଏ ଉପାଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଆଗାମୀ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ତଥା ରାଜଧାନୀ ଭୁବନେଶ୍ୱରରେ ସହରାଞ୍ଚଳ ସେବା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ଲକ୍ଷ୍ୟରେ ଚଞ୍ଚଳଙ୍କୁ କେବଳ ଭୁବନେଶ୍ୱର ମହାନଗର ନିଗମର କମିଶନର ଦାୟିତ୍ୱ ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରୀୟ ଡେପୁଟେସନ ଅବଧି ସରିବା ପୂର୍ବରୁ ରାଜ୍ୟ କ୍ୟାଡରକୁ ଫେରାଇ ଦିଆଯାଇଥିବା ୨୦୧୩ ବ୍ୟାଚ୍ ଆଇଏଏସ୍ ଡାକ୍ତର ପରାଗ ହର୍ଷଦ ଗାଭାଲୀଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନର 'ମିଶନ ନିର୍ଦ୍ଦେଶକ' ଭାବେ ଅବସ୍ଥାପିତ କରାଯାଇଛି। କେନ୍ଦ୍ର ସରକାର ତାଙ୍କର କେନ୍ଦ୍ରୀୟ ଡେପୁଟେସନ ଅବଧି ସରିବା ପୂର୍ବରୁ ଚଳିତ ମାସ ୭ ତାରିଖରେ ତାଙ୍କୁ ରାଜ୍ୟ କ୍ୟାଡ଼ରକୁ ଫେରାଇ ଦେଇଥିଲେ। ଏବେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ)ର ରାଜ୍ୟ ନିର୍ଦ୍ଦେଶିକା ଭାବେ ୨୦୧୦ ବ୍ୟାଚ୍ ଆଇଏଏସ୍ ବୃନ୍ଦା ଡି ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ବୃନ୍ଦାଙ୍କୁ ରାଜ୍ୟ ସରକାର କିଛି ମାସ ତଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦେଇଥିଲେ। ତାଙ୍କୁ ଏବେ ଏନଏଚଏମର ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି। ସେହିପରି ଆଇଏଏସ ବିଜୟ ଅମୃତ କୁଲାଙ୍କୁ ପୁଣି ବ୍ରହ୍ମପୁରକୁ ଫେରିଛନ୍ତି। ତାଙ୍କୁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆରଡିସି କରାଯାଇଛି। ପୂର୍ବରୁ ସେ ପଶୁପାଳନ ଓ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶକ ସହ ଓମଫେଡର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଅତିରିକ୍ତ ଦାୟିତ୍ୱ ମିଳିଛି। ଶ୍ରୀ ରାଠୋର ଏବେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଥିଲେ। ପ୍ରଣତୀ ଛୋଟରାୟଙ୍କୁ ଓମଫେଡର ପରିଚାଳନା ନିର୍ଦ୍ଦେଶକ କରାଯାଇଛି। ସେ ଗୃହ ବିଭାଗର ଅତିରିକ୍ତ ସଚିବ ଥିଲେ। ଶୁଭ କୁମାର ପଣ୍ଡା ଓଡ଼ିଶା ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ରାଜ୍ୟ ସରକାର ଖୁବ୍ ଶୀଘ୍ର ସଚିବ ସ୍ତରରେ ଅଦଳବଦଳ କରିପାରନ୍ତି। ୨୦୦୪ ବ୍ୟାଚ୍ ଆଇଏଏସ୍ ରୂପା ମିଶ୍ରଙ୍କ କେନ୍ଦ୍ରୀୟ ଡେପୁଟେସନରୁ ଫେରି ପ୍ରାୟ ୩ମାସ ହେବ ରାଜ୍ୟ ସରକାରରେ ଯୋଗ ଦେଇସାରିଥିଲେ ମଧ୍ୟ ତାଙ୍କୁ ଅଦ୍ୟାବଧି କୌଣସି ନିଯୁକ୍ତି ମିଳିନାହିଁ।

ଦୁର୍ନୀତି ନିବାରଣରେ...

ଦୁର୍ନୀତି ବିରୋଧରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦୁର୍ନୀତି ମୁକାବିଲା ପାଇଁ ଆମ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି, ଇଣ୍ଟେଲିଜେନ୍ସ ଆଧାରରେ ପଦ, କାର୍ଯ୍ୟକାଳ ନିର୍ବିଶେଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଦୁର୍ନୀତି ପାଇଁ ଗିରଫ ହୋଇଥିବା ଅଧିକାରୀଙ୍କ ଦଣ୍ଡ ବିଧାନ ଭଳି ତିନୋଟି ରଣକୌଶଳ ଆପଣାଇଛନ୍ତି। ଭିଜିଲାନ୍ସ ବିଭାଗ ଏହି ରଣକୌଶଳକୁ ନିର୍ଭୀକତାର ସହ ଓ ବୃତ୍ତିଗତ ଭାବେ କାର୍ଯ୍ୟକାରୀ କରୁଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଅଢ଼େଇ ବର୍ଷ ମଧ୍ୟରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଜଣେ ଆଇଏଏସ୍, ୮ ଜଣ ମୁଖ୍ୟଯନ୍ତ୍ରୀ ପାହ୍ୟାର ଅଧିକାରୀ, ୨ ଜଣ ବିଭାଗୀୟ ବନ ଅଧିକାରୀ, ଅବକାରୀ ଓ ଏସଟିଏର ଯୁଗ୍ମ କମିଶନର, ୩ ଜଣ ଖଣି ଉପନିର୍ଦ୍ଦେଶକ, ୫ ଜଣ ତହସିଲଦାର, ୪ ଜଣ ବିଡିଓ ଓ ଅନେକ ସରକାରୀ ପଦାଧିକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୪୧ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି ଓ ୯୧ ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନସନ ବନ୍ଦ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ।

ଚଢ଼ାନ୍ତ ତାଲିକାରୁ...

କୌଟି) ଗଣନା ଫର୍ମକୁ ସମ୍ପୃକ୍ତ ବାଦ୍ ଦିଆଯାଇଥିବା ବେଳେ ନୋଟିସ୍ ଓ ଶୁଣାଣି ପରେ ଆଉ ୬୧, ୮୬୭ ଜଣଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ନିର୍ବାଚନ କମିସନଙ୍କ ଯାଞ୍ଚ ରିପୋର୍ଟ ଅନୁଯାୟୀ, ବାଦ୍ ପଡ଼ିଥିବା ଗଣନା ମଧ୍ୟରୁ ପ୍ରାୟ ୬୫.୪୫ ଲକ୍ଷ (୧୧.୮୧%) ଭୋଟର ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଛନ୍ତି, ୧୯ ଲକ୍ଷରୁ ଅଧିକ ଭୋଟର ଅନୁପସ୍ଥିତ ଅଛନ୍ତି, ୧୬.୩୯ ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିଛି ଓ ୭ ଲକ୍ଷରୁ ଅଧିକ ନକଲି (ଡୁପ୍ଲିକେଟ୍) ପଞ୍ଜୀକୃତ ହୋଇଥିଲେ। ଆପତ୍ତି ଓ ଅଭିଯୋଗ ଶୁଣାଣି ସମୟରେ ୧୦.୦୮ ଲକ୍ଷ ନୂଆ ଭୋଟରଙ୍କୁ ଯୋଡ଼ାଯାଇଥିବା ବେଳେ ୧.୮୮ ଲକ୍ଷଙ୍କ ନାମ ପୁନର୍ବାର ବାଦ୍ ଦିଆଯାଇଛି। ୨୦୦୨ ମସିହା ପରେ ପ୍ରଥମ ଥର ପାଇଁ ଘରକୁ ଘର ବୁଲି ହୋଇଥିବା ଏହି ବୃହତ୍ ସଂଶୋଧନ ପ୍ରକ୍ରିୟା ଅକ୍ଟୋବର ୨୨ରେ ଶେଷ ହୋଇଥିଲା। ତେବେ ଗୋଟିଏ ରାଜ୍ୟରୁ ଏତେ ବଡ଼ ପରିମାଣର ଭୋଟର ବାଦ୍ ପଡ଼ିବା ନିର୍ବାଚନୀ ସୂଚାରୁତା ଓ ସାଧାରଣ ନାଗରିକଙ୍କ ଅଧିକାରକୁ ନେଇ ନୂଆ ସଂଶୟ ଓ ବିବାଦ ସୃଷ ସୃଷ୍ଟି କରିଛି।

ବିବାଦୀୟ ଗ୍ରାମପୁଞ୍ଜ...

ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ କହିଲେ ଯେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଭିନ୍ନ ଆବାସ ଯୋଜନାରେ ୯୨୧ ବାସଗୃହ ପ୍ରଦାନ କରାଯାଇଥିବା ବେଳେ ୬୪୧ ଘର କାମ ଇତିମଧ୍ୟରେ ଶେଷ ହୋଇଛି। କୋଟିଆରେ ୨୦୭୦ ରାସନ କାର୍ଡ ବଣ୍ଟନ ହୋଇଥିବା ବେଳେ ମନେରେଗା ଓ ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ ତୃଣମୂଳ ସ୍ତରରେ ପହଞ୍ଚିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୪୧ କୋଟି ଟଙ୍କା ଖର୍ଚ୍ଚ ହୋଇ ୪୧ କିମି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ସ୍ୱାସ୍ଥ୍ୟ ବିଭାଗରେ ଉଲ୍ଲେଖନୀୟ ଭାବେ ଓପିଡି ରୋଗୀ ସଂଖ୍ୟା ବୃଦ୍ଧି ହୋଇ କେବଳ ୨୦୨୫-୨୬ ବର୍ଷରେ ୧୧,୮୬୨ରେ ପହଞ୍ଚିଛି। ୧୪୦ଟି ସଫଳ ପ୍ରସବ ହୋଇ ଶିଶୁ ଜନ୍ମ ସହ ମାତୃ ମୃତ୍ୟୁ ହାର ସମଗ୍ର କୋଟିଆରେ ସମ୍ପୂର୍ଣ୍ଣ ଶୂନ ରହିଛି। ୧୮ଟି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ସୁନିଶ୍ଚିତ କରାଯାଇଛି। ୧୯ଟି ସ୍କୁଲ, ୨ଟି ଆଦର୍ଶ ବିଦ୍ୟାଳୟ, ୧୯୩୯ ଛାତ୍ର ଓ ସଫଳ ରେଜଲ୍ଟ କୋଟିଆର ଉନ୍ନତ ଶିକ୍ଷା ବ୍ୟବସ୍ଥାର ପରିଚାୟକ ସାଜିଛି। ୭.୧୯ କୋଟି ଟଙ୍କାର ସୋଲାର ବିଦ୍ୟୁତ୍ ପ୍ଲାନ୍‌ର ବ୍ୟବସ୍ଥା ମଧ୍ୟ ହୋଇଛି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଆଗକୁ ବଢୁଛି। କୋଟିଆର ୨୧ଟି ଗାଁରେ ୧୦୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ୯୦୯ ଲକ୍ଷପତି ଦିଦି ମହିଳା ସଶକ୍ତିକରଣର ସଫଳ ଉଦାହରଣ ସାଜିଛି। ଦେଓମାଳୀରେ ପର୍ଯ୍ୟଟନର ବିକାଶ ପାଇଁ ଇକୋ ଟୁରିଜିମ ହବ୍ ପ୍ରକଳ୍ପ ଅଧୀନରେ ୫୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଜଙ୍ଗଲ ଅଧିକାର ଆଇନ ଅଧୀନରେ ୨୪୯୯ଟି ପଟ୍ଟାରେ ୩୨୩୯ ଏକର ଜମି ବନ୍ଦୋବସ୍ତ ହୋଇଛି। ସିଏମ୍ କିଷାନ୍ ଅଧିନରେ ୬୯୩ ଓ

ବାତ୍ୟା 'ଅର୍ଣ୍ଣବ' ମୁକାବିଲା ଲାଗି ଜିଲ୍ଲା ପ୍ରଶାସନ ସଜାଗ

ବ୍ୟାପକ ସ୍ଥାନାନ୍ତର ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ମାଲକାନଗିରି,୨୭।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବର ମୁକାବିଲା ଲାଗି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଏବଂ ସ୍ଥାନାନ୍ତର କାର୍ଯ୍ୟ ଜାରି ରହିଛି। ଜିଲ୍ଲାରେ ଶୂନ୍ୟ ଜୀବନହାନି ଲକ୍ଷ୍ୟ ନେଇ ସମସ୍ତ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୩ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ମାଧ୍ୟମରେ ୧,୦୦୧ ଜଣ ବିପନ୍ନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି।

ସରକାରୀ ରିପୋର୍ଟ ଅନୁଯାୟୀ, ଉଦ୍ଧାର ହୋଇଥିବା ୧,୦୦୧ ଜଣ ବିପନ୍ନଙ୍କ ମଧ୍ୟରେ ୩୮୪ ଜଣ ପୁରୁଷ, ୩୪୨ ଜଣ ମହିଳା ଏବଂ ୨୭୫ ଜଣ ଶିଶୁ ସାମିଲ ଅଛନ୍ତି, ଯେଉଁଥିରେ ସର୍ବାଧିକ ୪୭୩ ଜଣଙ୍କୁ କୋରୁକୋଣ୍ଡା ବ୍ଲକ୍‌ରୁ ସ୍ଥାନାନ୍ତରିତ କରାଯାଇଛି। ସେହିପରି ପ୍ରଶାସନ ପକ୍ଷରୁ ଗର୍ଭବତୀ ମହିଳାଙ୍କ ସୁରକ୍ଷାକୁ ବିଶେଷ ପ୍ରାଥମିକତା ଦିଆଯାଉଛି। ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ ତାରିଖ ଥିବା ଜିଲ୍ଲାର ୫୯୯ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୬ ଜଣଙ୍କୁ ବିଭିନ୍ନ ମା ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏବଂ ୭୧ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିରାପଦରେ ସ୍ଥାନାନ୍ତର କରାଯାଇସାରିଛି।

ଜରୁରୀକାଳୀନ ମୁକାବିଲା ପାଇଁ ଚିତ୍ରକୋଣ୍ଡା ଓ ମାଥିଲି ବ୍ଲକ୍‌ରେ ୫ଟି ଓଡ୍ରାଫ୍ ଟିମ୍, କାଲିମେଳାରେ ୧ଟି ଏନଡିଆରଏଫ ଟିମ୍ ଏବଂ ୯ଟି ଅଗ୍ନିଶମ ବାହିନୀ ଟିମ୍ ନିୟୋଜିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ଜିଲ୍ଲାର ପ୍ରମୁଖ ଜଳମଗ୍ନ ପ୍ରବଣ ଅଞ୍ଚଳ, ପାଙ୍ଗାମ, ଏମଭି-୦୭, କାଙ୍ଗୁରୁକୋଣ୍ଡା, ପୋଟେରୁ, ଏମଭି-୯୦, ଏମଭି-୯୬, ମହାରାଜପଲ୍ଲୀ, କନ୍ୟାଶ୍ରମ ଓ ଚଲାନଗୁଡ଼ା ଭଳି ସମ୍ବେଦନଶୀଳ ପୋଲ ଏବଂ ବୋଣ୍ଡାଘାଟି, ମାଙ୍କଡ଼ଝୋଲା, ନାକାମାମୁଡ଼ି-ବାୟାପଡ଼ା ରାସ୍ତା ଭଳି ଭୂସ୍ଖଳନ ପ୍ରବଣ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି। ସଡ଼କ ପରିବହନ ବାଧାପ୍ରାପ୍ତ ହେଲେ ତୁରନ୍ତ ବିକଳ୍ପ ରୁଟ୍ ବ୍ୟବହାର ପାଇଁ ଆରଟିଓ ପକ୍ଷରୁ ମାଷ୍ଟର ରୁଟ୍ ପ୍ଲାନ୍ ବୃତ୍ତାନ୍ତ କରାଯାଇଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ସହାୟତା ପାଇଁ ଫୋନ୍ ନମ୍ବର 06861-231372, ଟୋଲ୍ ଫ୍ରି ନମ୍ବର 1077 ଏବଂ ଇମେଲ୍ deemgmkg@gmail.com ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି।

ଗ୍ରାଉଣ୍ଡ ଜିରୋରେ ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

ମାଲକାନଗିରି ଜିଲ୍ଲା ଗସ୍ତ କରି ମାଥିଲି ବ୍ଲକର ଜୁଙ୍ଗିଆପୁଟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚିବା ସହ ଜରୁରୀକାଳୀନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବରିଷ୍ଠ ଆଇଏଏସ ଅଫିସର ଡ. ୟେଦୁଲା ବିଜୟ ଏବଂ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଶ୍ରୟସ୍ଥଳୀଗୁଡ଼ିକରେ ଖାଦ୍ୟ, ସ୍ୱାସ୍ଥ୍ୟସେବା ଓ ପାନୀୟ ଜଳର ଉପଲବ୍ଧତା ନିଶ୍ଚିତ କରାଯାଇଛି। ବନ୍ୟା ପରିସ୍ଥିତିର ମୋକାବିଲା ପାଇଁ ଓଡ୍ରାଫ୍ ଟିମ୍ ମୁତୟନ ସହ ପାଙ୍ଗାମ ପୋଲ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। 'ଶୂନ୍ୟ ଜୀବନହାନି' ଲକ୍ଷ୍ୟ ନେଇ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଭୟଭୀତ ନହୋଇ ସମସ୍ତେ ସତର୍କ ରହିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ନେଇ ସତର୍କତା

ପାରାଦ୍ୱୀପ ବନ୍ଦରରେ ୩୦୫ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଆଶ୍ରୟ

ପାରାଦ୍ୱୀପ,୨୭।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ବନ୍ଦର ହାର୍ବର ମଧ୍ୟରେ ମାଛଧରା ଡଙ୍ଗାଗୁଡ଼ିକୁ ସୁରକ୍ଷିତ ଆଶ୍ରୟ ଦିଆଯିବା ସହ ୩୦୫ ଜଣ ମତ୍ସ୍ୟଜୀବୀଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଛି।

ବନ୍ଦରର ଇଷ୍ଟର୍ଣ୍ଣ କ୍ୟୁ-୧ (ଇକ୍ୟୁ-୧) ବର୍ଥରେ ଏହି ମତ୍ସ୍ୟଜୀବୀମାନଙ୍କୁ ଆଶ୍ରୟ ଦିଆଯାଇଛି। ପ୍ରତିକୂଳ ପାଣିପାଗ ଯୋଗୁଁ ସମୁଦ୍ରରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବିପଦକୁ ଏଡ଼ାଇବା ସହ ମତ୍ସ୍ୟଜୀବୀଙ୍କ ଅମୂଲ୍ୟ ଜୀବନର ସୁରକ୍ଷା ନିମନ୍ତେ ବନ୍ଦର କର୍ତ୍ତୃପକ୍ଷ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

ବାତ୍ୟା ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଓ ସମୟୋଚିତ ପଦକ୍ଷେପ ଦ୍ୱାରା ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ରଖିବା ଦିଗରେ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଏହି ଉଦ୍ୟମ ଗୁରୁତ୍ୱ ବହନ କରୁଛି।

ବାତ୍ୟା 'ଅର୍ଣ୍ଣବ'

ରାତି ଜଗିବେ ପ୍ରଶାସନିକ ଅଧିକାରୀ

ଗଂଜାମ, ୨୭।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ'ର ସମ୍ଭାବ୍ୟ ପ୍ରଭାବ ନେଇ ଗଞ୍ଜାମ ଅଞ୍ଚଳରେ ଆଜି ଦିନସାରା ଝିପିଝିପି ବର୍ଷା ଲାଗି ରହିଛି। ବାତ୍ୟାର ମୁକାବିଲା ଓ ଧନଜୀବନର ସୁରକ୍ଷା ପାଇଁ ଗଞ୍ଜାମ ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୮୭ ଜଣଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୩୨ ଜଣ ଗର୍ଭବତୀଙ୍କୁ ବିଭିନ୍ନ ମେଡିକାଲରେ ରଖାଯାଇଛି।

ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ଓ ବିଡିଓ ଅଦ୍ଭୁତ ଯାନୀଙ୍କ ନେତୃତ୍ୱରେ ଥାନା ଅଧିକାରୀ ସୁମିତ୍ରା ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ପରିସ୍ଥିତିର ସମୀକ୍ଷା କରୁଛନ୍ତି। ସମୁଦ୍ରକୂଳିଆ ଓ ବାତ୍ୟା ପ୍ରଭାବିତ ହେବାର ଆଶଙ୍କା ଥିବା ଅଞ୍ଚଳରେ ନିୟମିତ ନିରୀକ୍ଷଣ ସହ ଲୋକଙ୍କୁ ସଚେତନ କରାଯାଉଛି। ମତ୍ସ୍ୟଜୀବୀମାନେ ଯେପରି ସମୁଦ୍ରକୁ ନ ଯାଆନ୍ତି, ସେଥିପ୍ରତି ପ୍ରଶାସନ ନଜର ରଖିଛି। ପୋଡ଼ମ୍‌ପେଟା ସମୁଦ୍ରକୂଳକୁ ପର୍ଯ୍ୟଟକଙ୍କ ଯିବା ଉପରେ ରୋକ ଲଗାଇବା ପାଇଁ ପୁଲିସ ମୁତୟନ କରାଯାଇଛି।

ବ୍ଲକ୍ ଅଞ୍ଚଳରେ ଥିବା ୨୯ଟି ବାତ୍ୟା ଆଶ୍ରୟସ୍ଥଳୀ ଓ ଗୋଟିଏ ରେଡକ୍ରସ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ସେଥିମଧ୍ୟରୁ ୭ଟି ଆଶ୍ରୟସ୍ଥଳୀକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରାଯାଇଛି। ସ୍ଥାନାନ୍ତରିତ ଲୋକଙ୍କ ପାଇଁ ଆବଶ୍ୟକ ସୁବିଧା ସହ ଖାଦ୍ୟ ଓ ନିତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଛି। ପ୍ରତ୍ୟେକ ପଞ୍ଚାୟତ ଓ ଆଶ୍ରୟସ୍ଥଳୀର ତଦାରଖ ପାଇଁ ନୋଡାଲ ଅଧିକାରୀ ନିଯୁକ୍ତ ହୋଇଛନ୍ତି।

ବାତ୍ୟା ପରିସ୍ଥିତିକୁ ନେଇ ଗୁଜବ ଓ ମିଥ୍ୟା ସୂଚନାରେ ବିଶ୍ୱାସ ନକରି ପ୍ରଶାସନ ପକ୍ଷରୁ ଜାରି ସୂଚନାକୁ ଅନୁସରଣ କରିବାକୁ ତହସିଲଦାର ସୁକାନ୍ତ ମିଶ୍ର ଲୋକଙ୍କୁ ଅନୁରୋଧ କରିଛନ୍ତି। ଜରୁରୀ ସହାୟତା ପାଇଁ ଗଞ୍ଜାମ ବ୍ଲକ୍ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଆବଶ୍ୟକ ସମୟରେ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

ବାତ୍ୟା ଲାଗି କନ୍ଧମାଳ ଜିଲ୍ଲାରେ ଆସନ୍ତାକାଲି ସ୍କୁଲ ଛୁଟି



ଫୁଲବାଣୀ, ୨୭।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ଭୀଷଣ ବର୍ଷା ଓ ସାମୁଦ୍ରିକ ଝଡ଼ 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲାରେ ଆସନ୍ତାକାଲି, ଅକ୍ଟୋବର ୨୮ ତାରିଖରେ ସମସ୍ତ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିବ। ଏନେଇ କନ୍ଧମାଳ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଆଦେଶ ଜାରି କରିଛନ୍ତି।

ଜିଲ୍ଲାପାଳଙ୍କ ଆଦେଶ ଅନୁଯାୟୀ, ଜିଲ୍ଲାର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସହ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ମଧ୍ୟ ବନ୍ଦ ରହିବ।

ତେବେ ଜନସାଧାରଣଙ୍କ ଆବଶ୍ୟକତା ଓ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ନିଜ ନିଜ ବିଦ୍ୟାଳୟରେ ଉପସ୍ଥିତ ରହି କର୍ତ୍ତବ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପାଣିପାଗ ପରିସ୍ଥିତିକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

ଉମରକୋଟ ପ୍ରସିଦ୍ଧ ମା' ପେଣ୍ଡରାଣୀ ମନ୍ଦିରରୁ ଲୁଟ୍

ଦାନ ହୁଣ୍ଡି ଭାଙ୍ଗି ଟଙ୍କା ନେଇଗଲେ ଦୁର୍ବୃତ୍ତ

ନବରଙ୍ଗପୁର, ଉମରକୋଟ, ୨୭।୧୦ (ସଂଚାର ବ୍ୟୁରୋ): ଉମରକୋଟ ସହର ଓ ଆଖପାଖ ଅଞ୍ଚଳରେ ଦିନକୁ ଦିନ ବଢ଼ିଚାଲିଥିବା ଅପରାଧିକ କାର୍ଯ୍ୟକଳାପ ଏବେ ଆଧ୍ୟାତ୍ମିକ ପୀଠଗୁଡ଼ିକର ସୁରକ୍ଷା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାଳେ କାହାକୁ ଭୟ ନାହିଁ; ଶେଷରେ ଚୋରଙ୍କ ନଜରରୁ ବାଦ୍ ପଡ଼ିନାହାନ୍ତି ସହରର ଆରାଧ୍ୟ ଦେବୀ। ଉମରକୋଟର ପ୍ରସିଦ୍ଧ ମା' ପେଣ୍ଡରାଣୀଙ୍କ ମନ୍ଦିରରୁ ଗତକାଲି ରାତିରେ ଦାନ ହୁଣ୍ଡି ଭାଙ୍ଗି ବ୍ୟାପକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସ୍ଥାନୀୟ ଶ୍ରଦ୍ଧାଳୁ ଓ ମନ୍ଦିର କମିଟି ମଧ୍ୟରେ ଅସନ୍ତୋଷ ଏବଂ ତୀବ୍ର ଉଦ୍‌ବେଗ ପ୍ରକାଶ କରିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ମା' ପେଣ୍ଡରାଣୀ ମନ୍ଦିରର ମୁଖ୍ୟ ଫାଟକରେ ସୁରକ୍ଷା ଦୃଷ୍ଟିରୁ ତାଲା ପଡ଼ିଥିଲା। ମାତ୍ର ଦୁର୍ବୃତ୍ତମାନେ ମନ୍ଦିର ପଛପଟ ପାଚେରି ଡେଇଁ ପରିସରକୁ ପ୍ରବେଶ କରିଥିଲେ। ସେଠାରେ ରଖାଯାଇଥିବା ଦାନ ହୁଣ୍ଡିକୁ ସମ୍ପୂର୍ଣ୍ଣ ଭାଙ୍ଗି ସେଥିରେ ଥିବା ସମସ୍ତ ନଗଦ ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଛନ୍ତି। ହୁଣ୍ଡିରେ କେତେ ଟଙ୍କା ଥିଲା ଏବଂ ଅନ୍ୟ କୌଣସି

ପୂଜା ସାମଗ୍ରୀ କିମ୍ବା ମୂଲ୍ୟବାନ ଜିନିଷ ଚୋରି ହୋଇଛି କି ନାହିଁ, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

ମନ୍ଦିର କମିଟି ସଦସ୍ୟଙ୍କ କହିବା ଅନୁଯାୟୀ, ଏହା କୌଣସି ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଏହି ମନ୍ଦିରରୁ ଦୁଇ ଦୁଇ ଥର ଚୋରି ହୋଇସାରିଛି। ତେବେ ପୂର୍ବରୁ ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ ଚୋରି ସାମଗ୍ରୀ ଉଦ୍ଧାର କରିବାରେ କିମ୍ବା ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଥିବା ନେଇ କମିଟି ସଦସ୍ୟ ଅଭିଯୋଗ କରିଛନ୍ତି। ବାରମ୍ବାର ଚୋରି ଘଟଣା ଘଟୁଥିବାରୁ ପୋଲିସର ନିଷ୍କ୍ରିୟତାକୁ ନେଇ କ୍ଷୋଭ ପ୍ରକାଶ ପାଇଛି।

ମନ୍ଦିର ପରିସରରେ ଆବଶ୍ୟକ ସିସିଟିଭି କ୍ୟାମେରା ବ୍ୟବସ୍ଥା ନଥିବାରୁ ଅପରାଧୀମାନେ ସହଜରେ ସୁଯୋଗ ନେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସଞ୍ଜ ନଇଁଲେ ମନ୍ଦିର ପରିସର ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେଉଛି। ପ୍ରଶାସନିକ ଓ ପୋଲିସୀ ନଜର ଅଭାବରୁ ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି।

ଘଟଣା ସମ୍ପର୍କରେ ଖବର ପାଇବା ପରେ ଉମରକୋଟ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ ଲୁଟ୍ ଟଙ୍କା ଉଦ୍ଧାର କରିବା ପୋଲିସ ପାଇଁ ଏବେ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଅନ୍ୟପଟେ, ମନ୍ଦିରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ତୁରନ୍ତ ସିସିଟିଭି କ୍ୟାମେରା ସ୍ଥାପନ ଏବଂ ସାନ୍ଧ୍ୟ ପାଟ୍ରୋଲିଂ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଭକ୍ତ ଓ ମନ୍ଦିର କମିଟି ଦାବି କରିଛନ୍ତି।

ସେସ୍କୋ କୋଠା ଅଧିକାରୀଙ୍କ ବେପରୁଆ କାମ ଯୋଗୁଁ ଟାଙ୍କିରେ ପଡ଼ିଲା ଷଣ୍ଢ

ଯାଜପୁର ରୋଡ଼, ୨୭।୧୦ (ସଂଚାରବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ-୧୬ ସ୍ଥିତ ଉମାପଦା ହାଉସିଂ ବୋର୍ଡ ସେସ୍କୋ କୋଠା ପରିସରରେ ସେସ୍କୋ କୋଠା ଅଧିକାରୀମାନଙ୍କ ବେପରୁଆ କାର୍ଯ୍ୟ ଯୋଗୁଁ ଏକ ବଡ଼ ଅଘଟଣ ଘଟିଛି। ସେଠାରେ ଥିବା ପାଇଖାନା ଟାଙ୍କିକୁ ଦୀର୍ଘ ଦିନ ହେଲା ଖୋଲା ଅବସ୍ଥାରେ ଛାଡି ଦିଆଯାଇଥିବାରୁ ଆଜି ସେଥିରେ ଏକ ଜର୍ସି ଷଣ୍ଢ ପଡ଼ି ଯାଇଥିଲା। ଖବର ପାଇ ଯାଜପୁର ରୋଡ଼ ଫାୟାର ଷ୍ଟେସନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବହୁ କଷ୍ଟରେ ଷଣ୍ଢଟିକୁ ଗଭୀର ଟାଙ୍କିରୁ ଉଦ୍ଧାର କରିଥିଲେ। ସେସ୍କୋ କୋଠା ପରିସରରେ ଥିବା ଏଭଳି ଗଭୀର ଟାଙ୍କିଗୁଡ଼ିକୁ ଢାଙ୍କୁଣୀ ନ ଘୋଡ଼ାଇ ଖୋଲା ଛାଡି ଦେବା ସେସ୍କୋ କର୍ତୃପକ୍ଷଙ୍କ ଘୋର ଦାୟିତ୍ୱହୀନତାକୁ ପଦାରେ ପକାଉଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ଖୋଲା ଟାଙ୍କି ଯୋଗୁଁ ଯେକୌଣସି ମୁହୂର୍ତ୍ତରେ ଶିଶୁ ଓ ଗୃହପାଳିତ ପଶୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତୁରନ୍ତ ଟାଙ୍କିଗୁଡ଼ିକୁ ଢାଙ୍କୁଣୀ ଘୋଡ଼ାଇବାକୁ ଜନସାଧାରଣ ଦାବି କରିଛନ୍ତି। ଅନ୍ୟପକ୍ଷରେ ଫାୟାର ଷ୍ଟେସନ ଅଧିକାରୀ ତାପସ କୁମାର ମନ୍ତ୍ରୀଙ୍କ ନେତୃତ୍ୱରେ ଉଦ୍ଧାର କାର୍ଯ୍ୟ ସଫଳ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ପ୍ରଶଂସା କରାଯାଉଛି।

ବିଜେପି ପକ୍ଷରୁ ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ କର୍ମଶାଳା

ଢେଙ୍କାନାଳ, ୨୭।୧୦ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟିର ୨୨ ଅକ୍ଟୋବରରୁ ୫ନଭେମ୍ବର ପର୍ଯ୍ୟନ୍ତ ଦେଶବ୍ୟାପୀ " ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ" ଅଭିଯାନ ଜିଲ୍ଲା ସଭାପତିଙ୍କ ଅଧ୍ୟକ୍ଷତାରେ ବିଜେପି କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ରାଜ୍ୟ ଉପସଭାପତି ଡ. ଯତିନ୍ ମହାନ୍ତି, ଜିଲ୍ଲା ସଂଗଠନ ପ୍ରଭାରୀ ସ୍ମୃତି ପଟ୍ଟନାୟକ ଏହି କର୍ମଶାଳାରେ ଯୋଗଦେଇ ମତବ୍ୟକ୍ତ କରିଥିଲେ ଯେ, ଗଣତାନ୍ତ୍ରିକ ଅନୁଷ୍ଠାନଗୁଡିକର ବିଶ୍ୱସନିୟତା, ସାମ୍ବିଧାନ ମୂଲ୍ୟବୋଧ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ମତଦାତା ତାଲିକା ପ୍ରସ୍ତୁତିର ସମର୍ଥନରେ ସଚେତନତା ଜାଗ୍ରତ କରିବା ପାଇଁ ଦଳର କାର୍ଯ୍ୟକର୍ତାମାନେ ତୃଣମୂଳ ସ୍ତରରେ ରାଷ୍ଟ୍ରର ସଫଳତା ଓ ବିକାଶ ଯାତ୍ରାକୁ ପ୍ରମୁଖତାର ସହ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନା କରିବା ଓ ଜନକଲ୍ୟାଣ କ୍ଷେତ୍ରରେ ଭାରତର ସଫଳତାକୁ ରେଖାଙ୍କିତ କରାଇବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ।

ବିରୋଧୀ ଦଳମାନେ ମିଥ୍ୟା ରାଜନୈତିକ ଏଜେଣ୍ଡା ରଖି ନିଜର ଦୋମୁହାଁ ମାନଦଣ୍ଡକୁ ଉଜାଗର କରିବା ଉଦ୍ଦେଶ୍ୟରେ କଂଗ୍ରେସର ରାଷ୍ଟ୍ର ବିରୋଧୀ ରାଜନୀତି ଓ ଦେଶକୁ ଅସ୍ଥିର କରିବାର ପ୍ରୟାସ ଭଳି ବିଷୟଗୁଡିକ ଏହି ଅଭିଯାନରେ ଜନସାଧାରଣଙ୍କ ସମ୍ମୁଖରେ ରଖାଯିବ। ଏହି ଅଭିଯାନ ଜିଲ୍ଲା ଓ ବିଧାନସଭା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଓ ସମ୍ମିଳନୀ ଆୟୋଜନ କରାଯିବ । ଜିଲ୍ଲା କେନ୍ଦ୍ରରେ ବିଶାଳ ପଦଯାତ୍ରା ହେବ, ରାଷ୍ଟ୍ରଚିନ୍ତନ ପ୍ରମୁଖ ନାଗରିକ ସଂଗୋଷ୍ଠି/ଆଲୋଚନା ଚକ୍ର ବିଧାନସଭାର ବୁଦ୍ଧିଜୀବୀମାନଙ୍କୁ ନେଇ ଅନୁଷ୍ଠିତ ହେବ । ଯୁବସମ୍ବାଦ ବିଭିନ୍ନ କଲେଜ ଓ ମହାବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ଗଣତନ୍ତ୍ର ବନାମ ଭିତତନ୍ତ୍ରର ଆଲୋଚନା ଚକ୍ର, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭାରତ ବର୍ଷର ଗଣତନ୍ତ୍ରର ମୂଲ୍ୟବୋଧକୁ ନେଇ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ସମ୍ଭାବ୍ୟ ବାତ୍ୟାକୁ ନେଇ ଚିନ୍ତାରେ ଚାଷୀ, ଫସଲ ନଷ୍ଟ ଆଶଙ୍କା

ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ୨୭।୧୦ (ସଂଚାର ବ୍ୟୁରୋ): ତେନ୍ତୁଳିଖୁଣ୍ଟି ବ୍ଲକରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ମନରେ ଛନକା ପଶିଛି। ପୂର୍ବ ବାତ୍ୟାରେ ହୋଇଥିବା କ୍ଷୟକ୍ଷତିର ଦୁଃ

ଥାନା ସିୟୁଜି ନମ୍ବର ଲୁଚାଇଲେ କାର୍ଯ୍ୟାନୁଷ୍ଠାନ!

ସାର୍ବଜନୀନ କରିବାକୁ ପୁଲିସ୍ ମୁଖ୍ୟାଳୟର କଡ଼ା ନିର୍ଦ୍ଦେଶ

କଟକ,୨୭।୧୦ (ସଂଚାର ବ୍ୟୁରୋ)ଃ ରାଜ୍ୟର ବିଭିନ୍ନ ଥାନାରେ ଥିବା ବିଏସ୍ଏନ୍ଏଲ୍ ଲ୍ୟାଣ୍ଡଫୋନ୍ ଲାଇନ୍ଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ଜରୁରୀ ସେବା ଓ ପୁଲିସ୍ ସହାୟତା ପାଇଁ ପ୍ରତ୍ୟେକ ଥାନାକୁ ସିୟୁଜି (କ୍ଲୋଜ୍ଡ ୟୁଜର୍ ଗ୍ରୁପ୍) ମୋବାଇଲ୍ ନମ୍ବର ଯୋଗାଇ ଦିଆଯାଇଛି। ତେବେ ଅଧିକାଂଶ ଥାନାଧିକାରୀ ଏହି ନମ୍ବରକୁ ସାର୍ବଜନୀନ ନ କରି ଲୁଚାଇ ରଖୁଥିବା ଅଭିଯୋଗ ହୋଇଛି।

ଏହାକୁ ଗୁରୁତର ସହ ନେଇ ଓଡ଼ିଶା ପୁଲିସ୍ ସଦର ମହକୁମା (କଟକ) ପକ୍ଷରୁ ରାଜ୍ୟର ସମସ୍ତ ପୁଲିସ୍ ଜିଲ୍ଲାକୁ ତାଗିଦ୍ କରାଯିବା ସହ ସିୟୁଜି ନମ୍ବର ସାର୍ବଜନୀନ କରିବାକୁ କଡ଼ା ଚିଠି ଲେଖାଯାଇଛି।

ସାଧାରଣତଃ ଜରୁରୀ ପରିସ୍ଥିତିରେ ଲୋକେ ୧୧୨ ନମ୍ବରକୁ କଲ୍ କରୁଛନ୍ତି। ମାତ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳଗୁଡ଼ିକରେ ନେଟୱର୍କ ସମସ୍ୟା ଯୋଗୁଁ ଅନ୍ୟ ଜିଲ୍ଲାର କଣ୍ଟ୍ରୋଲ ରୁମ୍ ସହ କଲ୍ ଯୋଡ଼ି ହୋଇଯାଉଛି। ଉଦାହରଣସ୍ୱରୂପ କଟକ ଜିଲ୍ଲା କିଶନନଗର ଅଞ୍ଚଳର ଲୋକେ ୧୧୨କୁ କଲ୍ କଲେ ତାହା ଜଗତସିଂହପୁର କଣ୍ଟ୍ରୋଲ ରୁମ୍ରେ ଲାଗୁଛି, ଯାହାଦ୍ୱାରା ତୁରନ୍ତ ପୁଲିସ୍ ସହାୟତା ପାଇବାରେ ବିଳମ୍ବ ଘଟୁଛି। ଏଭଳି ସ୍ଥିତିରେ ସମ୍ପୃକ୍ତ ଥାନାର ସିୟୁଜି ନମ୍ବର ସିଧାସଳଖ ଯୋଗାଯୋଗ ପାଇଁ ସବୁଠାରୁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ତେବେ ଅଭିଯୋଗ ଅନୁଯାୟୀ, ଗଣମାଧ୍ୟମ ପ୍ରତିନିଧି ଓ ରାଜନେତାମାନେ ଥାନାଧିକାରୀଙ୍କ ବ୍ୟକ୍ତିଗତ ନମ୍ବରରେ ଯୋଗାଯୋଗ କରି ସୂଚନା ସଂଗ୍ରହ କରୁଥିବା ବେଳେ ଅସହାୟ, ବରିଷ୍ଠ ନାଗରିକ ଓ ସାଧାରଣ ଲୋକେ ଥାନା ନମ୍ବର ନ ପାଇ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ବିଶେଷକରି କଟକ କମିଶନରେଟ୍ ପୁଲିସ୍ ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କଟକ ସଦର, ମଧୁପାଟଣା, ଚାଉଳିଆଗଞ୍ଜ, ଜଗତପୁର, ସିଆର୍ଆର୍ଆଇ, କନ୍ଦରପୁର ଓ କିଶନନଗର ଥାନାର ସିୟୁଜି ନମ୍ବରଗୁଡ଼ିକ ଏବେ ବି ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ ହୋଇ ରହିଛି।

ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପୁଲିସ୍, ରେଳବାଇ ଓ ପ୍ରତିରକ୍ଷା ବିଭାଗରେ ଏହି ସିୟୁଜି ସେବା ଜରୁରୀ ଯୋଗାଯୋଗ ପାଇଁ ଉଦ୍ଦିଷ୍ଟ। ତେଣୁ ସଦର ମହକୁମାର ନିର୍ଦ୍ଦେଶ ପରେ ସମସ୍ତ ଥାନାର ସିୟୁଜି ନମ୍ବର ସାର୍ବଜନୀନ ହେଲେ ସାଧାରଣ ଲୋକେ ଉପକୃତ ହୋଇପାରିବେ। ତେବେ ଏପରି ଏକ ନିର୍ଦ୍ଦେଶନାମା ଜାରି ହେବା ପରେ ଥାନାଧିକାରୀମାନେ କେତେଦୂର ସିୟୁଜି ନମ୍ବର ସାର୍ବଜନୀନ କରୁଛନ୍ତି, ତା' ଉପରେ ନଜର ରହିଛି।

ପୁରୀ ସମୁଦ୍ର କୂଳରେ ଲାଗିଲା ନାଲି ପତାକା

ପୁରୀ,୨୭।୧୦(ସଂଚାର ବ୍ୟୁରୋ)ଃ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ପୁରୀରେ ଅନୁଭୂତ ହେଉଛି। ତୁହାକୁ ତୁହା ବର୍ଷା ସାଙ୍ଗକୁ ମଝିରେ ମଝିରେ ହାଲୁକା ପବନ ବହୁଛି। ସେପଟେ ଅଶାନ୍ତ ହୋଇପଡ଼ିଛି ସମୁଦ୍ର। ପରିସ୍ଥିତିକୁ ଦୃଷ୍ଟିରେ ରଖି ସମୁଦ୍ର କୂଳରେ ନାଲି ପତାକା ଲଗାଇଛି ପ୍ରଶାସନ। ପର୍ଯ୍ୟଟକଙ୍କ ସମୁଦ୍ର ସ୍ନାନ ଉପରେ କଟକଣା ଲଗାଯାଇଥିବା ବେଳେ ସୁରକ୍ଷା ପାଇଁ ନିୟୋଜିତ ଅଛନ୍ତି ଲାଇଫ୍ ଗାର୍ଡ। ବାତ୍ୟା ପ୍ରଭାବରେ ପୁରୀରେ ପାଗ ବଦଳିଛି। ବାରମ୍ବାର ବର୍ଷା ହେଉଥିବାରୁ ଜନଜୀବନ ପ୍ରଭାବିତ ହେଉଛି। ସମୁଦ୍ର ଅଶାନ୍ତ ରହିଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସମୁଦ୍ର କୂଳରେ ଲାଇଫ୍ ଗାର୍ଡଙ୍କ ସହ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀ ପଇଁତରା ମାରୁଛନ୍ତି। ସମୁଦ୍ର ଭିତରକୁ ନ ଯିବା ପାଇଁ ପର୍ଯ୍ୟଟକଙ୍କୁ ସତର୍କ କରାଯାଉଛି। ବାତ୍ୟା ପ୍ରଭାବରେ ପାଗରେ ପରିବର୍ତ୍ତନ ହେଉଥିବାରୁ ପ୍ରଶାସନର ସତର୍କତା ଓ ସୁରକ୍ଷା ନିୟମ ମାନିବାକୁ ପର୍ଯ୍ୟଟକଙ୍କୁ ପରାମର୍ଶ ଦିଆଯାଉଛି। ସୂଚନାଯୋଗ୍ୟ ଯେ ବାତ୍ୟା 'ଅର୍ଣ୍ଣବ' ବର୍ତ୍ତମାନ ଦକ୍ଷିଣ ଓ ଦକ୍ଷିଣ ପୂର୍ବ ବିଶାଖାପଟ୍ଟନମଠାରୁ ୨୨୦ ଓ କାକିନାଡ଼ାଠାରୁ ୨୪୦, ଗୋପାଳପୁରଠାରୁ ୩୭୦ କିମି ଦୂରରେ ରହିଛି। ଘଣ୍ଟା ପ୍ରତି ୨୦ କିମି ବେଗରେ ଆଗକୁ ବଢୁଛି ବାତ୍ୟା ଅର୍ଣ୍ଣବ। ପଶ୍ଚିମମୁହାଁ ହୋଇ ସନ୍ଧ୍ୟା ବେଳକୁ ଆହୁରି ଶକ୍ତିଶାଳୀ ହେବ ଓ ଉତ୍ତର ପଶ୍ଚିମମୁହାଁ ହୋଇ ଆନ୍ଧ୍ର ପ୍ରଦେଶ ଅତିକ୍ରମ କରି ଶକ୍ତିଶାଳୀ ହେବ।

ମାଡ଼ି ଆସୁଛି ବାତ୍ୟା

ଆଜି କଟକରେ ସବୁ ଶିକ୍ଷାନୁଷ୍ଠାନ ବନ୍ଦ

କଟକ,୨୭।୧୦(ସଂଚାର ବ୍ୟୁରୋ)ଃ ବଳ ଗୋଟାଇ ସ୍ଥଳଭାଗ ଆଡ଼କୁ ମାଡ଼ି ଆସୁଛି ବାତ୍ୟା 'ଅର୍ଣ୍ଣବ'। ଏହାର ପ୍ରଭାବରେ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି। ପ୍ରବଳ ବର୍ଷା, ପବନକୁ ଦୃଷ୍ଟିରେ ରଖି ଆସନ୍ତାକାଲି କଟକରେ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି। ଏନେଇ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ଏକ ନିର୍ଦ୍ଦେଶ ଜାରି କରିଛନ୍ତି। ବାତ୍ୟା ପାଇଁ କଟକରେ ୩୦୦ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରାଯାଇଛି। ଏପରିକି ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୩ଟି ଓଡ୍ରାଫ ଟିମ୍କୁ ଜିଲ୍ଲାରେ ମୃତୟନ କରାଯାଇଛି। ଜିଲ୍ଲାରେ ୨ଟି କଣ୍ଟ୍ରୋଲ୍ ରୁମ ଖୋଲାଯାଇଛି। ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ଓ ପାନୀୟ ଜଳ ମହଜୁଦ ରଖିବା ପାଇଁ କୁହାଯାଇଛି। ବାତ୍ୟା ପାଇଁ ସମସ ପ୍ରକାର ପ୍ରସ୍ତୁତି କରାଯାଇଛି ବୋଲି କଟକ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ରାଷ୍ଟ୍ରୀୟ ଏକତା ଦିବସଃ ଏକତା ନଗର ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍

ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ବିକାଶ ପଥରେ ଓଡ଼ିଶା

୧୯ଟି ନକ୍ସଲମୁକ୍ତ ଜିଲ୍ଲାରୁ ଯାତ୍ରାକଲେ ହଜାରେ ପ୍ରତିନିଧି

ନକ୍ସଲମୁକ୍ତ ଓଡ଼ିଶାର ପ୍ରତିନିଧିତ୍ୱ କରିବେ

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ)ଃ ଆସନ୍ତା ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରସ୍ଥିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ପ୍ୟାରେଡ୍ରେ ଯୋଗଦେବା ପାଇଁ ଆଜି ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ରାଜ୍ୟର ୧୯ଟି ନକ୍ସଲମୁକ୍ତ ଜିଲ୍ଲାରୁ ପ୍ରାୟ ଏକ ହଜାର ପ୍ରତିନିଧି ଏହି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି, ଯେଉଁମାନେକି ଏକତା ନଗରରେ ଶାନ୍ତି, ସୁରକ୍ଷା ଏବଂ ପ୍ରଗତିର ପ୍ରତୀକ ଭାବେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ଏକ ଅସାଧାରଣ ନେତୃତ୍ୱ ଓ ଦୃଢ଼ ସଂକଳ୍ପ ବଳରେ ସର୍ଦ୍ଦାର ପଟେଲ ଦେଶର ୫୫୦ରୁ ଅଧିକ ଦେଶୀୟ ରାଜ୍ୟକୁ ଏକତ୍ରିତ କରି ଆଜିର ଅଖଣ୍ଡ ଭାରତ ଗଠନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ରେ କ୍ଷମତାକୁ ଆସିବା ପରେ ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରି ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ବର୍ଷର ଏହି ଜାତୀୟ ସ୍ତରୀୟ ଏକତା ପ୍ୟାରେଡ୍ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଭାରତର ଚିତ୍ରକୁ ପ୍ରତିଫଳିତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦୃଢ଼ ନେତୃତ୍ୱ ଓ ଦେଶ ତଥା ରାଜ୍ୟର ସୁରକ୍ଷା ବାହିନୀଙ୍କ ପ୍ରଚେଷ୍ଟା ଫଳରେ ଦେଶ ଓ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ନିର୍ମାଣ ସହ ସାମାଜିକ ଓ ଅର୍ଥନୈତିକ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ବିଶେଷ କରି ୧୦ଟି ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ ପ୍ଲସ୍' ଯୋଜନା ଜରିଆରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ସମନ୍ୱିତ ଭାବେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଯାଉଛି, ଯାହା ଫଳରେ ସେମାନେ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ଏକ୍ ଭାରତ୍, ଶ୍ରେଷ୍ଠ ଭାରତ୍' କଳ୍ପନାକୁ ସାକାର କରିବା ପାଇଁ ଦେଶର ୧୪୦ କୋଟି ଜନସାଧାରଣଙ୍କ ମିଳିତ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ରାଜ୍ୟର ରେଳ ଭିତ୍ତିଭୂମି ସମ୍ପର୍କରେ ଏକ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀରୁ ମୟୂରଭଞ୍ଜର ବାଦାମପାହାଡ଼ ପର୍ଯ୍ୟନ୍ତ ଏକ ନୂତନ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି।

ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପାଇଁ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି

ଭୁବନେଶ୍ୱର, ୨୭।୧୦ (ସଂଚାର ବ୍ୟୁରୋ)ଃ ବାତ୍ୟା 'ଅର୍ଣ୍ଣବ' ଓ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗର ପ୍ରସ୍ତୁତି ସମୀକ୍ଷା ନିମନ୍ତେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ଭାବ୍ୟ ବର୍ଷାର ପୂର୍ବାନୁମାନ, ଜଳଭଣ୍ଡାରଗୁଡ଼ିକର ସ୍ଥିତି, ଜଳ ପ୍ରବେଶ ଓ ନିଷ୍କାସନ ଏବଂ କ୍ଷେତ୍ରସ୍ତରୀୟ ଯନ୍ତ୍ରୀମାନଙ୍କ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା।



ବର୍ଷାର ପରିମାଣ, ନଦୀ ଓ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଏବଂ ଜଳ ପ୍ରବେଶ ଓ ନିଷ୍କାସନ ଉପରେ ନିରନ୍ତର ନଜର ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ଦକ୍ଷିଣ ଓଡ଼ିଶାର ଇନ୍ଦ୍ରାବତୀ, କୋଲାବ, ବାଲିମେଳା, ଭଞ୍ଜନଗର, ହରଭଙ୍ଗୀ ଓ ଭାସ୍କେଲ ଭଳି ପ୍ରମୁଖ ଓ ମଧ୍ୟମ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଉପରେ ନିୟମିତ ନଜର ରଖିବା ସହ ସମ୍ଭାବ୍ୟ ବାତ୍ୟାଜନିତ ବର୍ଷାରୁ ଆସିବାକୁ ଥିବା ଅତିରିକ୍ତ ଜଳକୁ ଧାରଣ କରିବା ପାଇଁ ଜଳଭଣ୍ଡାରଗୁଡ଼ିକୁ ସୁରକ୍ଷିତ ସ୍ତରରେ ରଖିବା ଉପରେ ଆଲୋଚନା ହୋଇଥିଲା। ଏଥିସହ ହୀରାକୁଦ ଜଳଭଣ୍ଡାରର ସ୍ଥିତି ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ସମ୍ଭାବ୍ୟ ପରିସ୍ଥିତିର ନିୟମିତ ଆକଳନ କରିବା, ନିଜ ନିଜ ଅଞ୍ଚଳରେ ସତର୍କ ରହିବା ଏବଂ ଆବଶ୍ୟକତା ଅନୁଯାୟୀ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ସହ ନିରନ୍ତର ସମନ୍ୱୟ ରକ୍ଷା କରିବା ଏବଂ ଆବଶ୍ୟକ ସୂଚନା ତୁରନ୍ତ ଆଦାନପ୍ରଦାନ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ବାର୍ହା ଫାଶରେ ପଡ଼ି ଦନ୍ତା ମୃତଃ ବନ୍ଧାହେଲେ ୩

ବଉଦ୍ଧା,୨୭।୧୦(ସଂଚାର ବ୍ୟୁରୋ)ଃ ଅନୁଗୋଳ ଜିଲ୍ଲା ହଞ୍ଚପା ରେଞ୍ଜ ଝିଲ୍ଲୀମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ସୋମବାର ବିଳମ୍ବିତ ରାତିରେ ବାର୍ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ବୟସ ପ୍ରାୟ ୧୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ବନ୍ୟଜନ୍ତୁ ଶିକାରରେ ସମ୍ପୃକ୍ତ ଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ତେବେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ଗିରଫ ଅଭିଯୁକ୍ତମାନଙ୍କ ନାମ ବିଭାଗ ପକ୍ଷରୁ ଗୋପନ ରଖାଯାଇଛି। ମିଳିଥିବା ସୂଚନାନୁସାରେ, ଝିଲ୍ଲୀମୁଣ୍ଡା ଦେଇ ପାଇକସାହି ଅଞ୍ଚଳକୁ ୧୧ କେଭି ବିଦ୍ୟୁତ୍ ତାର ଯାଇଛି। ଏହି ତାରରେ ପ୍ରତିଦିନ ଫାଶ ବସାଇ ବାର୍ହା ଶିକାର କରାଯାଉଛି। ବନ ବିଭାଗର ଉଦାସୀନତା ଯୋଗୁ ଶିକାରୀମାନେ ନିର୍ଭୟରେ ଶିକାର କରୁଥିବା ବେଳେ ସୋମବାର ସକାଳେ ଉକ୍ତ ୪ ଜଣ ଶିକାରୀ ଝିଲ୍ଲୀମୁଣ୍ଡା ଜଙ୍ଗଲରେ ୧୧ କେଭି ବିଦ୍ୟୁତ୍ ତାରରେ ହୁକ୍ ପକାଇ ବାର୍ହା ଶିକାର କରିବା ପାଇଁ ବିଦ୍ୟୁତ୍ ଫାଶ ବସାଇଥିଲେ। ହେଲେ ଉକ୍ତ ଫାଶରେ ପଡ଼ି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଏହା ଜଣାପଡ଼ିବା ପରେ ଆଠମଲ୍ଲିକ ଡିଏଫ୍ଓ ସନ୍ତୋଷ କପୁଲା, ହଞ୍ଚପା ରେଞ୍ଜର ମିନତୀ ନାୟକ, ଫରେଷ୍ଟର ଆଲୋକ ମିଶ୍ର, ଲିଙ୍ଗରାଜ ବେହେରା, ଅଞ୍ଜଳି ବେହେରା, ଅନୁପମା ନାୟକ, ପି ପ୍ରୀତୀଶ ରଞ୍ଜନ, ଅନ୍ତର୍ଯ୍ୟାମୀ ସାହୁଙ୍କ ସହ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ହାତୀର ମୃତଦେହ ଜବତ କରିଥିଲେ। କିଶୋରନଗର ବ୍ଲକ ଅତିରିକ୍ତ ପ୍ରାଣୀଧନ ଚିକିତ୍ସାଧିକାରୀ ବିଜ୍ଞା ବୈଦେହୀକା, ଆଠମଲ୍ଲିକ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ସରିତା ବେହେରା, ଠାକୁରଗଡ଼ ପ୍ରାଣୀଧନ ଚିକିତ୍ସାଧିକାରୀ ଲିପ୍ସା ଲିନା ତ୍ରିପାଠୀ ପହଞ୍ଚି ହାତୀର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପରେ ହାତୀକୁ ପୋତିଦିଆଯାଇଥିଲା। ଅନ୍ୟପକ୍ଷରେ ବନ ବିଭାଗ ପକ୍ଷରୁ ଗିରଫ ଶିକାରୀଙ୍କୁ ହଞ୍ଚପା ରେଞ୍ଜ କାର୍ଯ୍ୟଳୟକୁ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି।

ଜନସମ୍ପର୍କ ପଦଯାତ୍ରାରେ ବର୍ଷିଲେ ସୁଜାତା

ସଂଶୋଧିତ ଏମ୍ଏମ୍ଡିଆର ଆଇନ ଯୋଗୁ ଖଣି ଅଧିକାର କେନ୍ଦ୍ରକୁ ଦିଆଗଲା

କୋଟିଆ ପ୍ରସଙ୍ଗରେ ଓଡ଼ିଶା ସରକାର ଆନ୍ଧ୍ର ପାଖରେ ସମର୍ପଣ କରିଛନ୍ତି

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲିଠାରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଉକ୍ତ ପଦଯାତ୍ରାରେ ବରିଷ୍ଠ ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ ଯୋଗ ଦେଇଥିଲେ। ଡୁଙ୍ଗୁରିପାଲି ବ୍ଲକ ସଭାପତି ହିମାଶୁ ଶେଖର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରୀମତୀ ରାଉତ କହିଛନ୍ତି ଯେ ଏମଏମଡିଆର ଆଇନ ଯୋଗେ ଓଡ଼ିଶାର ଖଣି ଅଧିକାରକୁ କେନ୍ଦ୍ର ସରକାରଙ୍କ ହାତକୁ ଟେକି ଦିଆଗଲା। କୋଟିଆ ପ୍ରସଙ୍ଗରେ ଚୁପ୍ ରହି ଆନ୍ଧ୍ର ପ୍ରଦେଶ ସରକାରଙ୍କୁ କୋଟିଆ ସମର୍ପଣ କରିଦେଇଛନ୍ତି।

ମହାନଦୀ ଜଳ ମଧ୍ୟ ଛତିଶଗଡ଼କୁ ଦେବାକୁ ବିଜେପି ସରକାର ଚକ୍ରାନ୍ତ ଚଳାଇଛନ୍ତି। ବିଜେପି ସରକାରଙ୍କ ଓଡ଼ିଆ ଅସ୍ମିତାକୁ ଓଡ଼ିଶାବାସୀ ଜାଣିସାରିଲେଣି। ତାହାକୁ ହୃଦୟଙ୍ଗମ କରିସାରିଲେଣି। ଓଡ଼ିଶାର ଜଳ, ଜଙ୍ଗଲ, ମାଟି ସବୁ ଲୁଣ୍ଠିତ ହେଉଛି। ବୃଦ୍ଧବୃଦ୍ଧାମାନେ ଭତ୍ତା ପାଇଲେ ନାହିଁ। ନାରୀ ନିର୍ଯାତନା ବୃଦ୍ଧି ପାଉଥିବା ବେଳେ ନାରୀ ସଶକ୍ତିକରଣ ହଜିଯାଇଛି। ଠିକଣା ସମୟରେ ଏହାର ଜବାବ ରାଜ୍ୟବାସୀ ଦେବେ ବୋଲି ସେ କହିଛନ୍ତି।

ଜନସମ୍ପର୍କ ପଦଯାତ୍ରା ଯୋଗେ ବିଜେଡି ଲୋକଙ୍କ ନିକଟରେ ପହଞ୍ଚି ବିଜେପି ସରକାରଙ୍କ ବିଫଳତା ଜଣାଇଥିଲେ। ଡବଲ ଇଞ୍ଜିନ ସରକାରରେ ଓଡ଼ିଶାବାସୀ ବାରମ୍ବାର ଉପେକ୍ଷିତ ହେଉଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ବିଫଳତାକୁ ଲୋକଲୋଚନକୁ ଆଣିଛନ୍ତି। ଡବଲ ଇଞ୍ଜିନ ସରକାର ନିର୍ବାଚନ ସମୟରେ ଲୋକମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାକୁ ଗତ ଅଢ଼େଇ ବର୍ଷ ମଧ୍ୟରେ ପୂରଣ କଲାନାହିଁ। ଚାଷୀ, ଯୁବ, ଦଳିତ, ସଂଖ୍ୟା ଲଘୁ ଆଦି ସମସ୍ତ ବର୍ଗର ଲୋକେ ପ୍ରତାରଣାର ଶିକାର ହୋଇଛନ୍ତି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ନାରୀ ନିର୍ଯାତନା ବୃଦ୍ଧି ପାଉଛି। କେନ୍ଦ୍ର ସରକାର ଏମଏମଡିଆର ଆକ୍ଟ ଜରିଆରେ ସଂଘୀୟ ବ୍ୟବସ୍ଥାର ହତ୍ୟା କରି ଓଡ଼ିଶାର ଅର୍ଥ

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୭,୪୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୫,୧୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୭,୪୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୫,୧୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୭,୪୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୫୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୫,୨୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୪୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୭,୪୩୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୫,୧୪୦ ଟଙ୍କା ରହିଛି । ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୨,୨୯,୯୦୦ ଟଙ୍କା ହୋଇଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ବାଣିଜ୍ୟ ବ୍ୟାନ ସତ୍ତ୍ୱେ ଭାରତଠାରୁ ଆମଦାନୀ ବଢ଼ାଇଲା ପାକିସ୍ତାନ

ନୂଆଦିଲ୍ଲୀ,୨୭।୧୦: ଭାରତ ଓ ପାକିସ୍ତାନ ମଧ୍ୟରେ ସିଧାସଳଖ ବାଣିଜ୍ୟ ବନ୍ଦ ଥିଲେ ବି ଭାରତ ଠାରୁ ବହୁ ସଂଖ୍ୟାରେ ସାମଗ୍ରୀ ଆମଦାନୀ କରିଛି ପାକିସ୍ତାନ। ସେଠାରେ ଭାରତୀୟ ସାମଗ୍ରୀର ଚାହିଦା ଖୁବ୍ ବଢ଼ିଛି। ପାକିସ୍ତାନ ଗଣମାଧ୍ୟ ଦ ଡନରେ ଏଭଳି ଆଶ୍ଚର୍ଯ୍ୟକର ଖବର ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ୨୦୨୬-୨୭ ଆର୍ଥିକ ବର୍ଷରେ ପାକିସ୍ତାନ ଭାରତ ଠାରୁ ୬୧.୭୪ ମିଲିଅନ (୫,୮୬୬ କୋଟି) ଡଲାରର ସାମଗ୍ରୀ ଆମଦାନୀ କରିଛି। ଗତ ବର୍ଷର ୩.୫୫ ମିଲିଅନ(୩,୪୭୮) ଡଲାର ତୁଳନାରେ ୬୯% ଅଧିକ ସାମଗ୍ରୀ ଆମଦାନୀ କରିଛି ପାକିସ୍ତାନ। ତେବେ ଏହି ଅବଧି ମଧ୍ୟରେ ପାକିସ୍ତାନ କିନ୍ତୁ ଭାରତକୁ କୌଣସି ଗୋଟିଏ ବି ସାମଗ୍ରୀ ରପ୍ତାନୀ କରି ନାହିଁ ବୋଲି ରିପୋର୍ଟରେ କୁହାଯାଇଛି। ଏହି ଡାଟା ସାମ୍ନାକୁ ଆସିବା ପରେ ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ, ଯଦି ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବ୍ୟାନ ଅଛି, ତେବେ ପାକିସ୍ତାନ ଭାରତ ଠାରୁ ସାମଗ୍ରୀ ଆମଦାନୀ କରୁଛି କେମିତି? ପ୍ରକୃତରେ ପାକିସ୍ତାନର ଷ୍ଟେଟ୍ ବ୍ୟାଙ୍କ ଏହି ଟାଟା ଦେଇଛି। ହେଲେ ଏନେଇ ପ୍ରଶ୍ନ କରିବାରୁ ପାକ୍ ଷ୍ଟେଟ୍ ବ୍ୟାଙ୍କ କୌଣସି ଉତ୍ତର ଦେଇ ନାହିଁ। ଏକ୍ସପର୍ଟଙ୍କ ମତରେ ପାକିସ୍ତାନ ଭାରତ ଠାରୁ ସିଧାସଳକ ସାମଗ୍ରୀ ଆମଦାନୀ ନ କରି ତୃତୀୟ ପକ୍ଷ ଦ୍ୱାରା ଆମଦାନୀ କରୁଛି। ୟୁଏଇ ଓ ସିଙ୍ଗାପୁର ଭଳି ଦେଶ ମାଧ୍ୟମରେ ପାକିସ୍ତାନ ଭାରତ ଠାରୁ ଆମଦାନୀ କରୁଥାଇପାରେ ବୋଲି ଏକ୍ସପର୍ଟମାନେ ଦାବି କରୁଛନ୍ତି।

ଡାଟା ଅନୁସାରେ, ଭାରତ ଠାରୁ ଅଧିକ ଔଷଧ ସାମଗ୍ରୀ ମଗାଇଛି ପାକିସ୍ତାନ। ରୟଟର୍ସର ରିପୋର୍ଟ ଅନୁସାରେ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଭାରତ ପାକିସ୍ତାନକୁ ୨୦୮ ମିଲିଅନ ଡଲାରରେ ଔଷଧ ସାମଗ୍ରୀ ରପ୍ତାନୀ କରିଥିଲା। ଭାରତ ଠାରୁ ଆମଦାନୀର ଅନ୍ୟ ମୁଖ୍ୟ ସାମଗ୍ରୀଗୁଡ଼ିକ ହେଲା ପ୍ଲାଷ୍ଟିକ୍, ପେଟ୍ରୋଲିୟମ, ଅବିର, ଜୈବିକ ରାସାୟନିକ ପଦାର୍ଥ, ରବର, କଫି, ଚା, ପନିପରିବା, ମସଲା, ଦୁଗ୍ଧଜାତ ଦ୍ରବ୍ୟ ଏବଂ ଶସ୍ୟ। ସେତେବେଳେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ପାଇଁ ୱାଘା ବର୍ଡର ଏକମାତ୍ର ସଡ଼କ ପଥ ଥିଲା। କିନ୍ତୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଯେତେବେଳେ ୱାଘା ବର୍ଡର ବନ୍ଦ କରିଦେଲା, ସେତେବେଳେ ବାଣିଜ୍ୟ ପୂରା ଶୂନ୍ୟକୁ ଖସି ଆସିଲା। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୫ ଜଣଙ୍କର ଜୀବନ ଯାଇଥିଲା। ସେତେବେଳେ ଭାରତ କହିଥିଲା ଟେରର ଓ ଟ୍ରେଡ୍ ଏକା ସାଙ୍ଗରେ କେବେ ବି ହୋଇପାରିବ ନାହିଁ। ସେବେଠାରୁ, ଭାରତ ପାକିସ୍ତାନ ସହିତ ସମସ୍ତ ଆମଦାନୀ ଓ ରପ୍ତାନୀର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ବେପାର ବନ୍ଦ କରି ଦେଇଛନ୍ତି। ଅପର ପକ୍ଷରେ ପାକିସ୍ତାନ ମଧ୍ୟ ମେ ୪ ତାରିଖରେ, ତୃତୀୟ ଦେଶ ମାଧ୍ୟମରେ ଭାରତ ସହିତ ସମସ୍ତ ବାଣିଜ୍ୟକୁ ମଧ୍ୟ ସ୍ଥଗିତ କରିଥିଲା। ତେବେ ଆଶ୍ଚର୍ଯ୍ୟର କଥା ହେଲା ବ୍ୟାନ୍ ଲାଗିବା ସତ୍ତ୍ୱେ ପାକିସ୍ତାନ ଭାରତୀୟ ସାମଗ୍ରୀ ଆମଦାନୀ କରିବା ଜାରି ରଖିଛି।

ସବୁଠାରୁ ବଡ଼ କଥା ହେଲା ଅପରେସନ ସିନ୍ଦୁରର କିଛି ସପ୍ତାହ ପରେ ଅର୍ଥାତ୍ ଜୁଲାଇ ଏବଂ ସେପ୍ଟେମ୍ବର ୨୦୨୫ରେ ପାକିସ୍ତାନ ଭାରତ ଠାରୁ ୩୬.୬ ମିଲିଅନ ଡଲାର ସାମଗ୍ରୀ ଆମଦାନୀ କରିଥିଲା। ପାକିସ୍ତାନ ଷ୍ଟେଟ୍ ବ୍ୟାଙ୍କର ଡାଟା ନେଇ ଆରବ ନ୍ୟୁଜ୍ ଏହି ରିପୋର୍ଟ ପ୍ରକାଶ କରିଥିଲା। ଏହି ଆମଦାନୀ ପ୍ରାୟ କେବଳ ଔଷଧୀୟ ସାମଗ୍ରୀର କଞ୍ଚାମାଲ ଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ତଥ୍ୟ ସାମ୍ନାକୁ ଆସିବା ପରେ ଭୂରାଜନୈତିକ ଏକ୍ସପର୍ଟ ରବିନ୍ଦର ସିଂହ ରବିନ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବନ୍ଦ ଥିବା ବେଳେ ପାକିସ୍ତାନ ଭାରତ ଠାରୁ ଆମଦାନୀ କଲା କେମିତି ? କେଉଁ ପଥ ଦେଇ ଆମଦାନୀ କରାଯାଇଛି ? ଏବଂ କେତେ ଆମଦାନୀ ହେଲା ତାର ରିପୋର୍ଟ କେମିତି କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ତୃତୀୟ ଦେଶ ମାଧ୍ୟମରେ ଆମଦାନୀ କରାଯାଉଛି କି ବୋଲି ସନ୍ଦେହ ପ୍ରକାଶ କରିଛନ୍ତି ରବି। ତା ସହିତ ସେ କହିଛନ୍ତି ଯେ ଯଦି ପାକିସ୍ତାନରେ ଭାରତୀୟ ସାମଗ୍ରୀର ଚାହିଦା ବଢ଼ୁଛି, ତେବେ ସମ୍ପର୍କ ସୁଧାରିବାକୁ କଣ କରାଯାଇ ପାରିବ ସେ ବିଷୟରେ ପାକିସ୍ତାନ ବିଚାର କରିବା ଉଚିତ ନୁହେଁ କି ? ଆତଙ୍କବାଦ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ଭାରତ ସହ ସମ୍ପର୍କ ସୁଧାରି ନେବା ଆବଶ୍ୟକ ବୋଲି ରବିନ ସିଂହ ଏକ୍ସରେ ପୋଷ୍ଟ କରି ପରାମର୍ଶ ଦେଇଛନ୍ତି।

ରବିନଙ୍କ କହିବା ଅନୁସାରେ କଟକଣା ଓ ଚେକିଂରୁ ବର୍ତ୍ତିବା ପାଇଁ ବ୍ୟବସାୟୀମାନେ ତୃତୀୟ ଦେଶ ମାଧ୍ୟମରେ ଭାରତରୁ ସାମଗ୍ରୀ ଆମଦାନୀ କରୁଛନ୍ତି। ସେଠାରେ ପହଞ୍ଚିବା ପରେ ଏହି ସାମଗ୍ରୀଗୁଡ଼ିକର ରି-ବ୍ରାଣ୍ଡିଂ କରାଯାଇ ଦର ବଢ଼ାଇ ବିକ୍ରି କରାଯାଉଛି। ଅନ୍ୟପଟେ ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍(ଜିଟିଆର୍ଆଇ) ଆକଳନ କରିଛି ଯେ ପାକିସ୍ତାନକୁ ଭାରତର ଅନଅଫିସିଆଲ୍ ରପ୍ତାନୀ ବର୍ଷକୁ ପ୍ରାୟ ୧୦ ବିଲିଅନ ଡଲାର ହୋଇପାରେ। ଏହିସବୁ ସାମଗ୍ରୀଗୁଡ଼ିକ ଦୁବାଇ, କୋଲୋମ୍ବୋ ଓ ସିଙ୍ଗାପୁର ଦେଇ ପାକିସ୍ତାନକୁ ଯାଉଛି ବୋଲି ଜିଟିଆରଆଇ ଆନୁମାନ କରିଛି।

୨୦୧୯ ମସିହାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ୧୯୯୬ ମସିହାରେ, ଭାରତ ପାକିସ୍ତାନକୁ 'ମୋଷ୍ଟ-ଫେଭର୍ଡ ନେସନ୍' (MFN) ବା 'ସର୍ବାଧିକ ଅଗ୍ରାଧିକାର ପ୍ରାପ୍ତ ରାଷ୍ଟ୍ର'ର ମାନ୍ୟତା ଦେଇଥିଲା। ହେଲେ ୨୦୧୯ର ପୁଲୱାମା ଆକ୍ରମଣ ପରେ, ଭାରତ ପାକିସ୍ତାନ ଠାରୁ ଏହି ମାନ୍ୟତାକୁ ପ୍ରତ୍ୟାହାର କରି ନେଇଛି। ଫଳରେ ଏହି ବର୍ଷ ଠାରୁ ଦୁଇ ଦେଶ ମଧ୍ୟରେ ବ୍ୟବସାୟ ହ୍ରାସ ପାଇଛି। ତଥ୍ୟ ଦେଖିଲେ ୨୦୧୮ରୁ ୨୦୨୪ ମଧ୍ୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୨.୪୧ ବିଲିଅନରୁ ୧.୨ ବିଲିଅନକୁ ହ୍ରାସ ପାଇଥିଲା। ଭାରତକୁ ପାକିସ୍ତାନ ସାମଗ୍ରୀ ରପ୍ତାନୀର ପରିମାଣ ୨୦୧୯ ମସିହାର ୫୪୭.୫ ମିଲିଅନ ଡଲାରରୁ ହ୍ରାସ ପାଇ ୨୦୨୪ ମସିହାରେ ମାତ୍ର ୪,୮୦,୦୦୦ ଡଲାରକୁ ଖସିଆସିଥିଲା। ଏହି ମଧ୍ୟରେ କାଚ ସାମଗ୍ରୀ, ତମ୍ବା, ଗନ୍ଧକ, ଫଳ ଏବଂ ବାଦାମ ଆଦି ଅଧିକ ରପ୍ତାନୀ କରିଥିଲା ପାକିସ୍ତାନ। ତେବେ ଫୁଲ୍ ବ୍ୟାନ୍ ପିରିୟଡର ଶେଷ ଅବଧି- ଏପ୍ରିଲ ୨୦୨୪ରୁ ଜାନୁଆରୀ ୨୦୨୫ ମଧ୍ୟରେ ଭାରତ ପାକିସ୍ତାନକୁ ୪୪୭.୬୫ ମିଲିଅନ ଡଲାର ସାମଗ୍ରୀ ରପ୍ତାନୀ କରିଥିଲା। ସେତେବେଳେ ପାକିସ୍ତାନ ରପ୍ତାନୀ ଥିଲା ୦.୪୨ ମିଲିଅନ ଡଲାର। ତେବେ ସଦ୍ୟତମ ଡାଟା ଅନୁସାରେ ପାକିସ୍ତାନରେ ଏବେ ବି ଭାରତୀୟ ସାମଗ୍ରୀର ଚାହିଦା ରହିଛି। ପାକିସ୍ତାନର ବ୍ୟବସାୟୀମାନେ ତୃତୀୟ ଦେଶକୁ ଗଲାବାଟ କରି ଭାରତ ଠାରୁ ସାମଗ୍ରୀ ଆମଦାନୀ କରୁଛନ୍ତି।

ବୃଦ୍ଧାନ୍ତ ପର୍ଯ୍ୟାୟରେ ଭାରତ ଆମେରିକା ବାଣିଜ୍ୟ ଚୁକ୍ତି

ଭାରତୀୟ ସାମଗ୍ରୀ ଉପରେ ଖସିବ ଟାରିଫ

ନୂଆଦିଲ୍ଲୀ, ୨୭।୧୦: ଭାରତ ଏବଂ ଆମେରିକା ମଧ୍ୟରେ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତି ପାଇଁ ଅଧିକାଂଶ ଆଲୋଚନା ଶେଷ ହୋଇଛି। ବର୍ତ୍ତମାନ ଏହାକୁ ବୃଦ୍ଧାନ୍ତ ରୂପ ଦିଆଯାଉଛି ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ନେଦରଲ୍ୟାଣ୍ଡସର ଦି ହେଗ୍ ଠାରେ ଭାରତ - ନେଦରଲ୍ୟାଣ୍ଡସ ବାଣିଜ୍ୟ ଫୋରମକୁ ସମ୍ବୋଧିତ କରି ଶ୍ରୀ ଗୋୟଲ କହିଛନ୍ତି, ଗତ ସାଢ଼େ ୪ ବର୍ଷରେ ଭାରତ ୯ଟି ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରି ସାରିଛି। ଫେବ୍ରୁଆରି ମାସରେ ପ୍ରକାଶିତ ଢ଼ାଞ୍ଚା ଅନୁସାରେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ଟାରିଫକୁ ୫୦%ରୁ ୧୮%କୁ ଖସାଇଛି। ଚୁକ୍ତି ସମ୍ପୂର୍ଣ୍ଣ ହେଲେ ଜେନେରିକ ମେଡିସିନ, ହୀରା, ରତ୍ନପଥର ଏବଂ ବିମାନ ଯନ୍ତ୍ରାଂଶ ଉପରେ ଟାରିଫ ଶୂନ ରହିବ। ଏହାର ପ୍ରତିବଦଳରେ ଭାରତ ଆମେରିକାର ଶିଳ୍ପ ସାମଗ୍ରୀ ଓ କେତେକ କୃଷିଜାତ ସାମଗ୍ରୀ ଯଥା ବାଦାମ ଏବଂ ଫଳ ଉପରେ ଶୁଳ୍କ କମାଇବା କିମ୍ବା ଉଚ୍ଛେଦ କରିବ। ଏହି ଅନ୍ତରୀଣ ଚୁକ୍ତି ଦେଶର କୃଷକଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରଖିବ ବୋଲି ଶ୍ରୀ ଗୋୟଲ ଆଶା ପ୍ରକଟ କରିଛନ୍ତି। ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ଆମେରିକାରୁ ୫୦୦ ବିଲିୟନ ଡଲାର ମୂଲ୍ୟର ଶକ୍ତି ଉତ୍ପାଦ, ବିମାନ ଓ ଯନ୍ତ୍ରାଂଶ, ମୂଲ୍ୟବାନ ଧାତବ ସାମଗ୍ରୀ ଏବଂ ଜାଲେଣୀ କୋଇଲା ଆମଦାନି କରିବାକୁ ଲକ୍ଷ୍ୟ ରଖିଛି। ଡାଟା ସେଣ୍ଟର ପାଇଁ ବ୍ୟବହୃତ ହେଉଥିବା ଜିପିୟୁ ଏବଂ ଅନ୍ୟାନ୍ୟ ପ୍ରଯୁକ୍ତି ସାମଗ୍ରୀର ବାଣିଜ୍ୟ ବୃଦ୍ଧି ପାଇଁ ଉଭୟ ଦେଶ ସହମତ ହୋଇଛନ୍ତି।

୬୦ ହଜାର କର୍ମଚାରୀଙ୍କୁ ଚାକିରି ଛାଡ଼ିବା ଅଫର ଦେଲା ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ,୨୭।୧୦: ବିଶ୍ୱର ପ୍ରମୁଖ ଆଇଟି କମ୍ପାନି ମାଇକ୍ରୋସଫ୍ଟ ଏହାର ୬୦ ହଜାର କର୍ମଚାରୀଙ୍କ ପାଇଁ ସ୍ୱେଚ୍ଛାକୃତ ଚାକିରି ଛାଡ଼ିବା ଅଫର ଘୋଷଣା କରିଛି। ଭାରତ ସମେତ ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ ଓ କାନାଡ଼ାର ଯୋଗ୍ୟ କର୍ମଚାରୀମାନେ ଏହାର ଲାଭ ନେଇପାରିବେ। ବିଶ୍ୱରେ ମାଇକ୍ରୋସଫ୍ଟର ମୋଟ କର୍ମଚାରୀଙ୍କ ମଧ୍ୟରେ ଉକ୍ତ ସଂଖ୍ୟା ପ୍ରାୟ ୨୭ ପ୍ରତିଶତ ହେବ। କାରଣ ୨୦୨୬ ଜୁନ ସୁଦ୍ଧା ସାରା ବିଶ୍ୱରେ ମାଇକ୍ରୋସଫ୍ଟର ମୋଟ କର୍ମଚାରୀ ସଂଖ୍ୟା ୨,୨୩,୦୦୦ ଥିଲା।

ଯେଉଁମାନେ କମ୍ପାନି ଛାଡ଼ିବା ପାଇଁ ଅଫରକୁ ଚୟନ କରିବେ ସେମାନଙ୍କ ପାଇଁ ଆର୍ଥିକ ସହାୟତା ଓ କ୍ୟାରିୟର ଯୋଜନା ଭଳି ସୁବିଧା ଯୋଗାଇ ଦିଆଯିବ। ଉଲ୍ଲେଖଯୋଗ୍ୟ, ସ୍ୱେଚ୍ଛାକୃତ ଭାବେ ଚାକିରି ଛାଡ଼ିବା ପାଇଁ ବିଶ୍ୱରେ ପ୍ରାୟ ୬୦ ହଜାର କର୍ମଚାରୀ ଯୋଗ୍ୟ। ଭାରତରେ ମାଇକ୍ରୋସଫ୍ଟର ୨୩ ହଜାର କର୍ମଚାରୀ କାର୍ଯ୍ୟ କରୁଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ କେତେ କର୍ମଚାରୀ ଏହି ଯୋଜନା ପାଇଁ ଯୋଗ୍ୟ ତାହା ସ୍ପଷ୍ଟ ହୋଇନାହିଁ। ଏହି ଯୋଜନାର ଲାଭ ନେବା ପାଇଁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ କର୍ମଚାରୀମାନଙ୍କ ହାତରେ ସମୟ ଥିବା କୁହାଯାଉଛି। ଯୋଗ୍ୟ କର୍ମଚାରୀମାନେ ଏହି ଅଫର ସମ୍ପର୍କରେ ଇମେଲ୍ ପାଇବେ। କମ୍ପାନିର କାର୍ଯ୍ୟନିର୍ବାହୀ ଉପସଭାପତି ତଥା ଚିଫ୍ ପିପୁଲ୍ ଅଫିସର ଏମି କୋଲମ୍ୟାନ୍ କହିଛନ୍ତି ଯେ ଲେଭଲ ୭୦ ଏବଂ ତା'ଠାରୁ ତଳେ ଥିବା କର୍ମଚାରୀମାନଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେବ। ଏଆଇ ଏକ୍ସପେରିଏନ୍ସେସ୍, କପିଲଟ୍, ଫାଇନାନ୍ସ, ମାନବ ସମ୍ବଳ, ଏକ୍ସବକ୍ସ, ୱିଣ୍ଡୋଜ୍ ଏବଂ ଡିଭାଇସେସ୍ ସମେତ ଅନ୍ୟାନ୍ୟ ଶାଖାର କର୍ମଚାରୀମାନେ ମଧ୍ୟ ଏହି ଅଫର ପାଇଁ ଯୋଗ୍ୟ ହେବ। ତେବେ ଏଥିରୁ ମାର୍କେଟିଂ, କମର୍ସିଆଲ ବିଜ୍‌ନେସ୍ ଓ ସୁରକ୍ଷା ଟିମ୍‌କୁ ବାଦ୍ ଦିଆଯାଇଛି। ଯେଉଁ କର୍ମଚାରୀମାନେ ଅଫର୍‌କୁ ଗ୍ରହଣ କରିବେ ସେମାନେ ଡିସେମ୍ବର ୩୧ ସୁଦ୍ଧା କମ୍ପାନି ଛାଡ଼ିବେ।

ଉଲ୍ଲେଖଯୋଗ୍ୟ, ମାଇକ୍ରୋସଫ୍ଟ ଦ୍ୱିତୀୟ ଥର ପାଇଁ ସ୍ୱେଚ୍ଛାକୃତ ଭାବେ କମ୍ପାନି ଛାଡ଼ିବା ଅଫର କର୍ମଚାରୀମାନଙ୍କୁ ପ୍ରଦାନ କରିଛି। ପୂର୍ବରୁ ୬ ମାସ ତଳେ ଆମେରିକାରେ କାର୍ଯ୍ୟରତ ପ୍ରାୟ ୭ ପ୍ରତିଶତ (୯ ହଜାର) କର୍ମଚାରୀଙ୍କ ପାଇଁ ଏଭଳି ଅଫର୍ ଆଣିଥିଲା। ଅଫରକୁ ପ୍ରାୟ ୩୦ ପ୍ରତିଶତ କର୍ମଚାରୀ ଗ୍ରହଣ କରିଥିଲେ। ତେଣୁ ସେହି ଅନୁସାରେ ଯଦି କର୍ମଚାରୀମାନେ ଅଫର୍ ଗ୍ରହଣ କରନ୍ତି ତାହେଲେ ପ୍ରାୟ ୨୦ ହଜାର କର୍ମଚାରୀ ଏଥର ବିଦା ହେବେ। ମାଇକ୍ରୋସଫ୍ଟରେ ୩ ମାସ ତଳେ ଯୋଗ ଦେଇଥିବା ଜଣେ ସଫ୍ଟୱେୟାର ଡେଭଲପରଙ୍କୁ ଏହି ଇମେଲ୍ ଆସିଛି। ଏହା ପାଇବା ପରେ ସେ ହତାଶ ହୋଇ ପଡ଼ିଛନ୍ତି। ଯଦି ଏହି ଅଫରକୁ ସେ ଗ୍ରହଣ ନକରିବେ ତାହେଲେ ତାଙ୍କୁ କମ୍ପାନି କାଢ଼ି ଦେଇପାରେ ବୋଲି ସେ କହିଛନ୍ତି।

ଆଇଫୋନ୍ ବିକ୍ରି ୩୦% ପର୍ଯ୍ୟନ୍ତ ହ୍ରାସ

ନୂଆଦିଲ୍ଲୀ,୧୭।୧୦: ଭାରତୀୟ ବଜାରରେ ଆପଲ୍‌ର ଆଇଫୋନ୍ ବିକ୍ରି ପଭାବିତ ହୋଇଛି। ବଶହରା ସମୟରେ ଦେଶରେ ଆଇଫୋନ୍ ବିକ୍ରି ୩୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ଭାରତରେ ଆଇଫୋନ୍‌ର ଚାହିଦା ରହିଥିଲେ ମଧ୍ୟ ଅଧିକ ଦାମ୍ ଓ କମ୍ ରିହାତି ପାର୍ବଣ ବଜାରରେ ବିକ୍ରିକୁ ପ୍ରଭାବିତ କରୁଛି। ନୂଆ ଓ ପୁରୁଣା ମଡେଲ୍ ଆଇଫୋନ୍‌ଗୁଡ଼ିକର ଦାମ୍ ଅଧିକ ରହିବାରୁ ଗ୍ରାହକମାନେ କିଣିବା ପୂର୍ବରୁ ଏକାଧିକ ଥର ଚିନ୍ତା କରୁଛନ୍ତି। ପୂର୍ବ ବର୍ଷଗୁଡ଼ିକ ଭଳି ଏଥର ପାର୍ବଣ ଋତୁରେ ଆକର୍ଷଣୀୟ ରିହାତି ମିଳୁନାହିଁ। ଗ୍ରାହକ ମହଙ୍ଗା ଫୋନ୍ କିଣିବା ପରିବର୍ତ୍ତେ ନିଜର ପୁରୁଣା ଫୋନ୍ ବ୍ୟବହାର ଜାରି ରଖୁଛନ୍ତି। ଦୀପାବଳି ସମୟରେ ଆକର୍ଷଣୀୟ ରିହାତି, ପୁରୁଣା ଫୋନ୍ ବଦଳରେ ନୂଆ ଫୋନ୍ କିଣିବା ସୁବିଧା ଏବଂ କିସ୍ତିରେ ଦେୟ ପ୍ରଦାନ ବ୍ୟବସ୍ଥା ଗ୍ରାହକଙ୍କୁ ଆକର୍ଷିତ କରିପାରେ। ତେବେ ଦାମ୍ ଅଧିକ ରହିଲେ ବିକ୍ରିରେ ଦ୍ରୁତ ସୁଧାର ଆସିବା କଷ୍ଟକର ହୋଇପାରେ।

ନୂଆ ୧୦୦୦ ଟଙ୍କିଆ ନୋଟ୍ ଜାରି ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ କୌଣସି ଘୋଷଣା କରିନାହିଁ

ନୂଆଦିଲ୍ଲୀ: ସାମାଜିକ ଗଣମାଧ୍ୟମରେ ଏବେ ହଳଦିଆ ରଙ୍ଗର ନୂଆ ୧୦୦୦ ଟଙ୍କିଆ ନୋଟ୍‌ର ଫଟୋ ଓ ଭିଡ଼ିଓ ଜୋର୍‌ରେ ପ୍ରସାରିତ ହେଉଛି। ଉକ୍ତ ନୋଟ୍ ଜାରି କରାଯାଇ ସାରିଛି କିମ୍ବା ଚଳିତମାସ ୧୫ ତାରିଖରେ ଜାରି ହେବ ବୋଲି ଦାବି କରାଯାଉଛି। କିନ୍ତୁ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ପତ୍ର ସୂଚନା ବ୍ୟୁରୋ(ପିଆଇବି)ର ତଥ୍ୟ ଯାଞ୍ଚ ୟୁନିଟ୍ ପକ୍ଷରୁ ମଙ୍ଗଳବାର ଏଭଳି ଦାବିକୁ ଖଣ୍ଡନ କରାଯାଇଛି। ନୂଆ ୧୦୦୦ ଟଙ୍କିଆ ନୋଟ୍ ଜାରି ନେଇ ଭାରତୀୟ ରିଜର

‘ଅର୍ଣ୍ଣବ’କୁ ଭୟ ନାହିଁ, ଭୟ ବ୍ଲକ ଅଫିସକୁ

ବାତ୍ୟା ମୁକାବିଲାକୁ ନେଇ ତୁମ୍ବି ତୋଫାନ, ବାସ୍ତବ ସ୍ଥିତି ଶୋଚନୀୟ

କାଗଜ କଲମରେ ପ୍ରସ୍ତୁତି

ବାତ୍ୟା ଆଶ୍ରୟସ୍ଥଳୀ: ପ୍ରଶାସନ ଦେଖା ନାହିଁ କି ଗାଁ ଗାଁରେ ସଚେତନତା ନାହିଁ

କାକଟପୁର/ଅସ୍ତରଙ୍ଗ,୨୭।୧୦ (ସଂଚାର ବ୍ୟୁରୋ): ଅକ୍ଟୋବର ୨୯, ୧୯୯୯ ମହାବାତ୍ୟାକୁ ୨୭ ବର୍ଷ ପୂରିବାକୁ ଯାଉଛି। ସେହି ମହାବାତ୍ୟାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଠିକ୍ ସେହି ସମୟରେ ଏବେ ବାତ୍ୟା "ଅର୍ଣ୍ଣବ" ଓଡ଼ିଶା ଉପକୂଳକୁ ଭୟ ଦେଖାଉଥିବା ବେଳେ ପୁରୀ ଜିଲ୍ଲାର ସବୁଠୁ ସମ୍ବେଦନଶୀଳ ଅସ୍ତରଙ୍ଗ ବ୍ଲକର ସ୍ଥିତି ଅତ୍ୟନ୍ତ ଦୟନୀୟ ଓ ଶୋଚନୀୟ ହୋଇପଡିଛି। ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ ପ୍ରଶାସନ ତମ୍ବୀତୋଫାନ କରୁଥିବା ବେଳେ ବାସ୍ତବ କ୍ଷେତ୍ରରେ ସ୍ଥିତି ଦେଖିଲେ ଛାତି ଥରି ଯାଉଛି।

ଅସ୍ତରଙ୍ଗ ବ୍ଲକର ବାତ୍ୟା ପ୍ରବଣ ଗ୍ରାମରେ କେଉଁଠି ରାସ୍ତା ନାହିଁ ତ କେଉଁଠି ପିଇବା ପାଣିର ଘୋର ଅଭାବ। ବହୁ ଗାଁକୁ ଆଜି ବି ପକ୍କା ରାସ୍ତା ନାହିଁ। ବାତ୍ୟା ହେଲେ ଉଦ୍ଧାର ଗାଡି ପଶିପାରିବ ନାହିଁ। ଅନେକ ପରିବାର ଆଜି ବି ଭଙ୍ଗା ଚାଳ ଘରେ କିମ୍ବା ପଲିଥିନ ଘୋଡାଇ ନୂଆଁଣିଆ ଘରେ ଜୀବନ ବିତାଉଛନ୍ତି। ବର୍ଷା ହେଲେ ଘରେ ପାଣି ପଶୁଛି, ବାତ୍ୟା ହେଲେ ଜୀବନ ବିପଦରେ। ସରକାର କୋଟି କୋଟି ଟଙ୍କା ଖର୍ଚ କରୁଛନ୍ତି, କିନ୍ତୁ ତଳ ସ୍ତରରେ ପହଞ୍ଚୁନି।କେବଳ ପ୍ରଶାସନିକ ଅଧିକାରୀ ରାଜନୀତି ଛତ୍ରଛାୟାରେ। ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ପାଖାପାଖି ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ଏତେ ଜନସଂଖ୍ୟା ପାଇଁ ମାତ୍ର ୧୦ରୁ ୧୨ଟି ରେଡକ୍ରସ ଓ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ସେଥିରୁ ଅନେକ ଏବେ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଯେମିତିକି ସୁଦିକେଶର, ପାଟଳଦା ପଞ୍ଚାୟତର ଆଶ୍ରୟସ୍ଥଳୀ ଦଣ୍ଡା ଜରାଜୀର୍ଣ୍ଣ, ଭୂତକୋଠି ପାଲଟିଛି। କବାଟ ନାହିଁ, ଝରକା ଭଙ୍ଗା, ଭିତରେ ଆଲୋକ ନାହିଁ, ଶୌଚାଳୟ ବନ୍ଦ। ଲୋକେ ସେଠି ରହିବେ କେମିତି?ଯାହା ବ୍ୟବହାର ଉପଯୋଗୀ ନୁହେଁ, ଆଉ କିଛି ମାସ ତଳେ କିଛି ଆଶ୍ରୟ ସ୍ଥଳୀ ପାଇଁ ୬ଲକ୍ଷ ଲେଖାଏଁ ଅର୍ଥ ଆସିଥିଲା କେବଳ ରଙ୍ଗ ମାରିବା ସହ ନିମ୍ନ ମାନର ସାମଗ୍ରୀ ଲଗାଇ କାମ ସାରି ବସିଛନ୍ତି। କିନ୍ତୁ ବାତ୍ୟା ସମୟରେ ଆବଶ୍ୟକ ଉପକରଣ ନାହିଁ ଅନେକ ଚୋରି ହୋଇଯାଇଛି।

ରାଜନୈତିକ ଛତ୍ରଛାୟାରେ ଅନେକ ପ୍ରକୃତ ଗରିବଙ୍କୁ ଆବାସ ମିଳୁନି। ଏବେ ବି ଅନେକ ପରିବାର ଭଙ୍ଗା ଚାଳଘରେ ଦିନ କାଟୁଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଛୁରିଆନା ପଞ୍ଚାୟତ। ସେଠାରେ ଅନେକ ଗରିବ ପରିବାର ଚାଳଘରେ ରହୁଛନ୍ତି। ସରକାରୀ ତାଲିକାରେ ନାଁ ଥାଇ ବି ଘର ମିଳୁନି। ଅଭିଯୋଗ ହେଉଛି ପଇସା ଥିବା ଲୋକଙ୍କୁ ଘର ମିଳୁଛି। ଏ ସମ୍ପର୍କ ରେ ସରପଞ୍ଚ ମଧ୍ୟ ଲିଖିତ ଆକାରରେ କ୍ଷୀରୋଦ କାଣ୍ଡି ଜନ ଶୁଣାଣୀ ରେ ଅଭିଯୋଗ କରିଛନ୍ତି। ବାତ୍ୟା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆଲର୍ଟ ଜାରି ହୋଇଥିଲେ ମଧ୍ୟ ଅସ୍ତରଙ୍ଗ ବିଡିଓଙ୍କ ଖାମଖିଆଲି ନୀତି ପାଇଁ କୌଣସି ବାତ୍ୟା ଆଶ୍ରୟସ୍ଥଳୀ ଖୋଲା ଯାଇନାହିଁ।

ଏ ନେଇ ସରପଞ୍ଚ କ୍ଷୀରୋଦ କାଣ୍ଡି ବିଡିଓଙ୍କୁ ବାରମ୍ବାର କହିଛନ୍ତି। କିନ୍ତୁ କୌଣସି ଫଳ ମିଳିନି। କିଛି ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି ଅସ୍ତରଙ୍ଗ ବ୍ଲକ ପ୍ରଶାସନ ଦାୟିତ୍ୱରେ ଥିବା ବିଡିଓଙ୍କ ନିଷ୍କ୍ରିୟତା ଯୋଗୁଁ ଲୋକେ ବିପଦରେ ଅଛନ୍ତି। ରାସ୍ତା, ପାଣି ଓ ବାତ୍ୟା ଆଶ୍ରୟସ୍ଥଳୀ ସଠିକ୍ କରିବା ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦାବି କରିଛନ୍ତି।

ଭତ୍ତା ଟଙ୍କା ନପାଇ ବ୍ଲକ କାର୍ଯ୍ୟାଳୟ ଘେରିଲେ ହିତାଧିକାରୀ

ରାଇଘର,୨୭।୧୦ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ମଧ୍ୟ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଏବଂ ବିଧବା ଭତ୍ତା ସମୟ ସୀମା ମଧ୍ୟରେ ନ ମିଳିବା କାରଣରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଆଜି ୧୦ଟା ସମୟରେ ସ୍ଥାନୀୟ ବ୍ଲକ ପରିସରରେ ଜମାହୋଇଥିଲେ ୨୬ଟି ପଞ୍ଚାୟତର ଶତାଧିକ ବିଧବା ମହିଳା, ବୃଦ୍ଧ, ବୃଦ୍ଧା, ଶାରୀରିକ ବିକଳାଙ୍ଗ ହିତାଧିକାରୀମାନେ।

ସେମାନଙ୍କ କହିବା କଥା ଥିଲା ତିନିମାସ ହେବ ପାଇନାହାନ୍ତି ଭତ୍ତା। ଯାହାଫଳରେ ନିଜର ଜୀବନ ଜୀବିକା ଉପରେ ଏହାର ପ୍ରଭାବ ପଡିବା ସହ ପ୍ରତିଦିନ ଔଷଧ ଖାଉଥିବା ହିତାଧିକାରୀ ଭତ୍ତା ଟଙ୍କା ନ ପାଇବା କାରଣରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇବା ଅସୁବିଧା ହେବା କାରଣରୁ ହିତାଧିକାରୀଙ୍କ ନିକଟକୁ ଯାଇ ବୁଢା ବୁଢ଼ୀଙ୍କ ହାତରେ ଭତ୍ତା ଟଙ୍କା ଦେବାକୁ ଦାବି କରିଥିଲେ ଯଦି ସପ୍ତାହକ ମଧ୍ୟରେ ସେମାନଙ୍କ କଥା ଅଧିକାରୀ ମାନେ ନ ଶୁଣି ଭତ୍ତା ପ୍ରଦାନ ନ କରନ୍ତି ଆସନ୍ତା ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ହିତାଧିକାରୀ ଚେତାବନୀ ଦେଇଥିଲେ।

ତିନିଘଣ୍ଟା କାଳ ବିଭିନ୍ନ ନାରାବାଜି କରି ଘେରାଉ ପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଧନଞ୍ଜୟ ରାଓଙ୍କ ପ୍ରତିଶ୍ରୁତି ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସମସ୍ତ ହିତାଧିକାରୀ ସେମାନଙ୍କ ଭତ୍ତା ପାଇଯିବେ କହିବା ପରେ ଧାରଣାରୁ ଓହରିଥିଲେ।

ତୈଳ ବିଶୋଧନାଗାର ଫାଟକରେ ଶ୍ରମିକଙ୍କ ଗର୍ଜନ, ଶେଷରେ ମୁଣ୍ଡ ନୁଆଁଇଲା କମ୍ପାନୀ

ପାରାଦୀପ,୨୭।୧୦ (ସଂଚାର ବ୍ୟୁରୋ): ଗୋଟିଏ ପଟେ ସମ୍ଭାବ୍ୟ ବାତ୍ୟା ‘ଅର୍ଣ୍ଣବ’କୁ ନେଇ ଉପକୂଳରେ ବର୍ଷା, ଅନ୍ୟପଟେ ନିଜ ହକ୍ ପାଇଁ ତୈଳ ବିଶୋଧନାଗାର ଫାଟକ ସମ୍ମୁଖରେ ଶ୍ରମିକଙ୍କ ଦିନତମାମ ସଂଘର୍ଷ। ବର୍ଷାରେ ଭିଜି ମଧ୍ୟ ନିଜ ଦାବିରେ ଅଟଳ ରହିଥିଲେ ଶ୍ରମିକ। ଶେଷରେ ଦୀର୍ଘ ୬ ଘଣ୍ଟାର ଆଲୋଚନା ପରେ ଶ୍ରମିକଙ୍କ ଦାବି ଉପରେ ସହମତି ପ୍ରକାଶ ପାଇବାରୁ ଆନ୍ଦୋଳନରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଦୈନିକ ମଜୁରିରେ ୧୩୨ ଟଙ୍କା ବୃଦ୍ଧି ସହ ୧୮ ମାସର ଏରିଅର ପ୍ରଦାନ ନେଇ ୟୁନିୟନ ପକ୍ଷରୁ ଘୋଷଣା କରାଯାଇଛି।

ଏଫ୍‌ସିଆଇ ଶ୍ରମିକ ୟୁନିୟନ ବ୍ୟାନରରେ ଚାଲିଥିବା ଏହି ଆନ୍ଦୋଳନର ମୁଖ୍ୟ କାରଣ ଥିଲା ଦୀର୍ଘଦିନର ସେଟେଲମେଣ୍ଟ ଓ ଦରମା ସମେତ ଅନ୍ୟାନ୍ୟ ସୁବିଧା ବୃଦ୍ଧି। ଜମି ହରାଇଥିବା ପରିବାରରୁ ନିଯୁକ୍ତି ପାଇଥିବା ଶ୍ରମିକମାନେ ନିଜର ନ୍ୟାଯ୍ୟ ଦାବି ପାଇଁ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ସମାଧାନ ହେଉନଥିବା ଅଭିଯୋଗ ହୋଇଥିଲା। ତାରିଖ ପରେ ତାରିଖ ଗଡୁଥିବାରୁ ଶେଷରେ ଶ୍ରମିକମାନେ ଆନ୍ଦୋଳନର ପଥ ବାଛିଥିଲେ।

ସାନଘୁମୁଡ଼ାରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ

ସୁନ୍ଦରଗଡ,୨୭।୧୦ (ସଂଚାର ବ୍ୟୁରୋ): ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା, ଦୁଗ୍ଧ ଉତ୍ପାଦନକାରୀ ଚାଷୀଙ୍କ ଆୟ ବୃଦ୍ଧି କରିବା ଏବଂ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ହେମଗିର ବ୍ଲକ ଅନ୍ତର୍ଗତ ସାନଘୁମୁଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ନୂତନ ଦୁଗ୍ଧ ସଂଗ୍ରହ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ, ସୁନ୍ଦରଗଡ଼ ଏବଂ ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ ହେମଗିରର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ‘ଗୌ ସାଥୀ’ ଦୁଗ୍ଧ ବିକାଶ ପ୍ରକଳ୍ପ ଅଧୀନରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି।

ଏହି ଦୁଗ୍ଧ ସଂଗ୍ରହ କେନ୍ଦ୍ର ମୁଖ୍ୟତଃ ସରବାହାଲ ଓ ଦୁମାମୁଣ୍ଡା ଗ୍ରାମର ଦୁଗ୍ଧ ଉତ୍ପାଦନକାରୀ ଚାଷୀମାନଙ୍କୁ ଉପକୃତ କରିବ। ନୂତନ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କ ଠାରୁ ନିୟମିତ ଭାବେ କ୍ଷୀର ସଂଗ୍ରହ କରାଯିବା ସହ ଏହାର ସୁସଂଗଠିତ ବିପଣନ ପାଇଁ ବ୍ୟବସ୍ଥା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଚାଷୀମାନେ ନିଜ ଉତ୍ପାଦିତ କ୍ଷୀରର ଉପଯୁକ୍ତ ମୂଲ୍ୟ ପାଇବା ସହ ନିୟମିତ ଆୟର ସୁଯୋଗ ପାଇପାରିବେ ବୋଲି ଆଶା କରାଯାଉଛି।

ଏହି ଅବସରରେ ସାରବାହାଲ ଓ ଦୁମାମୁଣ୍ଡା ଗ୍ରାମର ୫୦ ଜଣ ହିତାଧିକାରୀଙ୍କ ସମେତ ଓସିପିଏଲ୍ ଟାଉନସିପ୍‌ର ମହିଳା କ୍ଲବ୍‌ର ୧୦ ଜଣ ସଦସ୍ୟା ଯୋଗଦେଇଥିଲେ। ସ୍ଥାନୀୟ ଜନପ୍ରତିନିଧି, ପ୍ରକଳ୍ପ କର୍ମକର୍ତ୍ତା ଓ ହିତାଧିକାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମୀଣ ଜୀବିକା ବିକାଶରେ ଦୁଗ୍ଧ ଚାଷର ଭୂମିକା ଏବଂ ଏହାକୁ ଏକ ଲାଭଜନକ ଆୟଭିତ୍ତିକ କାର୍ଯ୍ୟକଳାପ ଭାବେ ଗଢ଼ିତୋଳିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଉମରକୋଟରେ ରାଜ୍ୟସ୍ତରୀୟ ‘ବିକଶିତ ଓଡ଼ିଶା ୨.୦’ ସମ୍ମିଳନୀ ଉଦ୍‌ଘାଟିତ

ନବରଙ୍ଗପୁର,ଉମରକୋଟ,୨୭।୧୦ (ସଂଚାର ବ୍ୟୁରୋ): ଉମରକୋଟସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ସୋମବାରଠାରୁ ତିନିଦିନିଆ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ‘ବିକଶିତ ଓଡ଼ିଶା ୨.୦’ର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଯୁବକ ଓ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା, ନୂତନ ରୋଜଗାର ସୁଯୋଗ ସୃଷ୍ଟି କରିବା ଏବଂ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ।

ଏହି ମେଗା ପ୍ରଦର୍ଶନୀରେ ଏମ୍‌ଏସ୍‌ଏମ୍‌ଇ, ହସ୍ତଶିଳ୍ପ, ହସ୍ତତନ୍ତ, ମାତୃ-ଶିଶୁ ପୁଷ୍ଟିକର ଖାଦ୍ୟ, ଦୁଗ୍ଧଜାତ ଦ୍ରବ୍ୟ ଓ ବାଉଁଶ ଚାଷ ଆଧାରିତ ଶିଳ୍ପ ପ୍ରଦର୍ଶିତ ହୋଇଛି। ଆଧାର ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ହାଇଦ୍ରାବାଦରୁ ଆସିଥିବା ବିଶେଷଜ୍ଞ ଟିମ୍ ସେବା ଯୋଗାଉଛନ୍ତି।

ସାଂସଦ ଇଂ. ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଯୁବ ଓ ମହିଳାମାନଙ୍କୁ ଉଦ୍ୟୋଗ ସହ ଯୋଡ଼ିବା ଆମର ପ୍ରାଥମିକତା। ଏଥିସହ ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଥିବା ଓ ଶୀଘ୍ର ରେଳ ସେବା ଆରମ୍ଭ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଞ୍ଜ ଯୋଗଦେଇ ଉପାନ୍ତ ଅଞ୍ଚଳରେ ଏଭଳି ଆୟୋଜନ ରାଜ୍ୟର ଦ୍ରୁତ ବିକାଶର ପ୍ରତୀକ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ, ନରସିଂହ ଭତ୍ରା, ନରସିଂହ ମାଡକାମୀ, ଏସ୍‌ଡିସି ଅଧ୍ୟକ୍ଷା ବାସନ୍ତୀ ମାଝୀ, ସିୟୁଓ କୁଳପତି ଡ. ଅଜିତ ଷଡ଼ଙ୍ଗୀ, ବୈଜ୍ଞାନିକ ନାଗେଶ ବାରିକଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ମାରୁତି ନଗର ଉନ୍ନୟନ କମିଟିର ଷଷ୍ଠ ବାର୍ଷିକ ସାଧାରଣ ସଭା

ବାଲିଅନ୍ତା,୨୭।୧୦ (ସଂଚାର ବ୍ୟୁରୋ): ମାରୁତି ନଗର ଉନ୍ନୟନ କମିଟିର ଷଷ୍ଠ ବାର୍ଷିକ ସାଧାରଣ ସଭା ଗତ ୨୩ ଅକ୍ଟୋବର ୨୦୨୬ ତାରିଖରେ ମାରୁତି ନଗରଠାରେ କମିଟିର ସଭାପତି ଶ୍ରୀ ଭାସ୍କର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦକ ଶ୍ରୀ ସୋମନାଥ ରଥଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବହୁ ସଂଖ୍ୟକ ସଦସ୍ୟ ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ।

ସଭାରେ କମିଟି ପକ୍ଷରୁ ଇତିମଧ୍ୟରେ ସମ୍ପନ୍ନ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ଆଗାମୀ ଦିନରେ କରାଯିବାକୁ ଥିବା କାର୍ଯ୍ୟଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। କମିଟିର କୋଷାଧ୍ୟକ୍ଷ ସୁଧାକର ମହାପାତ୍ର ବାର୍ଷିକ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ।

ଏହି ଅବସରରେ ବିଭିନ୍ନ ସଦସ୍ୟ ମାରୁତି ନଗରର ରାସ୍ତାଘାଟ, ମୌଳିକ ସୁବିଧା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ନିଜ ନିଜର ଅସୁବିଧା ଉପସ୍ଥାପନ କରିଥିଲେ। କମିଟି ପକ୍ଷରୁ ସମସ୍ତ ସମସ୍ୟାକୁ ଗୁରୁତ୍ୱର ସହ ଲିପିବଦ୍ଧ କରାଯାଇଥିଲା ଏବଂ ସେଗୁଡ଼ିକର ସମାଧାନ ପାଇଁ ପର୍ଯ୍ୟାୟକ୍ରମେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦିଆଯାଇଥିଲା।

ସଭାରେ ସ୍ଥାନୀୟ କର୍ପୋରେଟର ଶ୍ରୀ ବିରଞ୍ଚି ନାରାୟଣ ମହାସୁପକାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାରୁତି ନଗରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ଆଶ୍ୱାସନା ଦେଇଥିଲେ।

ଏଥିସହ ଧଉଳି ଥାନାର ଅଧିକାରୀ ଶ୍ରୀ ସ୍ମୃତି ରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗଦେଇ ମାରୁତି ନଗରର ବାସିନ୍ଦାଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରତି ଗୁରୁତ୍ୱ ଦେଇଥିଲେ। ଅଞ୍ଚଳରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ପୋଲିସ ପାଟ୍ରୋଲିଂ ବୃଦ୍ଧି କରାଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ।

ସେହିପରି ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚର ସଭାପତି ଶ୍ରୀ ବସନ୍ତ କୁମାର ବରାଳ ଅତିଥି ଭାବେ ଯୋଗଦେଇଥିଲେ। ନୂଆଗାଁ ଅଞ୍ଚଳ ଅଧୀନରେ ଥିବା ମାରୁତି ନଗରର ସାମଗ୍ରିକ ବିକାଶ ପାଇଁ ସେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପୂର୍ଣ୍ଣ ଆଶ୍ୱାସନା ଦେଇଥିଲେ। ଅଞ୍ଚଳର ବିକାଶ ପାଇଁ କମିଟି ସହ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମାରୁତି ନଗରର ସାମୂହିକ ବିକାଶ ଓ ସମସ୍ୟାର ସମାଧାନ ପାଇଁ ସମସ୍ତେ ଏକତାବଦ୍ଧ ହୋଇ ପାରସ୍ପରିକ ସହଯୋଗ ଓ ସମନ୍ୱୟର ସହ କାର୍ଯ୍ୟ କରିବାକୁ ସମସ୍ତେ ସଂକଳ୍ପ କରିଥିଲେ।

ଦୁର୍ନୀତି ବିରୋଧରେ ପାରାଦୀପ ବନ୍ଦରର ସଚେତନତା ଅଭିଯାନ

ଷ୍ଟ୍ରାଇଡ୍ ଫର୍ ଇଣ୍ଟିଗ୍ରିଟି’ ପଦଯାତ୍ରା ଓ ସତର୍କତା ରଥର ଶୁଭାରମ୍ଭ

ପାରାଦ୍ୱୀପ,୨୭।୧୦ (ସଂଚାର ବ୍ୟୁରୋ): ସଚ୍ଚୋଟତା ହେଉ ଜୀବନର ମୂଳମନ୍ତ୍ର, ଦୁର୍ନୀତି ବିରୋଧରେ ଜାଗ୍ରତ ହେଉ ସମାଜ। ଏହି ବାର୍ତ୍ତା ନେଇ ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ପକ୍ଷରୁ ‘ଷ୍ଟ୍ରାଇଡ୍ ଫର୍ ଇଣ୍ଟିଗ୍ରିଟି’ ପଦଯାତ୍ରା ଓ ସତର୍କତା ରଥର ଶୁଭାରମ୍ଭ କରାଯାଇଛି। ସମାଜରେ ସ୍ୱଚ୍ଛତା, ନୈତିକତା ଓ ସଚ୍ଚୋଟତାର ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ଜନସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

ପିପିଏ ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତଙ୍କ ବାର୍ତ୍ତାକୁ ନେଇ ବନ୍ଦରର ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ଆର୍. ଏନ୍. ଅବନୀକାନ୍ତ ପରିଡ଼ା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପାରାଦୀପରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପିପିଏ ଅଫିସର୍ସ କ୍ଲବ୍ ଓ ଟାଉନସିପ୍‌ଠାରେ ଶେଷ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ଅଧିକାରୀ ଓ କର୍ମଚାରୀ, ସିଆଇଏସ୍‌ଏଫ୍ ଯବାନ, ବନ୍ଦର ବ୍ୟବହାରକାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସଚ୍ଚୋଟତା ଓ ସ୍ୱଚ୍ଛତାକୁ ନିଜ ଜୀବନରେ ଆପଣାଇବା ସହ ଦୁର୍ନୀତି ବିରୋଧରେ ସମସ୍ତେ ଏକଜୁଟ ହେବାକୁ ଏହି ଅଭିଯାନ ମାଧ୍ୟମରେ ଆହ୍ୱାନ ଦିଆଯାଇଥିଲା।

‘ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ’ ଅଭିଯାନ

ସୁନ୍ଦରଗଡ଼, ୨୭।୧୦ (ସଂଚାର ବ୍ୟୁରୋ): ଆସନ୍ତା ନଭେମ୍ବର ୧ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା “ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ” ଅଭିଯାନର ସଫଳ ରୂପାୟନ ଉଦ୍ଦେଶ୍ୟରେ ଭାଜପା, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟ, ଭୋଜପୁରଠାରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମଞ୍ଚାସୀନ ଅତିଥି ଭାବେ ଜିଲ୍ଲା ଉପସଭାପତି ସୁରେନ୍ଦ୍ର

ଖରାଦିନେ କିପରି କମାଇବେ ଓଜନ

ବର୍ତ୍ତମାନ ଯୁଗରେ ନିଜକୁ ଫିଟ୍ ରଖିବାକୁ କିଏ ବା ନଚାହେଁ। ସୁନ୍ଦର ଦିଶିବା ପାଇଁ ସମସ୍ତେ ନିଜର ଓଜନ କମାଇବାରେ ଲାଗିଛନ୍ତି। ଓଜନ କମାଇବାର ନିଶା ଏବେ ସମସ୍ତଙ୍କୁ ଘାରିଛି। ଓଜନ କମାଇବାକୁ କିଏ ଡାଏଟ କରୁଛନ୍ତି ତ ପୁଣି ଆଉ କେହି କେହି ଜିମର ସାହାରା ନେଉଛନ୍ତି। ବଳେବେଳେ ସଚେତନ ରହିବା ସତ୍ତ୍ୱେ କିଛି ଭୁଲ ରହିଯାଇଥାଏ। ଯାହା ଫଳପ୍ରଦ ହୋଇନଥାଏ। ବର୍ତ୍ତମାନର ଅପଡେଟ ସମ0ୟରେ ଓଜନ ବୃଦ୍ଧି ସମସ୍ୟାର ବିଷୟବସ୍ତୁ ପାଲଟିଛି। ଓଜନ କମାଇବାକୁ ଯାଇ ଅନେକ ଜଣ ଡେରିରେ ଲଞ୍ଚ ଏବଂ ଡିନର କରିଥାନ୍ତି। କିନ୍ତୁ ଆପଣ ଜାଣନ୍ତି କି ? ଏହା କରିବା ଦ୍ୱାରା ଶରୀରରେ ଅନେକ ରୋଗ ସୃଷ୍ଟି କରିବା ସହିତ ଓଜନକୁ କମାଇବା ବଦଳରେ ବଢ଼ାଇଦେଇଥାଏ

ଖାଦ୍ୟପୟେ ଏବଂ ଜୀବନଶୈଳୀରେ ବିଭ୍ରାଟ ଯୋଗୁଁ, ଅଧିକାଂଶ ଲୋକ ଓଜନ ବୃଦ୍ଧି ସମସ୍ୟାରେ ପୀଡିତ। ଲୋକମାନେ ନିଜର ଓଜନ କମାଇବା ପାଇଁ ଡାଏଟିଂ ଏବଂ ବ୍ୟାୟାମ ଅଭ୍ୟାସ ଅନୁସରଣ କରନ୍ତି। କିନ୍ତୁ ଓଜନ ହ୍ରାସ କରିବା ଏକ ସହଜ କାମ ନୁହେଁ। କିନ୍ତୁ ଏବେ ଗ୍ରୀଷ୍ମ ଋତୁ ଆସିଗଲାଣି ଏବଂ ଏପରି ପରିସ୍ଥିତିରେ ଓଜନ ହ୍ରାସ କରିବା ଟିକେ ସହଜ ହୋଇଯାଏ। ଏକ୍ସପର୍ଟଙ୍କ ଅନୁସାରେ, ଗ୍ରୀଷ୍ମ ଋତୁରେ ଆପଣଙ୍କର ବର୍ଦ୍ଧିତ ଓଜନ ହ୍ରାସ କରିବା ପାଇଁ ସଠିକ ପଦ୍ଧତି ଅନୁସରଣ କରିବା ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ, ଶରୀରକୁ ଯଥାସମ୍ଭବ ହାଇଡ୍ରେଟ ରଖନ୍ତୁ। ଯଦି ଆପଣ କମ ପାଣି ପିଉଛନ୍ତି ତବେ ଧୀରେ ଧୀରେ ପର୍ଯ୍ୟାପ୍ତ ପାଣି ପିଇବା ଆରମ୍ଭ କରନ୍ତୁ।

ଗ୍ରୀଷ୍ମ ଋତୁରେ ଅତ୍ୟଧିକ ତଲେଯୁକ୍ତ ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁ। ବିଶେଷଜ୍ଞଙ୍କ ମତରେ ଓଜନ ହ୍ରାସ ସମୟରେ ଏପରି ଜିନିଷ ଖାଆନ୍ତୁ ଯେଉଁଥିରେ ଭିଟାମିନ ଏବଂ ମିନେରାଲ୍ସ ଭଳି ଉପାଦାନ ଥାଏ। ସହଜରେ ହଜମ ହେଉଥିବା ଜିନିଷ ଓଜନ ହ୍ରାସ କରିବାରେ ବହୁତ ସହାୟକ ହୋଇଥାଏ। ଗ୍ରୀଷ୍ମ ଋତୁରେ କାକୁଡି, ଟମାଟୋ ଏବଂ ତରଭୁଜ ଭଳି ହାଇଡ୍ରେଟିଂ ଖାଦ୍ୟ ସାମିଲ କରନ୍ତୁ। ଗ୍ରୀନ ଟିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ମଟୋବୋଲିଜିମ ତ୍ୱରାନ୍ୱିତ କରିବା ସହିତ, ଏହା ଶରୀରରୁ ଅତିରିକ୍ତ ଚର୍ବି ଜାଳିବାରେ ମଧ୍ୟ ସାହାଯ୍ୟ କରେ। ଦିନକୁ ଦୁଇରୁ ତିନି କପ ଗ୍ରୀନ ଟି ପିଇବାକୁ ଅଭ୍ୟାସ କରନ୍ତୁ, ବିଶେଷକରି ସକାଳେ। ଗ୍ରୀନ ଟି ବ୍ୟତୀତ, ଆପଣ ହର୍ବାଲ ଚା ମଧ୍ୟ ସେବନ କରିପାରିବେ।

ଗ୍ରୀଷ୍ମ ଋତୁରେ ଫାଇବର ଏବଂ ପ୍ରୋବାୟୋଟିକ୍ସ ସାମିଲ କରନ୍ତୁ। ଆପଣ ପ୍ରତିଦିନ ଦହି, ଫଳ, ସାଲାଡ ଏବଂ ଶସ୍ୟ ଖାଇବା ଉଚିତ। ଫାଇବର ପଟେକୁ ବହୁତ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ ଏବଂ ଅତ୍ୟଧିକ ଖାଇବାକୁ ରୋକେ। ପ୍ରୋବାୟୋଟିକ୍ସ ପାଚନ ପ୍ରଣାଳୀକୁ ସୁସ୍ଥ ରଖେ ଏବଂ ଶରୀରର ମଟୋବୋଲିଜିମକୁ ବୃଦ୍ଧି କରେ, ଯାହା ଦ୍ୱାରା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ପ୍ରତିଦିନ ବ୍ୟାୟାମ କରିବା ଅଭ୍ୟାସ କରନ୍ତୁ। ସକାଳେ କିମ୍ବା ବିଳମ୍ବିତ ସଂଧ୍ୟାରେ ବ୍ୟାୟାମ କରିପାରିବ। ଯଦି ଆପଣ ବ୍ୟାୟାମ କରିପାରିବେ ନାହିଁ ତେବେ ଅତି କମରେ ଅଧ ଘଣ୍ଟା ଚାଲନ୍ତୁ। ଏହା କ୍ୟାଲୋରୀ ବର୍ନ କରେ ଏବଂ ମାଂସପେଶୀକୁ ମଜବୁତ କରେ। ଯଦି ଆପଣ ଓଜନ କମ୍ କରିବା ପାଇଁ ଚାହୁଁଛନ୍ତି, ତେବେ ଏହି ଟିପ୍ସକୁ ନିଶ୍ଚିତ ଫଲୋ କରନ୍ତୁ ଦେଖିବେ ଖୁବ୍ କମ୍ ଦିନ ମଧ୍ୟରେ ଆପଣଙ୍କ ରେଜଲ୍ଟ।

ଓରାଲ୍ ସନ୍‌ସ୍କ୍ରିନ୍

ତ୍ୱଚାକୁ ସୁରକ୍ଷା ଦେବା ପାଇଁ ଅଧିକାଂଶ ଖରାଦିନେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇଥାନ୍ତି। କ୍ଷତିକାରକ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବାରେ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦିଓ ସନ୍‌ସ୍କ୍ରିନ୍ କ୍ରିମ୍, ଜେଲ୍, ପାଉଡର ଏବଂ ସ୍ପ୍ରେ ଆକାରରେ ଉପଲବ୍ଧ ରହିଛି। ଏବେ କିନ୍ତୁ ଓରାଲ ସନ୍‌ସ୍କ୍ରିନ୍‌କୁ ନେଇ ସବୁଠି ଚର୍ଚ୍ଚା। ତେବେ ବର୍ତ୍ତମାନ ସୁଦ୍ଧା ଥିବା ସନସ୍କ୍ରିନ୍ ତ୍ୱଚାରେ ଲଗାଯାଉଥିବାବେଳେ ଓରାଲ ସନସ୍କ୍ରିନ୍ ଏକ ପ୍ରକାର ସପ୍ଲିମେଣ୍ଟ। ଯାହାକୁ ସେବନ କରିବା ଦ୍ୱାରା ଶରୀର ସୂର୍ଯ୍ୟଙ୍କ ହାନିକାରକ କିରଣ ପ୍ରଭାବରୁ ସୁରକ୍ଷିତ ରଖିପାରେ। ଓରାଲ ସନ୍‌ସ୍କ୍ରିନ୍ ସପ୍ଲିମେଣ୍ଟ ଆଣ୍ଟି ଅକ୍ସିଡେଣ୍ଟ, ଭିଟାମିନ୍ ଏବଂ ଉଦ୍ଭିଦ ଅର୍କରୁ ତିଆରି ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ସାଧାରଣ ସନ୍‌ସ୍କ୍ରିନ୍ କ୍ରିମ୍, ପାଉଡର ସ୍ପ୍ରେ ସନସ୍କ୍ରିନ୍ ଦିନରେ ବାରମ୍ବାର ଲଗାଯାଉଥିବାବେଳେ ଓରାଲ ସନ୍‌ସ୍କ୍ରିନ୍‌କୁ ଦିନରେ କେବଳ ଥରେ ଲଗାଇବାକୁ ହୁଏ। ଓରାଲ ସନ୍‌ସ୍କ୍ରିନ୍‌ରେ ହାଇଡ୍ରେଶନ, ଆଣ୍ଟି-ଇନ୍ଫ୍ଲେମେଟରୀ ଗୁଣ ଥିବାରୁ ଏହା ତ୍ୱଚା ପାଇଁ ଅଧିକ ଲାଭପ୍ରଦ। ଯଦିଓ ଏହି ପ୍ରକାର ସନ୍‌ସ୍କ୍ରିନ୍ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅଧିକ ଗବେଷଣା କରୁଛନ୍ତି, ତେବେ ତ୍ୱଚାର ପ୍ରକାର, ଆହାର ଏବଂ ସୁସ୍ଥତାକୁ ଧ୍ୟାନ ଦେଇ ଜଣେ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶରେ ନିଜ ଦିନଚର୍ଯ୍ୟାରେ ଓରାଲ ସନ୍‌ସ୍କ୍ରିନ୍ ସାମିଲ କରିପାରିବେ। ତେବେ ସାଧାରଣ ସନ୍‌ସ୍କ୍ରିନ୍ ବ୍ୟବହାର କରିବା ପୂର୍ବରୁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦେବାକୁ ହୁଏ।

ସୁନ୍ଦର ଦିଶିବା ପାଇଁ ବୁଟକ୍ସ



ଆଜିକାଲି ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହିଁଥାଆନ୍ତି। ସେଥିପାଇଁ ଏବେ ବିଭିନ୍ନ ପ୍ରକାର ଟ୍ରିଟ୍‌ମେଣ୍ଟ୍ ମଧ୍ୟ କରାଉଛନ୍ତି। ଯାହାକୁ ଆମେ ବୁଟକ୍ସ ବୋଲି କହିଥାଉ। ଏହା ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ରହିଛି। ଏହି ଟ୍ରିଟ୍‌ମେଣ୍ଟ୍‌କୁ ବ୍ୟବହାର କରି ଆମର ମୁହଁରେ ପଡୁଥିବା ବିଭିନ୍ନ ଭାଙ୍ଗକୁ ଦୂର କରାଯାଏ। ଅଭିନେତ୍ରୀମାନେ ବୁଟକ୍ସ କରି ଏତେ ସୁନ୍ଦର ଚେହେରାର ଅଧିକାରୀ କରିପାରୁଛନ୍ତି। ଡର୍ମାଲ୍ ଫିଲର୍- ଏହି ପ୍ରକ୍ରିୟାରେ ଆମ ଗାଲ, ଓଠ, ଆଖି ତଳ ଭଳି ସ୍ଥାନକୁ ଫୁଲା କରିବା ପାଇଁ ବ୍ୟବହାର କରାଯାଏ। ଯେଉଁମାନେ ସୁନ୍ଦର ଚେହେରା ପାଇଁ ସର୍ଜରି କରିବା ପାଇଁ ପସନ୍ଦ କରୁନାହାନ୍ତି ସେମାନେ ଏହି ପ୍ରକ୍ରିୟାକୁ ଆପଣାଇ ଥାଆନ୍ତି। ଏଥିରେ ଏକ ଏସିଡ୍ ଆମ ଶରୀରରେ ବ୍ୟବହାର କରାଯାଇଥାଏ। ମଣିଷର ଝାଳ ବୋହିବା ଏକ ସାଧାରଣ ପ୍ରକ୍ରିୟା। ଏହା ଆମ ଶରୀରକୁ ଥଣ୍ଡା କରିବାରେ ସାହାଯ୍ୟ କରିଥାଏ। ସେଲିବ୍ରେଟିମାନେ ଯେତେବେଳେ କୌଣସି ଲମ୍ବା ସୁଟିଂରେ ରହିଥାଆନ୍ତି ସେତେବେଳେ କାଖତଳ, ହାତ, ପାଦରେ ସ୍ୱେଟ୍ ବୋଟୋକ୍ସ ଟ୍ରିଟ୍‌ମେଣ୍ଟ୍ କରାଇଥାଆନ୍ତି। ହସକୁ ସୁନ୍ଦର କରିବା ପାଇଁ ଏହି ଟ୍ରିଟ୍‌ମେଣ୍ଟ୍ କରାଯାଇଥାଏ। ଉପର ଓଠରେ ଏହି ଇଞ୍ଜେକ୍ସନ୍ ଦିଆଯାଏ। ଯେଉଁ କାରଣରୁ ହସିବା ସମୟରେ ଅଧିକ ମାଢ଼ି ଦେଖାଯିବ ନାହିଁ ଏବଂ ଆମ ହସ ସୁନ୍ଦର ଲାଗିବ। ଏହାକୁ ଲିପ୍ ବୋଟୋକ୍ସ ମଧ୍ୟ କୁହାଯାଏ ଯେଉଁଥିରେ ଓଠକୁ କିଞ୍ଚିତ ସ୍ଫୁଲ କରାଯାଏ। ଏହା ବିଶେଷଭାବେ ଢ଼ିଲାପଣ ଚର୍ମକୁ ଉପରକୁ ଉଠାଇବାକୁ କରାଯାଇଥାଏ। ଏହା ସର୍ଜରି ନକରି ମୁହଁକୁ ଟାଇଟ୍ କରିବା ପାଇଁ ବ୍ୟବହାର ହୋଇଥାଏ। ଶରୀରକୁ ଗଭୀରଭାବେ ହାଇଡ୍ରେସନ୍ କରିବା ଏବଂ ଭିତରୁ ଚମକ ଆଣିବା ପାଇଁ ଏହି ପ୍ରକ୍ରିୟାର ବ୍ୟବହାର କରାଯାଇଥାଏ। ଏଥିରେ ମଧ୍ୟ ଏକ ଏସିଡ୍‌ର ବ୍ୟବହାର କରାଯାଇଥାଏ। ଯେଉଁମାନେ ଗ୍ଲାସ୍ ସ୍କିନ୍ ପସନ୍ଦ କରିଥାଆନ୍ତି ସେମାନେ ଏହି ବୁଷ୍ଟ୍ ନେଇପାରିବେ। ଏହି ଟ୍ରିଟ୍‌ମେଣ୍ଟ୍ ବେକକୁ ସୁନ୍ଦର କରିବା ପାଇଁ ବ୍ୟବହାର କରାଯାଏ। ଆମର ଜ ଲାଇନ୍‌କୁ ଟାଇଟ୍ କରି ବେକରେ ଥିବା ମାଂସପେଶୀକୁ ଟାଇଟ୍ କରାଯାଇଥାଏ। ଯାହାଦ୍ୱାରା ବେକ ସାର୍ପ ଓ ଚିକ୍କଣ ଦେଖାଯିବ।

ମାଛ ସହିତ ଲେମ୍ବୁ, ପତ୍ରଯୁକ୍ତ ପନିପରିବା ଖାଆନ୍ତୁ ନାହିଁ

ମାଛ ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ବୋଲି ବିବେଚନା କରାଯାଏ। କିନ୍ତୁ ଆପଣ କ'ଣ ଜାଣନ୍ତି କି... ଏପରି କିଛି ଜିନିଷ ଅଛି ଯାହା ମାଛ ସହିତ ଖାଇବା ଉଚିତ୍ ନୁହେଁ। ଆସନ୍ତୁ ଜାଣିବା ମାଛ ସହ କ'ଣ ସବୁ ଖାଇବା ଉଚିତ ନୁହେଁ। ଯେପରିକି,ମାଛ ସହିତ ମଦ୍ୟପାନ କିମ୍ବା ମଦ ପିଇଲେ ଯକୃତ ଉପରେ ଚାପ ପଡ଼ିଥାଏ। ଏହା ବ୍ୟତୀତ, କିଛି ଅଧ୍ୟୟନରୁ ଜଣାପଡିଛି ଯେ ଏହା ହୃଦଘାତର ଆଶଙ୍କା ମଧ୍ୟ ବୃଦ୍ଧି କରିପାରେ। ବିଶେଷଜ୍ଞଙ୍କ ମତରେ ମାଛ ଖାଇବା ପରେ ମଦ୍ୟପାନ କିମ୍ବା ମଦ ପିଇବା ଆଦୌ ଉଚିତ୍ ନୁହେଁ। ମାଛ ସହିତ ଲେମ୍ବୁ କିମ୍ବା ଅନ୍ୟାନ୍ୟ ଖଟା ଫଳର ଅତ୍ୟଧିକ ବ୍ୟବହାର ଆର୍ସେନିକ ବିଷାକ୍ତତା କିମ୍ବା ମାଛ ବିଷାକ୍ତତାର ଆଶଙ୍କା ବଢ଼ାଇପାରେ। ଏହି ବିପଦ ବିଶେଷକରି ପୁରୁଣା କିମ୍ବା ଭୁଲ ଭାବରେ ସଂରକ୍ଷଣ କରାଯାଇଥିବା ମାଛରେ ଅଧିକ। ତେଣୁ, ମାଛ ସହିତ ସର୍ବଦା ସୀମିତ ପରିମାଣରେ ଖଟା ଫଳ ଖାଆନ୍ତୁ। ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇବ ନାହିଁ। ମାଛ ସହିତ ପାଳଙ୍ଗ, ସୋରିଷ କିମ୍ବା ଧନିଆ ପରି ପତ୍ରଯୁକ୍ତ ପନିପରିବା ଖାଇବା ଦ୍ୱାରା କ୍ୟାଲସିୟମ ଏବଂ ଆଇରନର ଶୋଷଣ ପ୍ରଭାବିତ ହୋଇପାରେ।

କମ୍ପ୍ୟୁଟର ଭିଜନ ସିଣ୍ଡ୍ରୋମ୍



ମହାମାରୀ ସମୟରୁ ୱାର୍କ ଫ୍ରମ୍ ହୋମ୍ କାର୍ଯ୍ୟଧାରା ଆରମ୍ଭ ହୋଇଥିଲା। ସେବେଠୁ ଲୋକେ ଫୋନ୍, ଲାପ୍‌ଟପ୍ ତଥା କମ୍ପ୍ୟୁଟର ସ୍କ୍ରିନ୍‌ରେ ଅଧିକ ସମୟ କାମ କରିବା ଆରମ୍ଭ କରିଥିଲେ। ଘଣ୍ଟା ଘଣ୍ଟା ମୋବାଇଲ୍ ଫୋନ୍ ବ୍ୟବହାର ଦ୍ୱାରା ଅନେକ ଲୋକଙ୍କ ଠାରେ ଏବେ 'କମ୍ପ୍ୟୁଟର ଭିଜନ ସିଣ୍ଡ୍ରୋମ' ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ସମୟ ପୂର୍ବରୁ ଏହାର ଚିକିତ୍ସା କରାଇବା ନିହାତି ଆବଶ୍ୟକ। ଦୈନିକ ୮ରୁ ୧୨ ଘଣ୍ଟା କମ୍ପ୍ୟୁଟର ସାମ୍ନାରେ ବସିବା ଦ୍ୱାରା ଆଖି ଉପରେ ପ୍ରଭାବ ପଡ଼େ। ସ୍ପଷ୍ଟ ନ ଦିଶିବା, ଆଖୁ ଶୁଖିଯିବା, ଲାଲ୍ ପଡ଼ି କୁଣ୍ଡାଇ ହେବା, ପାଣି ଗଡ଼ିବା, ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଯେକୌଣସି ସ୍କ୍ରିନ୍‌ରେ କାମ ସମୟରେ ଆଣ୍ଟିଗ୍ଲେୟର ଲେନ୍ସ ବ୍ୟବହାର କରନ୍ତୁ। ଅନ୍ୟଥା କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍ ସ୍କ୍ରିନ୍‌ରେ ଆଣ୍ଟିଗ୍ଲେୟର ସୀସା ଲଗାଇପାରିବେ। କାମରୁ ୫ରୁ ୧୦ ମିନିଟ୍ ବ୍ରେକ୍ ନେଇ ଆଖିକୁ ସୁରକ୍ଷିତ ରଖିପାରିବେ। ବ୍ୟାୟାମଃ ଆଖି ପାଇଁ ଷ୍ଟ୍ରେଚିଂ ବ୍ୟାୟାମ କରନ୍ତୁ। ସ୍କ୍ରିନ, ବଲ୍ବ, ଟ୍ୟୁବ୍‌ଲାଇଟ୍ର ଆଲୋକ ଯେପରି ଆଖି ଉପରେ ନ ପଡ଼ିବ ସେଥିପ୍ରତି ସଚେତନ ରୁହନ୍ତୁ। କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍ରେ କାମ କରିବା ସମୟରେ ଲାଇଟ୍ ଲିଭାନ୍ତୁନି। ଆଖି ସମସ୍ୟା ଦେଖାଗଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚଷମା ଲଗାନ୍ତୁ। ଡେସ୍କଟପ୍, ଲାପଟପ୍, ମୋବାଇଲ୍‌କୁ ଆଖିଠାରୁ ଦେଢ଼ଫୁଟ ଦୂରରେ ରଖନ୍ତୁ। ଆଖି ଶୁଖିଲା ଲାଗିଲେ, ଆଇଡ୍ରପ୍ ପକାନ୍ତୁ। ଅଧ ଘଣ୍ଟାରେ କମ୍ପ୍ୟୁଟର ପାଖରୁ ଉଠି ଆଖିକୁ ଦୁଇ ମିନିଟ୍ ବନ୍ଦ କରିବା ଦ୍ୱାରା ଏପରି ସମସ୍ୟାରୁ ଆରାମ ପାଇପାରିବେ।

ଅରଖରେ ରହିଛି ଔଷଧୀୟ ଗୁଣ

ଆପଣଙ୍କ ଘରର ଆଖପାଖରେ ନିଶ୍ଚିତ ଭାବେ ଅରଖ ଗଛ ରହିଥିବ। ଏହି ଗଛ ବଢ଼ିବା ପାଇଁ କୌଣସି ଯତ୍ନ ନେବା ଆବଶ୍ୟକତା ନାହିଁ। ଏହି ଗଛର ଦୁଇ ପ୍ରକାର ଫୁଲ ଦେଖିବାକୁ ମିଳିଥାଏ। ଏହି ଗଛର ଧାର୍ମିକ ମହତ୍ତ୍ୱ ଥିବା ସହିତ ଭଗବାନ ଶିବଙ୍କ ଅତି ପ୍ରିୟ ହୋଇଥାଏ ଅରଖ ଫୁଲ। ଭଗବାନ ଶିବଙ୍କୁ ଏହାକୁ ଚଢାଇବା ଦ୍ୱାରା ସର୍ବଦା ତାଙ୍କ କୃପା ଲାଗିରହିଥିବା ସହିତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏହି ଗଛ ବିଷାକ୍ତ ହେବା ସତ୍ତ୍ୱେ ଶରୀର ପାଇଁ ବହୁତ ଫାଇଦାଯୁକ୍ତ ହୋଇଥାଏ। ଆସନ୍ତୁ ଜାଣିବା କ'ଣ ରହିଛି ଏହି ଗଛର ଫାଇଦା। ଯଦି ଆପଣଙ୍କର କୁଞ୍ଚିଆ ହୋଇଥାଏ, ତେବେ ଅରଖ ଗଛର ଚେରକୁ ନେଇ ନିଆଁରେ ପୋଡି ତା'ର ପାଉଁଶରେ ସୋରିଷ ମିଶାଇ ଶରୀରରେ ମାଲିସ କରନ୍ତୁ ଆରାମ ମଳିବ। ଶରୀରର କୌଣସି ଅଙ୍ଗରେ କାଚ କିମ୍ବା ଅଣ୍ଟା ପଶିଯାଏ, ତେବେ ଏହି ଗଛରୁ ବାହାରୁଥିବା କ୍ଷୀରରେ କାଚ କିମ୍ବା କଣ୍ଟା ପଶିଥିବା ଜାଗାରେ ପକାନ୍ତୁ। ଏହା ଆପେ ଆପେ ବାହାରିଯିବ। ଆପଣଙ୍କ କାଶ ଲାଭ ହେଉନାହିଁ, ତେବେ ଏହାର ଚେରକୁ ଶୁଖାଇ ଭଲଭାବେ ଗୁଣ୍ଡ କରିଦିଅନ୍ତୁ। ସେଥିରେ କିଛି ଗୋଲମରିଚ ଗୁଣ୍ଡ ମିଶାଇ ଛୋଟ ଛୋଟ ଗୋଲି କରି ସକାଳ ଏବଂ ସନ୍ଧ୍ୟାରେ ଖାଆନ୍ତୁ ମୁକ୍ତି ମିଳିବ।ଯଦି ଆପଣଙ୍କର ନଖ ସଂକ୍ରମିତ କୌଣସି ସମସ୍ୟା ରହିଛି, ତେବେ ଅରଖପତ୍ର ଚେରକୁ ଘୋରି ନଖରେ ଲଗାନ୍ତୁ। ସମସ୍ୟାରୁ ତ୍ରାହି ମିଳିବ।

ଖଣି ଅଞ୍ଚଳରେ ପାଉଁଶ ଜହର !

ଧୂଳି, ଧୂଆଁରେ ଅସ୍ତବ୍ୟସ୍ତ ଜନଜୀବନ

କେନ୍ଦୁଝର,୨୭।୧୦ (ସଂଚାର ବ୍ୟୁରୋ): ଦିନେ ଖଣିଜ ସମ୍ପଦକୁ ନେଇ ଗର୍ବ କରୁଥିଲେ ଅଞ୍ଚଳବାସୀ । ଖଣି ଓ କାରଖାନା ପାଇଁ ଧନୀ ଜିଲ୍ଲାର ପରିଚୟ ପାଇଥିବା କେନ୍ଦୁଝର ଏବେ ପ୍ରଦୂଷଣର ଜ୍ୱାଳାରେ ଛଟପଟ । ଯେଉଁ ଖଣି ଓ କାରଖାନା ଅଞ୍ଚଳର ସମୃଦ୍ଧିର ପ୍ରତୀକ ଥିଲା, ତାହା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଅଭିଶାପ ପାଲଟିଥିବା ଅଭିଯୋଗ ହୋଇଛି । ଧୂଳି, ଧୂଆଁ ଓ ପ୍ରଦୂଷିତ ପରିବେଶ ଭିତରେ ଦୁର୍ବିସହ ହୋଇପଡ଼ିଛି ଜନଜୀବନ । ଏ ଚିତ୍ର କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଭଦ୍ରାସାହି ଓ ଏହାର ଆଖପାଖ ଗାଁର । ଯୁଆଡ଼େ ଦେଖିବେ, ସବୁଠି ପାଉଁଶର ପାହାଡ଼। କାରଖାନାରୁ ନିର୍ଗତ ପାଉଁଶର ସଠିକ୍ ପରିଚାଳନା ହେଉନଥିବାରୁ ରାସ୍ତାଘାଟ ଓ ନାଳରେ ପାଉଁଶ ପକାଯାଉଥିବା ଅଭିଯୋଗ ହୋଇଛି । ପବନରେ ଉଡ଼ି ପାଉଁଶ ଘର ଭିତରେ ପଶୁଛି । ଏପରିକି ଖାଦ୍ୟରେ ମଧ୍ୟ ମିଶୁଛି ପାଉଁଶ ଗୁଣ୍ଡ । ବିଶୁଦ୍ଧ ବାୟୁ ଟିକିଏ ପାଇବା ପାଇଁ ସଂଘର୍ଷ କରୁଛନ୍ତି ଲୋକେ । ଖଣି ଓ ଶିଳ୍ପାଞ୍ଚଳରେ ବିକାଶର ଚିତ୍ର ଏବେ ପ୍ରଦୂଷଣର କଳାଛାୟାରେ ଢାଙ୍କି ହୋଇଯାଇଛି । କେବଳ ବାୟୁ ନୁହେଁ, ଜଳ ପ୍ରଦୂଷଣକୁ ନେଇ ମଧ୍ୟ ବଢ଼ିଛି ଚିନ୍ତା । ପାଉଁଶ ମିଶା ନାଳ ପାଣି ବୋହିଯାଇ ନଦୀରେ ମିଶୁଥିବାରୁ ଜଳ ପ୍ରଦୂଷିତ ହେଉଥିବା ଅଭିଯୋଗ ହୋଇଛି । ଏଭଳି ସ୍ଥିତିରେ ପରିବେଶ ସୁରକ୍ଷା ସହ ଲୋକଙ୍କ ସ୍ୱାସ୍ଥ୍ୟକୁ ନେଇ ଉଠିଛି ଗମ୍ଭୀର ପ୍ରଶ୍ନ। ଅଞ୍ଚଳବାସୀଙ୍କ ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

ଖଣିଜ ସମ୍ପଦରେ ଭରପୂର କେନ୍ଦୁଝରରେ ବିକାଶର ମୂଲ୍ୟ କ'ଣ ପ୍ରଦୂଷଣ ଓ ଦୁର୍ଦ୍ଦଶା ? କେବେ ହେବ ପାଉଁଶର ସୁପରିଚାଳନା ? କେବେ ମିଳିବ ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ବାୟୁ ଓ ନିର୍ମଳ ଜଳ ? ଏବେ ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ।

ବାରମ୍ବାର ବିଦ୍ୟୁତ ଟ୍ରାନ୍ସଫରମର ଚୋରୀ

ଟ୍ରାନ୍ସଫରମର୍ ତାଡି ତା ଭିତରେ ଥିବା ତମ୍ବା ଲୁଟି ନେଇଥିଲେ ଦୁର୍ବୃତ୍ତ

ବୈଶିଙ୍ଗା,୨୭।୧୦(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଞ୍ଚଳରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଟ୍ରାନ୍ସଫରମର୍ ଲୁଟେରା। ମାସେ ଭିତରେ ଦଶଟି ବିଦ୍ୟୁତ ଟ୍ରାନ୍ସଫରମର୍ ଲୁଟି ନେଇଥିବା ଯୋଗୁଁ ଶତାଧିକ ପରିବାର ଅନ୍ଧାରରେ ରହିବାକୁ ବାଧ୍ୟ ହୋଇଛନ୍ତି। ସୋମବାର ରାତିରେ ହେମପୁର, ପଦ୍ମନାଭପୁର ଓ ପାଟୁଳିପୁରା ଗ୍ରାମରୁ ଲୁଟ୍ ହୋଇଥିବା ନେଇ ଟାଟା ପାୱାର କାର୍ଯ୍ୟାଳୟ ପକ୍ଷରୁ ଥାନାରେ ଅଭିଯୋଗ ଦାଖଲ କରାଯାଇଛି। ଏହା ପୂର୍ବରୁ ଗତ ୨୪ ତାରିଖରେ ମଧ୍ୟ ଗୋଟିଏ ରାତିରେ ୪ ଟି ଟ୍ରାନ୍ସଫରମର୍ ଚୋରି ହୋଇଥିବା ନେଇ ଏତଲା ଦିଆଯାଇଥିଲା। ଏହା ପୂର୍ବରୁ ମଧ୍ୟ ତିନୋଟି ଟ୍ରାନ୍ସଫରମର୍ ତାଡି ତା ଭିତରେ ଥିବା ପ୍ରାୟ ତିରିଶ କେଜି ତମ୍ବା କଏଲ୍ ଲୁଟି ନେଇଥିଲେ ଦୁର୍ବୃତ୍ତ। ଲୁଟ୍ ବେଳର କିଛି ସିସିଟିଭି କ୍ୟାମେରା ଫୁଟେଜ ମଧ୍ୟ କର୍ତ୍ତୃପକ୍ଷ ପୋଲିସକୁ ଯୋଗାଇ ଦେଇଛନ୍ତି। ଏତେସବୁ ସତ୍ତ୍ୱେ ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିଲେ ମଧ୍ୟ ଏହାକୁ ରୋକିବାରେ ସକ୍ଷମ ହୋଇପାରିନାହିଁ ପୁଲିସ ପ୍ରଶାସନ। ଫଳରେ ବିଦ୍ୟୁତ ଉପଭୋକ୍ତା ମାନଙ୍କ ଚିନ୍ତା ବଢ଼ିଯାଇଛି।

ଜୁଆ ଆଡ୍ଡା ଉପରେ ପୁଲିସର ଚଢ଼ାଉ, ୭ ଗିରଫ

ମ. ରାମପୁର,୨୭।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ମ. ରାମପୁର ଥାନା ଅନ୍ତର୍ଗତ ବଡ଼ ଡୁଙ୍ଗୁରିଗୁଡ଼ା ଅଞ୍ଚଳରେ ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି। ଏହି ସମୟରେ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ, ଗାଡ଼ିକୁ ପଥର ମାଡ଼ ଓ ସରକାରୀ କାର୍ଯ୍ୟରେ ବାଧା ଦେବା ଅଭିଯୋଗ ହୋଇଛି। ଏ ନେଇ ମ. ରାମପୁର ଥାନାରେ କେସ୍ ନମ୍ବର ୨୭୧/୨୦୨୬ ରୁଜୁ ହୋଇଛି।ପୁଲିସର ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଅକ୍ଟୋବର ୨୬ ତାରିଖ ରାତି ପ୍ରାୟ ୧ଟା ୩୦ ମିନିଟ୍‌ରେ ବଡ଼ ଡୁଙ୍ଗୁରିଗୁଡ଼ା ଅଞ୍ଚଳରେ ଟଙ୍କା ଲଗାଇ ଜୁଆ ଖେଳ ଚାଲିଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ରାତି ପ୍ରାୟ ୧ଟା ୪୫ ମିନିଟ୍‌ରେ ପୁଲିସ ଦଳ ସେଠାରେ ପହଞ୍ଚି ଚଢ଼ାଉ କରିଥିଲା। ଏହି ସମୟରେ ଜୁଆ ଖେଳୁଥିବା ବ୍ୟକ୍ତିମାନେ ପୁଲିସକୁ ଗାଳିଗୁଲଜ କରିବା ସହ ଗାଡ଼ି ଉପରକୁ ପଥର ମାଡ଼ କରିଥିବା ଏବଂ ପୁଲିସ କର୍ମଚାରୀଙ୍କୁ ମାଡ଼ ମାରି ହତ୍ୟା ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଏଥିସହ ଜଣେ ମହିଳା ହୋମ୍‌ଗାର୍ଡଙ୍କୁ ବେକରୁ ଧରି ତଳେ ଘୋଷାଡ଼ି ନେଇ ହତ୍ୟା ଉଦ୍ୟମ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଘଟଣାସ୍ଥଳରୁ ୭ ଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ଅନ୍ୟ ୨ ଜଣ ଫେରାର ହୋଇଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ନୂନପୁର ଗ୍ରାମର ଘନଶ୍ୟାମ ରଣା, ରିସିଡ଼ା ଗ୍ରାମର ଦୟାନିଧି ଭୋଇ, ବଡ଼ ଡୁଙ୍ଗୁରିଗୁଡ଼ାର ଶକ୍ତି ପୁଟେଲ ଓ ସୁବ୍ରତ ମିଶ୍ର, ମଦନପୁର ଗ୍ରାମର ଦେବରାଜ ଦଣ୍ଡିଆ, ରିସିଡ଼ାର ରାଧେଶ୍ୟାମ ରଣା ଏବଂ ରିସିଡ଼ାର କାମଦେବ ପଧାନ। ପୁଲିସ ଘଟଣାସ୍ଥଳରୁ ଜୁଆ ଖେଳରେ ବ୍ୟବହୃତ ଏକ ବାଉଁଶ ଝୁଡ଼ି, ୬ଟି ଡାଇସ୍, ୧୩ ହଜାର ୨୦୦ ଟଙ୍କା, ଗୋଟିଏ ମୋଟରସାଇକେଲ ଓ ୫ଟି ମୋବାଇଲ ଫୋନ୍ ଜବତ କରିଛି। ଏହି ଘଟଣାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ବିଭିନ୍ନ ଧାରା ଓ ଓଡ଼ିଶା ପ୍ରିଭେନସନ୍ ଅଫ୍ ଗ୍ୟାମ୍ବଲିଂ ଆକ୍ଟର ଧାରା ୩ ଅନୁଯାୟୀ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ବିଜୟ କୁମାର ବେନିଆଙ୍କ ରିପୋର୍ଟ ଆଧାରରେ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି।

ଗଞ୍ଜେଇ ଚାଷ ଅଭିଯୋଗରେ ଜଣେ ଗିରଫ

ଫିରିଙ୍ଗିଆ,୨୭।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାରୁ ମାର୍ଚ୍ଚ ମାସ ସୁଦ୍ଧା ଗଞ୍ଜେଇ ଚାଷକୁ ନିପାତ କରିବାକୁ ତଥା ଜିରୋ ଗଞ୍ଜେଇ ଚାଷ ଉପରେ ଆଇଜି ହିମାଂଶୁ କୁମାର ଲାଲ୍ ନିର୍ଦ୍ଦେଶ ଦେବାପରେ ଆକ୍ସନ ମୁଡ୍ ରେ ଫିରିଙ୍ଗିଆ ପୁଲିସ। ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ ନିର୍ଦ୍ଦେଶ କ୍ରମେ

ଫୁଲବାଣୀ ସଦର ଏସଡିପିଓ ଶୁଭ୍ରଜିତ୍ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲିଧର ସାହୁ, ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁ ବେଆଇନ ଗଞ୍ଜେଇ ଚାଷ ବିରୋଧରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ମିଳିତ ଚଢ଼ଉ କରାଯାଇଛି। ପୋଲିସ, ଅବକାରୀ, ରାଜସ୍ୱ ଏବଂ ବନ ବିଭାଗର ମିଳିତ ଟିମ୍ ଫିରିଙ୍ଗିଆ ର ଯାଜେଶପଙ୍ଗା ପଞ୍ଚାୟତ କୁମ୍ବାରପଦର ଗାଁ ରେ ଏକକାଳୀନ ଚଢ଼ଉ କରି ପ୍ରାୟ ୩୦ ଏକର ଜମିରେ ଲାଗିଥିବା ବେଆଇନ ଗଞ୍ଜେଇ ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଏହି ଅଭିଯାନ ବେଳେ ଗଞ୍ଜେଇ ଚାଷରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛିଏବଂ ଏନଡିପିଏସ ଆଇନର ଧାରା ୭୦୯/୨୬ଅନୁସାରେ ମାମଲା ରୁଜୁ ହୋଇଛି।ପାହାଡ଼ିଆ ଦୁର୍ଗମ ଇଲାକା, ଜଙ୍ଗଲ ଜମି ଏବଂ ନଦୀ ନାଳ କୂଳରେ ଲୁଚି ରହିଥିବା ଏହି ବେଆଇନ ଗଞ୍ଜେଇ ଚାଷ ଜମିଗୁଡ଼ିକୁ ଠାବ କରିବା ପାଇଁ ପ୍ରଶାସନ ପକ୍ଷରୁ ଡ୍ରୋନ୍‌ର ସାହାଯ୍ୟ ନିଆଯାଇଥିଲା। ଗଞ୍ଜେଇ ଚଢ଼ଉକାରୀ ଦଳରେ ୪୦ ଜଣ ସଦସ୍ୟ ରହିଥିଲେ। ମାଜିଷ୍ଟ୍ରେଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଞ୍ଜେଇ ଗଛଗୁଡ଼ିକୁ ଉପୁଡ଼ା ଯାଇ ନିଆଁ ଲଗାଇ ଭସ୍ମୀଭୂତ କରାଯାଇଛି। ଆଇନଗତ ପ୍ରମାଣ ପାଇଁ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରି ସିଲ୍ କରାଯାଇ ଭୁବନେଶ୍ୱରସ୍ଥିତ ରାଜ୍ୟ ଫୋରେନସିକ୍ ସାଇନ୍ସ ଲ୍ୟାବ୍ (ଏସ୍‌ଏଫଏସ୍‌ଏଲ୍)କୁ ପରୀକ୍ଷା ପାଇଁ ପଠାଯାଇଛି। ଫିରିଙ୍ଗିଆ ବ୍ଲକ ଯାଜେସପଙ୍ଗା ପଞ୍ଚାୟତର କୁମ୍ବାରପଦର ପ୍ରାୟ ୩୦ ଏକର ଚିତ୍ତସେନ କହଁର ଜିଲ୍ଲାରେ ବେଆଇନ ନିଶା କାରବାର ବିରୋଧରେ 'ଜିରୋ ଟଲରାନ୍ସ' ନୀତି ଆପଣାଯାଇଛି ବୋଲି ପ୍ରଶାସନ ସ୍ପଷ୍ଟ କରିଛି।

'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳନ

ବଲାଙ୍ଗୀର,୨୭।୧୦ (ସଂଚାର ବ୍ୟୁରୋ): ଓଡ଼ିଶାରେ ଅକ୍ଟୋବର ୨୬ ରୁ ନଭେମ୍ବର ୧, ୨୦୨୬ ପର୍ଯ୍ୟନ୍ତ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳନ କରାଯାଉଛି। ଏହି ଅବସରରେ ଆଜି ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରଠାରେ ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ସରକାରୀ ଅଧିକାରୀ, କର୍ମଚାରୀ ଓ ନାଗରିକମାନଙ୍କୁ ସାଧୁତା, ସଚ୍ଚୋଟତା ଏବଂ ନିଷ୍ଠାର ଶପଥ ଗ୍ରହଣ କରାଇଥିଲେ। ବଲାଙ୍ଗୀରରୁ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଆଭାଷୀ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଶପଥ ପାଠ କରିଥିଲେ। ଏହି ଅବସରରେ ଉପ-ଆରକ୍ଷୀ ଅଧିକ୍ଷକ (ଭିଜିଲାନ୍ସ) ପୁଲସ୍ତି ଛତ୍ରିଆ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ନିବେଦିତା ସ୍ୱାଇଁ, ଶୋଭିନା ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସରୋଜ କୁମାର ମେହେର, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାକ୍ତି, ସହକାରୀ ଜିଲ୍ଲାପାଳ ରାମ ନାରାୟଣ ମିଶ୍ର, ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହାଛଡ଼ା ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସମିତି ତଥା ସରକାରୀ କାର୍ଯ୍ୟାଳୟମାନଙ୍କରେ ମଧ୍ୟ ଆଭାଷୀ ମାଧ୍ୟମରେ ଏହି ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ କେନ୍ଦ୍ରୀୟ ସତର୍କତା ଆୟୋଗ ଦ୍ୱାରା ନିର୍ଦ୍ଧାରିତ ମୂଳ ବିଷୟବସ୍ତୁ "ସାଧୁତାରୁ ସମୃଦ୍ଧି" କୁ ଆଧାର କରି ଏହି ସପ୍ତାହ ପାଳନ କରାଯାଉଛି।

ପ୍ରଶାସନ ସହାୟତାରେ ୨ ଜଣ ଅନାଥ ଶିଶୁଙ୍କର ବିଦ୍ୟାଳୟରେ ନାମ ଲେଖା

ବୈଶିଙ୍ଗା,୨୭।୧୦ (ସଂଚାର ବ୍ୟୁରୋ): ବେତନଟୀ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂଙ୍କ ନିର୍ଦ୍ଦେଶକ୍ରମେ ୨ଜଣ ଅନାଥ ଶିଶୁ, ସତ୍ୟ ସିଂ, ଲିପୁନ ସିଂଙ୍କୁ ଗ୍ରାମ- ବିଷ୍ଣୁପୁର, ଅଞ୍ଚଳରୁ ଉଦ୍ଧାର କରାଯାଇ ରାଇକମା ଆଶ୍ରମ ବିଦ୍ୟାଳୟରେ ଯଥାକ୍ରମେ ସପ୍ତମ ଓ ଦ୍ୱିତୀୟ ଶ୍ରେଣୀରେ ଆଡମିଶନ କରାଯାଇଥବା ଜଣାଯାଇଛି। ଉଲ୍ଲେଖଯୋଗ୍ୟ ଏହି ଯେ, ପିତା - ଅର୍ଜୁନ ସିଂ ମୃତ୍ୟୁବରଣ କରିବାପରେ ମାତା - ସଞ୍ଜିତା ସିଂ ୨ଜଣ ସନ୍ତାନଙ୍କୁ ଛାଡ଼ି ଅନ୍ୟତ୍ର ବସବାସ କରୁଛନ୍ତି। ଆଜି ବଡ଼ମା ରେବତୀ ସିଂଙ୍କ ସହାୟତାରେ ୨ ଜଣ ଭାଇ ରାଇକମା ଆଶ୍ରମ ବିଦ୍ୟାଳୟରେ ପହଞ୍ଚିବାରୁ ପ୍ରଧାନଶିକ୍ଷକ ରଜତ କୁମାର ଦାଶ ସେମାନଙ୍କର ଉପଯୁକ୍ତ ଶ୍ରେଣୀରେ ଆଡ଼ମିଶନ କରିଥିଲେ। ଏଥି ସହିତ ବିଦ୍ୟାଳୟ ତରଫରୁ ସ୍କୁଲ ବ୍ୟାଗ, ଖାତା, କଲମ ଆଦି ଦିଆଯିବା ସହିତ ଛାତ୍ରାବାସରେ ରହିବାର ସୁବନ୍ଦୋବସ୍ତ କରାଯାଇଥିଲା।ବିଦ୍ୟାଳୟର ସମସ୍ତ ଶିକ୍ଷିକା, କର୍ମଚାରୀ ଉପସ୍ଥିତ ରହି ୨ ଅନାଥ ଶିଶୁଙ୍କୁ ପାଠ ପଢିବା ପାଇଁ ଉତ୍ସାହିତ କରିଥିଲେ। ଏହିଭଳି ଅନାଥ ଶିଶୁମାନଙ୍କ ନିମନ୍ତେ ମଙ୍ଗଳକାରୀ ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ଅଭିଭାବକମାନେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

ଆଧ୍ୟାତ୍ମିକ ଜାଗୃତି ଦ୍ୱାରା ବିଶ୍ୱ ନବନିର୍ମାଣ ସମ୍ଭବ ହୋଇପାରିବ

ବୈଶିଙ୍ଗା,୨୭।୧୦(ସଂଚାର ବ୍ୟୁରୋ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ଭ୍ରାତା ବ୍ରହ୍ମାକୁମାର ଭଗବାନ ଭାଇଙ୍କ ତୃତୀୟ ପୁଣ୍ୟ ସ୍ମୃତି ଦିବସ ବୈଶିଙ୍ଗା ଥାନା ଅଧୀନ ପତଡ଼ା ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଗୀତା ପାଠଶାଳାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦ୍ୱିଦିବସୀୟ କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଜାଗୃତି ଦ୍ୱାରା ବିଶ୍ୱ ନବନିର୍ମାଣ କାର୍ଯ୍ୟକ୍ରମ ଉଦଘାଟିତ ହେବା ସହ ଜାତୀୟ ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ବିଭିନ୍ନ କୃତୀ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ରାଜଯୋଗିନୀ ତଥା ଭୁବନେଶ୍ୱର ୟୁନିଟ-୮ ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମା କୁମାରୀ ଦୁର୍ଗେଶ ନନ୍ଦିନୀ ଭଉଣୀ ମୁଖ୍ୟ ଆକର୍ଷଣ ଭାବେ ଯୋଗ ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସେବାକେନ୍ଦ୍ରର ଶତାଧିକ ବ୍ରହ୍ମାବତ୍ସଳ ରବିବାର ସେବା ସ୍ଥଳରେ ପହଞ୍ଚି ବିଶ୍ୱ ଶାନ୍ତି ନିମନ୍ତେ ରାଜଯୋଗ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀଙ୍କ ୫୦ ବର୍ଷରୁ ଊର୍ଦ୍ଧ୍ୱ ସାଧନା ଏବଂ ସେବାର ସଫଳତା ପାଇଁ ସମସ୍ତ ବ୍ରହ୍ମାବତ୍ସଳଙ୍କ ଉପସ୍ଥିତରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହା ସହ ସୋମବାର ଦିନ ଆଧ୍ୟାତ୍ମିକ ଜାଗୃତି ଦ୍ୱାରା ବିଶ୍ୱ ନବନିର୍ମାଣ ବିଷୟବସ୍ତୁକୁ ଆଧାର କରି ଏକ ସଭାକାର୍ଯ୍ୟର ଆୟୋଜନ କରାଯାଇଥିଲା।

କ୍ଷେତ ବଞ୍ଚାଅ ଅଭିଯାନ: ଜୈବିକ କୃଷିକୁ ପ୍ରୋତ୍ସାହନ ମୁଖ୍ୟ ଲକ୍ଷ୍ୟ

କେସିଙ୍ଗା,୨୭।୧୦(ସଂଚାର ବ୍ୟୁରୋ): ଚାଷଜମିର ସୁରକ୍ଷା, ମୃତ୍ତିକାର ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ଜୈବିକ ଓ ପ୍ରାକୃତିକ କୃଷି ପଦ୍ଧତିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ 'କ୍ଷେତ ବଞ୍ଚାଅ ଅଭିଯାନ' ଆରମ୍ଭ ହୋଇଛି। କେସିଙ୍ଗା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଆନୁକୂଲ୍ୟରେ ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ସୋମବାରଠାରୁ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଭିଯାନର ପ୍ରଥମ ଦିନରେ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ମୃତ୍ତିକା ସୁରକ୍ଷା ଏବଂ ପ୍ରାକୃତିକ କୃଷି ପଦ୍ଧତି ସମ୍ପର୍କରେ ସଚେତନ କରାଇଥିଲେ। କେସିଙ୍ଗା ବ୍ଲକ କୃଷି ଅଧିକାରିଣୀ ନିରୂପମା ଗୌଡ଼ିଆଙ୍କ ସମେତ ବହୁ କୃଷି କର୍ମଚାରୀ ଏଥିରେ ସାମିଲ ହୋଇ ମହିଳା ଚାଷୀ ଓ ମହିଳା ଗୋଷ୍ଠୀଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଚାଷଜମିର ଉର୍ବରତା ବଜାୟ ରଖିବା, ରାସାୟନିକ ସାର ଓ କୀଟନାଶକର ଅତ୍ୟଧିକ ବ୍ୟବହାର ହ୍ରାସ କରିବା ଏବଂ ଜୈବିକ ସାର ଓ ପ୍ରାକୃତିକ କୃଷି ପଦ୍ଧତିକୁ ଆପଣାଇବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଉଛି।

ବିଜେଡି ଓ କଂଗ୍ରେସର ୭ ଶହରୁ ଅଧିକ କର୍ମୀ ବିଜେପିରେ ଯୋଗଦାନ

ଧର୍ମଗଡ଼,୨୭।୧୦(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ସ୍ଥିତ ରାଜ ହୋଟେଲଠାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଜେଡି ଓ କଂଗ୍ରେସର ୭ ଶହ ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବିଜେପିରେ ସାମିଲ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ଅନୁପ୍ରାଣିତ ହୋଇ ଏହି କର୍ମକର୍ତ୍ତାମାନେ ବିଜେପିରେ ଯୋଗଦେଇଥିବା ଜଣାପଡ଼ିଛି। ଏହି ମିଶ୍ରଣ ପର୍ବକୁ ନେଇ ଧ